# କୁବେର ଜ୍ୟୋତି



ସ୍ମରଣିକା
୨୦୧୮

## ସାମାଜିକ, ସାଂସ୍କୃତିକ ସାହିତ୍ୟିକ ମୁଖପତ୍ର

(ଦ୍ୱିତୀୟ ସଂଖ୍ୟା)


## କୁବେର ସମାଜ ପଶ୍ଚିମାଞ୍ଚଳ ଓଡ଼ିଶା ଓ ଛତିଶଗଡ଼

ମୁଖ୍ୟ କାର୍ଯ୍ୟାଳୟ: କୁବେର ଭବନ, ମହୁଲପାଲି, ପଦ୍ମପୁର, ବରଗଡ଼

ମୋ: ୯୪୩୮୫୩୦୫୮୦

ଇମେଲ୍: kubersamaj@gmail.com / www.kubersamaj.in

# ସମ୍ପାଦନା ମଣ୍ଡଳୀ

| | | | |
|---|---|---|---|
| **ମୁଖ୍ୟ ସମ୍ପାଦକ** | : | ଚୁଡ଼ାମଣୀ ସାହୁ, ମହୁଲପାଲି, ପଦ୍ମପୁର, ବରଗଡ଼ | ୯୫୫୬୯୬୦୫୪୭ |
| **ଉପମୁଖ୍ୟ ସମ୍ପାଦକ** | : | ରମେଶ କୁମାର ସାହୁ, କୁଡ଼ାସିଂହା, ବଲାଙ୍ଗୀର | ୯୪୩୮୫୩୦୫୮୦ |
| **ସମ୍ପାଦନା ସହଯୋଗୀ** | : | ବିଜୟ କୁମାର ସାହୁ, ପାଟଣାଗଡ଼ | ୯୭୭୭୨୩୧୭୨୬ |
| | | ମୀନତି ସାହୁ, କାନୁଟ | ୭୮୯୪୭୬୫୭୬୬ |
| | | ପ୍ରହଲ୍ଲାଦ ସାହୁ, ବଲାଙ୍ଗୀର | ୯୪୩୮୨୮୨୦୬୦ |
| **ବିଜ୍ଞାପନ ସଂଗ୍ରହ କମିଟୀ** | : | ଲକ୍ଷ୍ମଣ କୁମାର ସାହୁ, ପାଇକମାଲ, ବରଗଡ଼ | ୯୯୩୮୫୪୯୫୬୯ |
| | | ସୁରେଶ କୁମାର ସାହୁ, ପାଇକମାଳ, ବରଗଡ଼ | ୯୭୭୬୫୨୮୨୩୩ |
| | | ସୁଶୀଳ କୁମାର ସାହୁ, ସୁନାମୁଦି, ବଲାଙ୍ଗୀର | ୯୪୩୮୨୧୯୯୨୫ |
| | | ସୋମନାଥ ସାହୁ, ଟିଟିଲାଗଡ଼, ବଲାଙ୍ଗୀର | ୯୮୫୩୭୮୨୯୫୯ |
| **ସହାୟତା କମିଟୀ** | : | ଡ. ଲଳିତ କୁମାର ସାହୁ, କୁଡ଼ାସିଂହା, ବଲାଙ୍ଗୀର | ୯୪୩୭୩୬୮୦୬୪ |
| | | ନିତ୍ୟାନନ୍ଦ ସାହୁ, ପାଟଣାଗଡ଼, ବଲାଙ୍ଗୀର | ୮୬୫୮୦୬୬୨୫୫ |
| | | ପ୍ରଦୀପ କୁମାର ସାହୁ, ବଲାଙ୍ଗୀର | ୯୪୩୭୧୫୦୯୬୯ |
| **ଉପଦେଷ୍ଟା ମଣ୍ଡଳୀ** | : | ରାମହରି ସାହୁ, ଟିଟିଲାଗଡ଼, ବଲାଙ୍ଗୀର | ୯୯୩୮୩୦୮୫୮୯ |
| | | ବସନ୍ତ ଖୁଣ୍ଟିଆ, ମାଣ୍ଡୋସିଲ, ବରଗଡ଼ | ୯୯୩୭୦୨୭୦୯୫ |
| **ପ୍ରଚ୍ଛଦପଟ୍ଟ ଅଳଙ୍କରଣ** | : | ହରେକୃଷ୍ଣ ସାହୁ, କୁଡ଼ାସିଂହା, ବଲାଙ୍ଗୀର | ୯୪୩୮୨୮୫୦୧୬ |
| **ପ୍ରଚ୍ଛଦପଟ୍ଟ ସହଯୋଗୀ** | : | ସଞ୍ଜୟ ମାଝୀ, କୁଡ଼ାସିଂହା, ବଲାଙ୍ଗୀର | ୮୬୫୮୫୬୧୭୪୬ |


ଚୁଡ଼ାମଣୀ ସାହୁ


ରମେଶ କୁମାର ସାହୁ


ବିଜୟ ସାହୁ


ରାମହରି ସାହୁ


ବସନ୍ତ ଖୁଣ୍ଟିଆ


ପ୍ରହଲ୍ଲାଦ ସାହୁ

କୁବେର ସମାଜ ପଶ୍ଚିମାଞ୍ଚଳ ଓଡ଼ିଶା ଓ ଛତିଶଗଡ଼
ତରଫରୁ ସଭାପତିଙ୍କ ଦ୍ୱାରା ପ୍ରକାଶିତ ଓ ମୁଦ୍ରିତ
**// ସହଯୋଗ ରାଶି: ଟ.୩୦/- //**


ଶ୍ରୀମତୀ ମୀନତି ସାହୁ

Typesetting & Layout: Mishra Computech / 7008612232
Printed at: Chakadola Press, Rugudipada, Balangir, 9853089111 / 9438605858

THE ALL ORISSA TAILIKA VAISHYA MAHASABHA
ନିଖିଳ ଉତ୍କଳ ତୈଳିକ ବୈଶ୍ୟ ମହାସଭା
Regd. No.-340/38 of 1960 - 61, Dt. 30th Nov. 1960
Regd. Off- N-5/462, IRC Village, P.S.- Nayapalli, Bhubaneswar - 751015

Ref..............................

Date ୧୪.୧୨.୧୮



# ଶୁଭେଚ୍ଛା ବାର୍ତ୍ତା

ମୁଁ ଅତ୍ୟନ୍ତ ଆନନ୍ଦିତ ଯେ କୁବେରର ସମାଜ ପଶ୍ଚିମାଞ୍ଚଳ ଓଡ଼ିଶା ଓ ଛତିଶଗଡ଼ (ମହାସଭା) ସମାଜର ଷୋଡ଼ଶ ଏକଦିବସୀୟ ବାର୍ଷିକ ସାଧାରଣ ଅଧିବେଶନ ତା:୨୫.୧୨.୨୦୧୮ ମଙ୍ଗଳବାର ଦିନ ନୂଆପଡ଼ା ଜିଲ୍ଲାସ୍ଥ ନୂଆପଡ଼ା ନଗରର ଭାରଦ୍ୱାଜ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହେବାକୁ ଯାଉଛି । ଅତି ଆନନ୍ଦର କଥା ଅନୁଷ୍ଠାନର କର୍ମକର୍ତ୍ତାମାନେ ଏହି ଅବସରରେ ଏକ ବାର୍ଷିକ ମୁଖପତ୍ର 'କୁବେର ଜ୍ୟୋତି' ପ୍ରକାଶ କରିବାକୁ ଯାଉଛନ୍ତି । ଆଜି ସର୍ବଭାରତୀୟ ସ୍ତରରେ ଆମ ତୈଳିକ ବୈଶ୍ୟ ସମାଜର ପୁନଃଉତ୍ଥାନ ହୋଇଛି ଯାହାକି ଏକ ଶୁଭ ସୂଚନା । ଏହାର ମୁଖ୍ୟ କାରରଣ ହେଲା ଏହି ସମାଜ ସବୁ କ୍ଷେତ୍ରରେ ଏକ ସୁସ୍ଥ ସହମତିରେ ସୁସମ୍ପର୍କ ରଖିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଏହି ସାଧୁ ଉଦ୍ୟମକୁ ମୁଁ ସ୍ୱାଗତ କରିବା ସହ ପ୍ରକାଶିତ ହେଉଥିବା ମୁଖପତ୍ର ପାଇଁ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ତଥା କର୍ମୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ରଘୁନାଥ ସାହୁ

(ରଘୁନାଥ ସାହୁ)

**Satyabhusan Sahu**
Ex-MLA, Padampur

Res.: Mandosil
Dist. Bargarh
Phone: 9437019577



## ଶୁଭେଚ୍ଛା ବାର୍ତ୍ତା

କୁବେର ସମାଜ ପଶ୍ଚିମାଞ୍ଚଳ ଓଡ଼ିଶା ଓ ଛତିଶଗଡ଼ ମହାସଭାର ଷୋଡ଼ଷ ବାର୍ଷିକ ଅଧିବେଶନର ସୁଅବସରରେ ମହାସଭା ତରଫରୁ "କୁବେର ଜ୍ୟୋତି" ଦ୍ୱିତୀୟ ସଂସ୍କରଣ ପତ୍ରିକା ପ୍ରକାଶିତ ହେଉଥିବାର ଅତୀବ ଆନନ୍ଦର ବିଷୟ । ଦୀର୍ଘ ଷୋହଳ ବର୍ଷ ହେଲା କୁବେର ସମାଜର କେତେକ ଜ୍ଞାନୀ, ଗୁଣୀ ତଥା ଅଭିଜ୍ଞ ବ୍ୟକ୍ତି ତଥା ସମାଜପ୍ରେମୀ ଉଦୟୀମାନ ଯୁବକମାନେ ସମାଜର ଉନ୍ନତିକଳ୍ପେ ବିଭିନ୍ନ କାର୍ଯ୍ୟକ୍ରମାନ କରି ଆସୁଛନ୍ତି । ଏହାଦ୍ୱାରା ସାମାଜିକ ସଂଗଠନ ଦୃଢ଼ ହେବା ସଙ୍ଗେ ସଙ୍ଗେ ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ ଅଞ୍ଚଳରେ ବସବାସ କରୁଥିବା ଜାତିଭାଇମାନଙ୍କ ମଧ୍ୟରେ ସଦ୍‌ଭାବ ବୃଦ୍ଧି ପାଉଛି । ପରସ୍ପର ମଧ୍ୟରେ ବନ୍ଧୁତ୍ୱ ଓ ଭାଇଗ୍ନରା ବୃଦ୍ଧି ପାଉଛି । ଏ ଜାତିକୁ ଆଗାମୀ ପୀଢ଼ି ଏକ ମହାଜ୍ ଜାତିରେ ପରିଣତ କରିପାରିବେ ବୋଲି ମୋର ଦୃଢ଼ ଆଶା । ଏହି ମହାନ କାର୍ଯ୍ୟରେ ସେମାନେ ସଫଳ ହୁଅନ୍ତୁ ଏହାହିଁ ଭଗବାନଙ୍କ ନିକଟରେ ମୋର ପ୍ରାର୍ଥନା ।

**(ସତ୍ୟଭୂଷଣ ସାହୁ)**

**Smt. Tukuni Sahu** MLA
Titilagarh, Dist. Balangir
Odisha Legislative Assembly

Qrs. No. R-6, MLA Colony
Unit-V, Bhubaneswar
Cell. No. 9437037710
9438281261
E-mail: tukunisahu.tig@gmail.com



## ଶୁଭେଚ୍ଛା ବାର୍ତ୍ତା

ଉତ୍କଳର ଐତିହ୍ୟକୁ ପାଥେୟ କରି ଯେଉଁ ପୂର୍ବସୁରୀମାନେ ଦୁଃସାହସିକ ନୌବାଣିଜ୍ୟ କରି ଓଡ଼ିଶାର ଅର୍ଥନୀତିକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିଥିଲେ, ସେହି ପୂର୍ବସୂରୀ ଆଜି "କୁବେର ସମାଜ" ନାମରେ ପ୍ରତିଷ୍ଠିତ । ଅତୀତର ଗୌରବ ଓ ଐତିହ୍ୟକୁ ବଜାୟ ରଖିବାକୁ ଆଜି ମଧ୍ୟ କୁବେର ସମାଜର ନିରନ୍ତର ଉଦ୍ୟମ ଜାରି ରହିଛି ।

ଏହି ସୁସ୍ଥ ପରମ୍ପରାର ପ୍ରତିଫଳନ ସ୍ୱରୂପ ଏକ ମହାସଭାର ଆୟୋଜନ ତଥା "କୁବେର ଜ୍ୟୋତି" ନାମକ ପତ୍ରିକା ପ୍ରକାଶ ପାଉଥିବା ଅତି ଆନନ୍ଦର ବିଷୟ ।

ଏହି ଅବସରରେ ପତ୍ରିକା ପ୍ରକାଶନର ସଫଳତା କାମନା ସହ କୁବେର ସମାଜର ସମସ୍ତ ସଦସ୍ୟ, ସଦସ୍ୟା ତଥା ଉଦ୍ୟୋକ୍ତାଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

Tukuni Sahu
(ଟୁକୁନୀ ସାହୁ)

**Pradeep Purohit** MLA
Padampur, Dist. Bargarh
Odisha Legislative Assembly

Vill/Post-Paikamal,
Dist-Baragada-768079,
Odisha
Cell. 9437535846
p.purohit.ola@nic.in



# ଶୁଭେଚ୍ଛା ବାର୍ତ୍ତା

କୁବେର ସମାଜ ପଶ୍ଚିମାଞ୍ଚଳ ଓଡ଼ିଶା ଓ ଛତିଶଗଡ଼ ସାମାଜିକ ସଂଗଠନ ଷୋଡ଼ଶ ବାର୍ଷିକ ସାଧାରଣ ଅଧିବେଶନ ଅବସରରେ ଏକ ସାହିତ୍ୟ କୃତୀ " କୁବେର ଜ୍ୟୋତି" ବାର୍ଷିକ ମୁଖପତ୍ର ଉନ୍ମୋଚିତ ହେଉଥିବା ଅତୀବ ଆନନ୍ଦର ବିଷୟ । ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଦିଗରୁ ଦିଗ୍‌ଦର୍ଶନ ପ୍ରଦାନ କରି ତା'ର ନିଜର ସର୍ବାଙ୍ଗୀନ ଉନ୍ନତିରେ ସହାୟକ ହେବ ଏଥିରେ ସନ୍ଦେହ ନାହିଁ । ମୁଁ ଆଜିକାର ଏହି ଶୁଭ ଅବସରରେ କୁବେର ସମାଜ ଓ ତା'ର ସାରସ୍ୱତ କୃତୀ ଉଭୟଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରି ରହୁଛି ।

(ପ୍ରଦୀପ ପୁରୋହିତ)

# ସୂଚୀପତ୍ର


| କ୍ର.ନଂ. ବିଷୟ | ଲେଖକ | ପୃଷ୍ଠା |
|---|---|---|
| ସମ୍ପାଦକୀୟ ... | | ୯ |
| ସଭାପତିଙ୍କ କଲମରୁ ... | | ୧୦ |
| ଯୁଗ୍ମ ସମ୍ପାଦକଙ୍କ କଲମରୁ ... | | ୧୨ |
| ବାର୍ଷିକ ଅଧିବେଶନ ବିବରଣୀ | | ୧୪ |
| ଭାଗବତ ବାଣୀ | | ୧୭ |
| ସଂଗଠନର ଆଧରଶୀଳା | ଚୂଡ଼ାମଣି ସାହୁ | ୧୯ |
| ଦ୍ୱାର କଳା | ଟିକେଶ୍ୱର ସାହୁ | ୨୩ |
| ମୁଁ | ଲକ୍ଷ୍ମଣ ସାହୁ | ୨୫ |
| ମାନସିକ ବିଶାଦ ଦୂର ... | ଡା. ଲଳିତ କୁମାର ସାହୁ | ୨୭ |
| ଯୋଗ | ଶ୍ରୀମତୀ ନିବେଦିତା ସାହୁ | ୨୯ |
| ଭାରତୀୟ ସଂସ୍କୃତିର ମହନୀୟତା | ଶ୍ରୀମତୀ ସରୋଜିନୀ ସାହୁ | ୩୨ |
| ଯୌତୁକ ଏକ ସାମାଜିକ ବ୍ୟାଧି | ନିତ୍ୟାନନ୍ଦ ସାହୁ | ୩୩ |
| ଶରୀର ରକ୍ଷାରେ ଆହାର | କୁମୁଦିନୀ ସାହୁ | ୩୫ |
| ବ୍ୟକ୍ତିତ୍ୱ ଗଠନରେ ସ୍ୱାସ୍ଥ୍ୟର ପ୍ରଭାବ | ଶ୍ରୀମତୀ ତୃପ୍ତିମୟୀ ସାହୁ | ୩୭ |
| ବୃଦ୍ଧ ପିତାମାତାଙ୍କ ସେବା କର | ଶ୍ରୀମତୀ ବଉଳ ସାହୁ | ୪୦ |
| ପୁରାଣ ପୃଷ୍ଠାରୁ | ପ୍ରୀତମ ସାହୁ | ୪୧ |
| ମାତୃମଞ୍ଚ | ଶ୍ରୀମତୀ ଗୀତାଞ୍ଜଳୀ ସାହୁ | ୪୪ |
| ଓଜସ୍ୱୀନୀ - ଦେବିକା ରୋଟାବେନ୍ | ସୁଶ୍ରୀ ବିନିତା ସାହୁ | ୪୭ |
| ନାରୀ ପ୍ରତି ସମାଜର ଆଭିମୁଖ୍ୟ | ଶ୍ରୀମତୀ ସୁଚିତ୍ରା ସାହୁ | ୫୧ |
| ମାତୃ ଦେବୋଭବ | ଶ୍ରୀମତୀ ବନିତା ସାହୁ | ୫୩ |
| ନାରୀ କ'ଣ କେବଳ ଏକ ଦେହ | ଶ୍ରୀମତୀ ସଂଗୀତା ସାହୁ | ୫୫ |
| ମାଁ ଓ ମମତା | ସ୍ମୃତିମୟୀ ସାହୁ | ୫୯ |
| ସୁସନ୍ତାନର ସୃଷ୍ଟିକାରିଣୀ ନାରୀ | ଶ୍ରୀମତୀ ମିନତୀ ସାହୁ | ୬୧ |
| ମାତୃ ସମ୍ମିଳନୀ ଉପଲକ୍ଷେ | ଶ୍ରୀମତୀ ଅନୁପମା ସାହୁ | ୬୪ |
| ଅଜା ତବ ସ୍ମରଣେ | ଅକ୍ଷୟ କୁମାର ସାହୁ | ୬୯ |
| ଗାଈ ବଞ୍ôଲେ ଦେଶ ବଞ୍ôବ | ଶ୍ରୀମତୀ ହିମାଦ୍ରୀ ତନୟା ସାହୁ | ୭୨ |
| ଅକୁହା କଥା | ଯଜ୍ଞମଣି ସାହୁ | ୭୪ |
| କୁବେର ସମାଜର ଇତିକଥା | ମିଲନ ସାହୁ | ୭୭ |
| ଜାଗରେ କୁବେର ଜାଗରେ | ଯୋଗେଶ୍ୱର ସାହୁ | ୭୯ |
| କୁବେରଙ୍କ ସୃଷ୍ଟି କଥା | ୰ ଗୋପୀନାଥ ସାହୁ | ୮୧ |
| ତିନୋଟି ରହସ୍ୟ ତିନୋଟି ସତ୍ୟ | ଅମ୍ରିତା ସାହୁ | ୮୧ |
| ଏ ଜାତି ମହାନ୍ | ବିଜୟ କୁମାର ସାହୁ | ୮୨ |
| ବାଧାବିଘ୍ନ ପାଦତଳେ ... | ଅନୁବାଦିକା- ସୁନାରାଣୀ ସାହୁ | ୮୬ |
| ଜଟିଳ ପ୍ରଶ୍ନ | ଶୁଶିଲ କୁମାର ସାହୁ | ୮୬ |

| କ୍ର.ନଂ. ବିଷୟ | ଲେଖକ | ପୃଷ୍ଠା |
|---|---|---|
| ଗୋଟିଏ ଗୋଟିଏ | ସ୍ମରଣୀକା ସାହୁ (ଝୁମି) | ୮୮ |
| କହିଲ ଦେଖି ମୁଁ କିଏ ? | ସରୋଜିନୀ ସାହୁ | ୮୮ |
| ଇଟା ତ ମୋର୍ ଜନମ୍ | ଜଗନ ସାହୁ | ୯୦ |
| ପରିବାର | ଶ୍ରୀମତୀ ପିଙ୍କି ସାହୁ | ୯୦ |
| ମା' ପାଇଁ | ସୌରେନ୍ଦ୍ର ସାହୁ (ହେପି) | ୯୧ |
| ସୁନ୍ଦର | ଚକ୍ରଧର ସୁବୁଦ୍ଧି | ୯୧ |
| ଘୋଡ଼ଣୀ | ଚକ୍ରଧର ସୁବୁଦ୍ଧି | ୯୩ |
| ବାପା | ସୁଶ୍ରୀ ରୁକ୍ମଣୀ ସାହୁ | ୯୩ |
| ଅତୀତର ଗାଥା | ବିଜୟ କୁମାର ସାହୁ | ୯୪ |
| ଭକ୍ତିଯୋଗ | ପୂର୍ଣ୍ଣଚନ୍ଦ୍ର ସାହୁ | ୯୫ |
| ମମତାମୟୀ ମାଁ | ଶୁଭମ୍ ସାହୁ | ୯୫ |
| ନବାନ୍ନ | ଫକୀର ସାହୁ | ୯୭ |
| ସାଧବ ପୁଅ | ଅଶୋକ କୁମାର ସାହୁ | ୯୭ |
| ଟିପ୍ ଚିହ୍ନା ତୁଇ ଦେବୁ | ଶ୍ରୀମତୀ ଲକ୍ଷ୍ମୀ ସାହୁ | ୯୯ |
| ଭାରତ ଦେଶ ମୋହର | ସୁଶ୍ରୀ ନିକିତା ରୋଜାଲିନ୍ ସାହୁ | ୯୯ |
| ଝରା ଆଶିଷ | ଶ୍ରୀମତୀ ସସ୍ମିତା ସାହୁ | ୧୦୦ |
| ପେଁକାଳିଟି ବଜାରେ | ଶ୍ରୀମତୀ ଲକ୍ଷ୍ମୀ ସାହୁ | ୧୦୦ |
| ସମ୍ପର୍କ | ସୁନିଲ କୁମାର ସାହୁ | ୧୦୧ |
| ସ୍ୱୟଂସିଦ୍ଧା | ହରେକୃଷ୍ଣ ସାହୁ | ୧୦୨ |
| हमारा समाज | सौदागर साहु | 106 |
| परिवर्तन | हरि साहु | 107 |
| बेटी | श्रीमती स्वागतिका साहु | 107 |
| मैं गीत लिखता जाउंगा | सौदागर साहु | 109 |
| EDUCATION AND IT'S VALUE | Avilas Sahu | 111 |
| THE PLACE OF MOTHER | SMT. SANJUKTA SAHU | 113 |
| MY IMMORTAL GRAND MOTHER | MADHURA SAHU | 115 |
| SUCCESS | PRAHALLAD SAHU | 115 |
| THE SOCIETY | PITABASA SAHU | 116 |
| ସାଇ ବିବରଣୀ ନୂଆପଡ଼ା ସାଇ | | ୧୧୮ |
| ସାଇ ବିବରଣୀ କୁଡ଼ାସିଂହା ସାଇ | | ୧୧୯ |
| ସାଇ ବିବରଣୀ ବଲାଙ୍ଗୀର ସାଇ | | ୧୨୦ |
| କୁବେର ସମାଜ ପାଇକମାଲ ସାଇର ବାର୍ଷିକ ବିବରଣୀ | | ୧୨୧ |
| ସାଇ ବିବରଣୀ ଟିଟିଲାଗଡ଼ ସାଇ | | ୧୨୨ |
| କୁବେର ସମାଜର ପୃଷ୍ଠପୋଷକ ସଭ୍ୟ | | ୧୨୪ |
| କୁବେର ସମାଜର ଆଜୀବନ ସଭ୍ୟ | | ୧୨୪ |
| ବାର୍ଷିକ ଆୟବ୍ୟୟ ବିବରଣୀ | | ୧୨୬ |
| DOMESTIC ITEM GIFTED ... | | 127 |


★★★



# ଅଭିଭାଷ...

କୁବେର ସମାଜ ପଶ୍ଚିମାଞ୍ଚଳ, ସାମାଜିକ ସଂଗଠନର ସାରସ୍ଵତ ମାନସ ସନ୍ତାନ କୁତା'ର ଦ୍ୱିତୀୟ ସନକ୍ଷତ୍ରରେ ପଦାର୍ପଣ ପୂର୍ବକ ଆଜିକାର ଶୁଭ ଅବସରରେ ଆତ୍ମପ୍ରକାଶ କରିବାକୁ ଯାଉଛି । ଏହା ନିଶ୍ଚିତ ଭାବରେ ଆମପାଇଁ ଗର୍ବ ଏବଂ ଗୌରବର ବିଷୟ । ଏପରି ଏକ ସାହିତ୍ୟ କୃତି ଯେ, ଆମ୍ଭଦ୍ୱାରା ଆରମ୍ଭ କରାଯାଇ ତାର ଚଲାପଥରେ ଆଗକୁ ଆଗକୁ ବଢ଼ି ଚାଲିବ ଏପରି ବିଶ୍ୱାସ ଆମ୍ଭର ନଥିଲା । ବହୁ ପ୍ରତୀକ୍ଷା ପରେ ଓ ନାନା ଆଲୋଚନା ସମାଲୋଚନା ପରେ କୁବେରଙ୍କ ଆଶିଷରୁ ଓ ସମାଜର ଅଗଣିତ ଶୁଭେଚ୍ଛୁମାନଙ୍କ ସାହାଯ୍ୟ ସହଯୋଗକ୍ରମେ ଏହା ଆତ୍ମପ୍ରକାଶ କରିଛି ଓ ଏପରି ସାହାଯ୍ୟ ସହଯୋଗ ଓ ଦିଗ୍‌ଦର୍ଶନ ମିଳିଲେ ଏହା ଆଗକୁ ଆଗକୁ ବଢ଼ିଚାଲିବ ବୋଲି ଆଶା । ଏହା ସବୁ ଦିଗରୁ ପୁର୍ଣ୍ଣାଙ୍ଗ ପ୍ରାପ୍ତ ହେଲେ ସମାଜର ସବୁବର୍ଗଙ୍କୁ ସାମାଜିକ ସାଂସ୍କୃତିକ, ଆର୍ଥିକ ଦିଗରୁ ଦିଗ୍‌ଦର୍ଶନ ପ୍ରଦାନ ପୂର୍ବକୁ ଏ ସମାଜରୁ ସର୍ବାଙ୍ଗୀନ ଉନ୍ନତିରେ ସହାୟକ ହୋଇ ପାରିବ ବୋଲି ଆଶା । ଏହାର ପ୍ରକାଶନରେ ଯେଉଁ ସଜ୍ଜନ ବୃନ୍ଦ, ମାଆ ଭଉଣୀମାନେ, ଆଗ୍ରହୀ ଯୁବସମାଜ ଓ ସମାଜର ବିଭିନ୍ନ ବର୍ଗର ସଦସ୍ୟ ସଦସ୍ୟା ଯେକୌଣସି ପ୍ରକାର ସାହାଯ୍ୟ ସହଯୋଗ ପ୍ରଦାନ କରିଛନ୍ତି, ବିଶେଷକରି ସ୍ମରଣିକାର ଲେଖକ ଲେଖିକାମାନେ ଯେଉଁମାନେ କଷ୍ଟ ସ୍ୱୀକାର ପୂର୍ବକ ନିଜର ସାହିତ୍ୟ ସାଧନ ଦ୍ୱାରା ଏହାକୁ ଋଦ୍ଧିମନ୍ତ କରିଛନ୍ତି ତାହା ଅବଶ୍ୟ ପ୍ରଶଂସା ଯୋଗ୍ୟ ଅତି ଅଳ୍ପ ସମୟ ମଧ୍ୟରେ ଆମପରି ସଂପାଦନ ତଥା ପ୍ରକାଶନରେ ଅନଭିଜ୍ଞ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରକାଶିତ ହୋଇଛି ଓ ଏଥିରେ ନାନାପ୍ରକାର ଭୁଲ ତୃଟି ରହିଥିଲେ ହେଁ ପାଠକପାଠିକାମାନେ ବିନା ପ୍ରତିବାଦରେ ତାକୁ ପାଠକରି ମହୁମାଛି ପରି ଆବଶ୍ୟକ ଅଂଶକୁ ଗ୍ରହଣ ପୂର୍ବକ ଅନାବଶ୍ୟକ ଅଂଶକୁ ତ୍ୟାଗକରି ନିଜର ମହାନତାର ପରିଚୟ ଦେଇଛନ୍ତି । ସେଥିପାଇଁ ସେମାନଙ୍କୁ ହର୍ଦ୍ଦିକ କୃତଜ୍ଞତା ଜଣାଉଛି । ବର୍ତ୍ତମାନର ମହଙ୍ଗାଯୁଗରେ ବହିଟିଏ ଛପାଇବା ବଡ଼ ଦୁରୁହ ବ୍ୟପାର । ଏଥିପାଇଁ ଆବଶ୍ୟକ ପାଣ୍ଠିର ଅଭାବ ଥିଲେ ମଧ୍ୟ ଆମେ ପ୍ରକାଶନ ପାଇଁ ପ୍ରୟାସ ଜାରିରଖିଛୁ । ସତକଥା କହିବାକୁ ହେଲେ ଆମ୍ଭ ସମାଜର ସମାଜପ୍ରେମୀ ବଦାନ୍ୟ ବ୍ୟବସାୟୀ ଶିଳ୍ପପତି ଓ ଜାତିପ୍ରେମୀମାନଙ୍କ ଆଗ୍ରହ ଆର୍ଥିକ ଅବଦାନରୁ ହିଁ ଏହାର ପ୍ରକାଶନ ସଂଭବ ହୋଇପାରିଛି । ସେ ସମସ୍ତ ଜାତି ପ୍ରେମୀ ସଜ୍ଜନମାନଙ୍କୁ ଆଜିକାର ଶୁଭ ଅବସରରେ ସାଧୁବାଦ ଜଣାଉଛି । ଶେଷରେ ଯେଉଁମାନଙ୍କ ଅକ୍ଲାନ୍ତ ପରିଶ୍ରମ ଓ ଦିନରାତିକୁ ଏକ କରି କଷ୍ଟ ସ୍ୱୀକାର ପୂର୍ବକ ଏହାର ପ୍ରକାଶନ ସମ୍ଭବ ହୋଇପାରିଛି ସେମାନଙ୍କୁ ମଧ୍ୟ ମହାସଭା ତରଫରୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛି ସର୍ବୋପରି ମହାସଭାର ସଭାପତି ତଥା ସମସ୍ତ କାଳ କାର୍ଯ୍ୟକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଇ ରହୁଛି ।

**ଶ୍ରୀ ଚୂଡ଼ାମଣି ସାହୁ**



# ସଭାପତିଙ୍କ ଭାବନା ...

ମୁଁ ରାମହରି ସାହୁ ବୟସ ୭୬(ଛସ୍ତରି ବର୍ଷ) ୨୦୦୩ ମସିହାରୁ ଚାକିରିରୁ ଅବସର ପ୍ରାପ୍ତ ହୋଇ ବସିଥିଲି । ଇଚ୍ଛା ଥିଲା ସମାଜ ସେବା କରିବା ପାଇଁ । ମୌକା ମିଳୁ ନ ଥିଲା । ୨୦୧୬ ମସିହାରେ ପାଟଣାଗଡ଼ ମହାସଭାକୁ ଯିବା ପୁର୍ବରୁ ମୋର ଅନେକ ଶୁଭେଚ୍ଛୁ ମୋତେ ପରାମର୍ଶ ଦେଇଥିଲେ । ତେଣୁ ପାଟଣାଗଡ଼ ମହାସଭାରେ ମୁଁ ସଭାପତି ଭାବରେ ରହି ଏପର୍ଯ୍ୟନ୍ତ ସମାଜସେବା କାର୍ଯ୍ୟ ଜାରି ରଖିଛି ।

ମୁଁ ପାଟଣାଗଡ଼ ମହାସଭାରେ ଆମ ସମାଜର ଫଂଜିକରଣ ଶୀଘ୍ର କରିବା ପାଇଁ ମତ ରଖିଥିଲି । ଏଠି ଆମ ସମାଜ କହିଲେ ଆମେ କୁବେର ସମାଜ ପଶ୍ଚିମାଂଚଳ ଓଡ଼ିଶା ଓ ଛତିଶଗଡ଼କୁ ବୁଝିବା । ପଶ୍ଚିମ ଓଡ଼ିଶାର ସମ୍ବଲପୁର, ବରଗଡ଼, ବଲାଙ୍ଗିର, କଳାହାଣ୍ଡି, ସୋନପୁର, ନୁଆପଡ଼ା, ବୌଦ୍ଧ ଇତ୍ୟାଦି ଜିଲ୍ଲାର କୁବେର ପୁତ୍ର ତେଲିଙ୍କୁ ନେଇ ଏହି ସମାଜ ଗଠନ କରାଯାଇଥିଲା । ମୁଁ ଶୁଣିବାକୁ ପାଇଛି ଯେ କେତେକ ଦିବଂଗତ ମହାନ ଆତ୍ମା ଏହି ସମାଜ ଗଢିବାରେ ମୁଖ୍ୟ ଭୁମିକା ଗ୍ରହଣ କରିଥିଲେ ସୁଦ୍ଧା ଏହାର ପ୍ରଚାର ପ୍ରସାର ସେତେଟା ହୋଇ ପାରି ନଥିବାରୁ ପ୍ରାୟତଃ ତାହା ସୁପ୍ତ ଅବସ୍ଥାରେ ରହିଥିଲା । କିନ୍ତୁ ୨୦୦୦ ମସିହାରୁ ଏହାର ପୁନଃରୁଦ୍ଧାର କରାଯାଇ ପୁଣିଥରେ ସଜାଗ କରାଯାଇ ବିଧିବଦ୍ଧ ଭାବେ ବାର୍ଷିକ ସଭା ଆଦି କରାଗଲା ଓ ଇତି ମଧରେ ସମାଜ ଫଂଜିକରଣ ପୁର୍ବରୁ ସମାଜର ସମ୍ବିଧାନ ମଧ ପ୍ରଣୟନ କରାଗଲା । ଅତୀବ ଆନନ୍ଦର ବିଷୟ ଯେ ସମାଜ ପାଇଁ କେବଳ ସମାଜର ଭାଇଭଉଣୀମାନଙ୍କ ଆର୍ଥିକ ଅନୁଦାନରେ ମହୁଲପାଲି ଠାରେ ୬୦'x୨୦' ଏକ ପକ୍କା କାର୍ଯ୍ୟାଳୟ (କୁବେର ଭବନ) ମଧ ନିର୍ମିତ ହୋଇପାରିଛି ।

ଆମ୍ଭର ବହୁ ପ୍ରତୀକ୍ଷିତ ସମାଜ ଫଂଜିକରଣ ଏପର୍ଯ୍ୟନ୍ତ ହୋଇପାରିନାହିଁ । ଦୁର୍ଭାଗ୍ୟର ବିଷୟ ଯେ ଏଥିପାଇଁ ବହୁତ ବାଧାବିଘ୍ନ ହୋଇଯାଇଛି । ବର୍ତ୍ତମାନ ଏହା ଫଂଜିକରଣ ଅଫିସରେ କଟକରେ ଅଛି । ଆଉ ଗୋଟିଏ ବାଧା ଅତିକ୍ରମ କଲେ ଫଂଜିକରଣଟି ସହଜରେ ହୋଇପାରିବ ବୋଲି ଆଶା ରଖିଛୁ । ଦେଖାଯାଉ ଭଗବାନ ଆମକୁ କିପରି ସାହାଯ୍ୟ କରୁଛନ୍ତି । ଯଦି ସବୁକିଛି ଠିକ ଭାବେ ହୁଏ ଡିସେମ୍ବର ୨୦୧୮ ଭିତରେ ଫଂଜିକରଣ ହୋଇପାରେ ।

ବହୁତ ପରୁଣା କଥା ହେଲେ ମଧ ଆମଜାତି ଗାଥାରେ ଗରୁତ୍ୱ ରହିଛି । ଆମ ଜାତିର ସାଧବ ପୁଅ ବୋଇତ ନେଇ ବାଲି, ସୁମାତ୍ରା, ଇଣ୍ଡୋନେସିଆ ଇତ୍ୟାଦି ଦେଶ ଯାତ୍ରା କରି ବହୁତ ଧନରତ୍ନ ରୋଜଗାର କରି ଆମ ଓଡ଼ିଶା ତଥା ଆମ ଦେଶକୁ ଆଣୁଥିଲେ । ତେଣୁ ଆମର ଜାତି ଏକ ବ୍ୟବସାୟୀ ଗୋଷ୍ଠୀ ବୋଲି ବିଶେଷ ଭାବରେ ପରିଚିତ । ଆମ ଓଡ଼ିଶାରେ ଆମ ଜାତିର ଜନସଂଖ୍ୟା ଓଡ଼ିଶା ଜନସଂଖ୍ୟାର ପ୍ରାୟ ୧୨ ପ୍ରତିଶତ ହେବ ।

ପ୍ରାକ୍ତନ କାଳରେ ଆମ ଜାତିକୁ ମହାଜନ ବୋଲି କୁହାଯାଉଥିଲା । ପ୍ରତ୍ୟେକ ଗାଁ'ରେ ମହାଜନମାନେ ଗାଁକୁ ପରିଚାଳିତ କରୁଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଆମ ପୂର୍ବପୁରୁଷମାନେ ଗାଁମାନଙ୍କରେ ବିଭିନ୍ନ ଜାଗାରେ କୂପ, ପୋଖରୀ, ସ୍କୁଲ୍ ସବୁ ଖୋଲିଛନ୍ତି । ସେସବୁ ପ୍ରାୟତଃ ଆମ ଜାତିର ମହାତ୍ମାମାନେ ଜନକଲ୍ୟାଣ ପାଇଁ କରି ଜାତିକୁ ଗର୍ବିତ କରିଛନ୍ତି । ଆମ ସମାଜ ଗଠନର ମୂଖ୍ୟତଃ ୩ଟି ଉଦ୍ଦେଶ୍ୟ ରହିଛି । ପ୍ରଥମଟି ହେଲା ଆମ ଭିତରେ ଏକତା ରକ୍ଷା କରିବା । ପଶ୍ଚିମାଂଚଳ ଓଡ଼ିଶାର କୋଣ ଅନୁକୋଣରେ ଆମ ଜାତିର ପରିବାରମାନେ ରହୁଛନ୍ତି । ସମସ୍ତଙ୍କୁ ସମାଜ ସଂଗଠନକୁ ଆଣିବା ପାଇଁ ଆମର ଲକ୍ଷ୍ୟ ରହିଛି । ତା'ଛଡ଼ା କେତେକ ଜାଗାରେ ସମାଜ ଗଠନ ହୋଇପାରିନାହିଁ କିମ୍ବା ସମାଜ ଗଠନ ହୋଇ ସୁଦ୍ଧା କେତେକ ଆଳରେ ସୁପ୍ତ ଅବସ୍ଥାରେ ରହିଛି ।

ଆମର ଅନ୍ୟ ଉଦ୍ଦେଶ୍ୟଟି ହେଲା ଆମ ଜାତିର ପରଂପରା ବଜାୟ ରଖିବା । ପ୍ରତ୍ୟେକ ଜାତିର ପରଂପରା ଅଛି । ଆମର ମଧ୍ୟ ଅଛି । ବିଶେଷ ଭାବରେ ପର୍ବପର୍ବାଣୀ ପାଳନ କରିବାରେ, ବିବାହ ସମୟରେ ବା ମୃତ୍ୟୁ ସମୟରେ ପରଂପରାକୁ ମାନିବାକୁ ପଡ଼େ । ଯେମିତିକି ଗୋଟିଏ ଓଡ଼ିଆ ଝିଅ ଯଦି ଅନ୍ୟ କୌଣସି ପ୍ରଦେଶର ପୁଅକୁ ବିବାହ କରେ ତାକୁ ପ୍ରଥମେ ଓଡ଼ିଶାର ପରଂପରା ରକ୍ଷା କରିବା ସମାଜର ଗୋଟିଏ ମୁଖ୍ୟ କର୍ତ୍ତବ୍ୟ ।

ତୃତୀୟ ଉଦ୍ଦେଶ୍ୟଟି ହେଲା ସମାଜ ମାଧ୍ୟମରେ ଜନକଲ୍ୟାଣ କାର୍ଯ୍ୟକ୍ରମ । ସମାଜ ବିଭିନ୍ନ ପ୍ରକାର ଜନକଲ୍ୟାଣ କାର୍ଯ୍ୟକ୍ରମ ମାଧ୍ୟମରେ ସମାଜ ବିକଶିତ ହୋଇପାରିବ । ଯେମିତିକି ବୃକ୍ଷରୋପଣ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସାଂସ୍କୃତିକ କାର୍ଯ୍ୟକ୍ରମ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ଇତ୍ୟାଦି ।

ଏହି ଉଦ୍ଦେଶ୍ୟଗୁଡ଼ିକ ରକ୍ଷା କରିବାରେ ଆମର ଯୁବାମଂଚ ଓ ମାତୃମଂଚକୁ ଆଗକୁ ଆସିବାକୁ ପଡ଼ିବ । ସେମାନେ ହିଁ ଉଦ୍ଦେଶ୍ୟ ସାଧନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ଏଥିରେ ସନ୍ଦେହ ରଖିବା ଉଚିତ ନୁହେଁ ।

ଧନ୍ୟବାଦ

**ରାମହରି ସାହୁ**
**ସଭାପତି, କୁବେର ସମାଜ**

★★★



# ଯୁଗ୍ମ ସମ୍ପାଦକଙ୍କ କଲମରୁ ...

ସମାଜ କ'ଣ କରୁଛି ? ଯଦିଓ ଏ ପ୍ରଶ୍ନର ପ୍ରାସଙ୍ଗିକତା ଆଜି ଆଉ ନାହିଁ କିନ୍ତୁ ଆମର ସାମାଜିକ ଅଭିବୃଦ୍ଧିର ହାର ଯେ ଖୁବ୍ କମ୍ ପ୍ରତିଶତ ଏହା ନିଃସନ୍ଦେହ । ଅବଶ୍ୟ ଗତ ଦୁଇ ତିନି ବର୍ଷରେ ଏହାର ଅଭିବୃଦ୍ଧି ବେଶ୍ ଉତ୍ସାହପ୍ରଦ ହୋଇଥିଲେ ସୁଦ୍ଧା ଇପସିତ ଲକ୍ଷ୍ୟ ହାସଲ ପାଇଁ ପର୍ଯ୍ୟାପ୍ତ ନୁହେଁ । ଆମ ସଂଗଠନର ଆକାର ବିରାଟ । ଲୋକସଂଖ୍ୟା ଦୃଷ୍ଟିରୁ ହୋଇ ନ ପାରେ କିନ୍ତୁ ଭୌଗଳିକ ଅବସ୍ଥିତି ଦୃଷ୍ଟିରୁ ନିଶ୍ଚିତ । କାର୍ଯ୍ୟକ୍ରମ ପରିଚାଳନାରେ ଏହି ଅବସ୍ଥିତି ଜନୀତ ସ୍ଥାନିକ ଦୂରତ୍ୱ କେତେକାଂଶରେ ଦାୟୀ ଅଟେ ।

ଅନ୍ୟ ଅସୁବିଧାର କାରଣ ଏହା ଯେ ଆମର ସଦସ୍ୟ, ସଦସ୍ୟାଗଣ ସାମାଜିକ ସଚେତନ ନୁହଁନ୍ତି । ସାମୂହିକ ଏକତାବୋଧ, ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବଧାରା, ସମୂହ କଲ୍ୟାଣ ଚେତନା, ସାମାଜିକ ସମ୍ବେଦନଶୀଳତା ଓ ଉତ୍ତରଦାୟିତ୍ୱବୋଧ ଇତ୍ୟାଦି ଛୁଇଁପାରିନାହିଁ ତାଙ୍କର ଅବଚେତନ ମନକୁ । ଏମାନଙ୍କ ବିଚାରରେ ଏ ସମାଜ ଏକ ଉପଚାର ସଦୃଶ । ଏ ଜାତି ସମାଜର ଆବଶ୍ୟକତା କେବଳ ବିବାହ ସମ୍ବନ୍ଧ ନିର୍ଦ୍ଧାରଣ ଓ ମୃତାହ ଆଦି ଶୌଚ ପ୍ରକରଣରେ ସୀମିତ । ଆଉ କେତେବେଳେ ଏହାର ପରିସୀମା ଜ୍ଞାତିକୁଟୁମ୍ବ, ବନ୍ଧୁବାନ୍ଧବ ଓ ଆତ୍ମୀୟ ପରିଜନ ମଧ୍ୟରେ ହିଁ ନିରୂପଣ କରନ୍ତି, ଯାହାଙ୍କ ପାଇଁ ମୂଲ୍ୟହୀନ ହୋଇଯାଏ ସାଇ ସମାଜ । ଦୁଃଖର କଥା ଏଇଆ ଯେ ଏମାନଙ୍କୁ ନେଇ ଆଞ୍ଚଳିକସ୍ତରରେ ଗଢ଼ି ଉଠିଥିବା ସାଇ ବା ସଂଗଠନ ଏ ଦିଗରେ କୌଣସି ପ୍ରଯତ୍ନ କରନ୍ତିନାହିଁ । କେଉଁଠି କେଉଁଠି ଅବଶ୍ୟ ଏ ସାଇ ସଂଗଠନ ବିଶେଷ ସକ୍ରିୟ ଓ ବିକଶିତ । ଏଥିପାଇଁ ସାଇକୁ ପ୍ରତିନିଧିତ୍ୱ କରୁଥିବା ପ୍ରତିନିଧିମାନଙ୍କର ସାମାଜିକ ଉଦାସୀନତା ହିଁ ପ୍ରମୁଖ କାରଣ । ଅନ୍ୟତ୍ର ଗଣତାନ୍ତ୍ରିକ ପଦ୍ଧତିରେ ଉଦାସୀନ କେତେ ପ୍ରତିନିଧି ଚାହାଁନ୍ତି ତାଙ୍କର ବିଚାରବୁଦ୍ଧି ଓ ଭାବଧାରାରେ ସମାଜକୁ ପରିଚାଳିତ କରିବା ପାଇଁ । ତାହା ହୋଇ ନ ପାରିବା ଯୋଗୁଁ ସୃଷ୍ଟି ହୁଏ ବିଷମତା ଏବଂ କବଳିତ କରେ ସମଗ୍ର ସାଇକୁ । ସେମାନେ ଦୂରେଇ ଯାଆନ୍ତି ସାମାଜିକ ମୁଖ୍ୟସ୍ରୋତରୁ । ଆଉ କେତେକେ କେବଳ ନିଜର ଉପସ୍ଥିତି ଜାହିର କରିବା ପାଇଁ ଆସନ୍ତି, କିନ୍ତୁ ଆନ୍ତରିକ ସାମାଜିକ ଅନୁରକ୍ତି ନ ଥାଏ ।

ଆଉ ଏକ କାରଣ ଆମର କାର୍ଯ୍ୟନିର୍ବାହୀ ପରିଷଦରେ ଅସଙ୍ଗତି । ଆମେ କେତେକେ ନିଆଯାଇଥିବା ନିଷ୍ପତ୍ତିର ସଫଳ ରୂପାୟନ ପାଇଁ ଯତ୍ନବାନ ନ ହୋଇ, ଆମ ନିଜସ୍ୱ ଶୈଳୀରେ ନିଷ୍ପତ୍ତିର ରୂପାନ୍ତରଣ ପ୍ରକ୍ରିୟା ବଖାଣି ବସୁ । ଆଉ ଏଇ ପ୍ରବକ୍ତାମାନଙ୍କ ପାଇଁ କେଉଁଠି କେଉଁଠି କାର୍ଯ୍ୟଧାରା ବାଟବଣା ମଧ୍ୟ ହୁଏ । ଯେଉଁମାନେ ନିଃସ୍ୱାର୍ଥ ଓ ନିଃସର୍ତ୍ତ ଭାବରେ ଏ ସବୁର ସମ୍ପାଦନ କରୁଥାନ୍ତି ଏଇ ପ୍ରବକ୍ତାମାନଙ୍କ ବିଭିନ୍ନ ସମାଲୋଚନା ଓ ପ୍ରଶ୍ନବାଣରେ ଜର୍ଜରିତ ହୋଇ ବେଳେ ବେଳେ ପଛଘୁଞ୍ଚା ଦେବାର ମଧ୍ୟ ଦେଖାଯାଏ । ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନରେ ଉଦ୍ଦେଶ୍ୟରହିତ ଭାବରେ ଓ ଅଗୋଚରରେ କିଛି ଭୁଲ ଭଟକା ରହିଯାଏ, ଯାହା ସ୍ୱାଭାବିକ ମଧ୍ୟ । ସଫଳ କାର୍ଯ୍ୟ ସମ୍ପାଦନ ତୁଳନାରେ ଏହା ଗୌଣ । ଏଣୁ ଏ ସବୁର ନିରର୍ଥକ ଆଲୋଚନା ସ୍ପୃହଣୀୟ ନୁହେଁ । ଯାହା କର୍ମତତ୍ପର ଲୋକର ମନୋବଳ ଭାଙ୍ଗିଦିଏ ।

ଆମର ପ୍ରମୁଖ କାରଣ ହେଲା ଆମର ଦୁଇ ମୁଖ୍ୟ ଅଙ୍ଗ । ଯୁବାମଞ୍ଚ ଓ ମାତୃମଞ୍ଚ ସମ୍ପୂର୍ଣ୍ଣ କ୍ରିୟାଶୀଳ ନୁହଁନ୍ତି । ଯୁବାମଞ୍ଚ ଶକ୍ତି ଓ ସାମର୍ଥ୍ୟର ଉତ୍ସ ହୋଇଥିବା ବେଳେ ମାତୃମଞ୍ଚ ଚେତନା

ଓ ପ୍ରେରଣାର ଉତ୍ସ । ଏମାନଙ୍କର ଦୃଢ଼ ଇଚ୍ଛାଶକ୍ତି, ସହଯୋଗ, ପ୍ରଚେଷ୍ଟା ଓ ପାରସ୍ପରିକ ଅନୁମୋଦନ ବିନା ସାଂଗଠନିକ ଅଗ୍ରଗତି ଓ ଅଭିବୃଦ୍ଧି କ୍ଷୀଣ । ଆଜି ଭାରତରେ ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଣ୍ଡନ କରୁଥିବା ତାଜମହଲ ନ ଥାନ୍ତା, ଯଦି ଶାହାଜାହାନ୍‌ଙ୍କ ଦୃଢ଼ ଇଚ୍ଛାଶକ୍ତି ଓ ମମତାଜଙ୍କର ତାଙ୍କ ଉପରେ ଅଫୁରନ୍ତ ଭଲ ପାଇବାର ଆବେଗିକ ପ୍ରେରଣା ନ ଥାନ୍ତା । ସାଇ ସ୍ତରରେ ଗଠିତ କଞ୍ଚିତ ଯୁବାମଞ୍ଚ ଓ ମାତୃମଞ୍ଚ ଯଥେଷ୍ଟ ସକ୍ରିୟତାର ସହିତ ଦାୟିତ୍ୱ ନିର୍ବାହ କରୁଛନ୍ତି । ସେମାନେ ଧନ୍ୟବାଦର ପାତ୍ର । କିନ୍ତୁ ଅନେକ ସାଇରେ ଏହା ଆଜି ପର୍ଯ୍ୟନ୍ତ ଗଠନ ବି ହୋଇପାରିନାହିଁ ତ କେଉଁଠି କେଉଁଠି ଗଠିତ ହୋଇ ସୁପ୍ତ ପ୍ରାୟ । ଆମର ବୋଧେ ଦୁର୍ଭାଗ୍ୟ ଯେଉଁ ମନ୍ତ୍ର, ଆହ୍ୱାନ, ହୁଙ୍କାର ଓ ଆଚରଣ ଏମାନଙ୍କୁ ଦୃପ୍ତ କରନ୍ତା, ଶତତ କ୍ରିୟାଶୀଳ କରାନ୍ତା ତାହା ଆମ ପାଖରେ ନାହିଁ କିମ୍ବା ଯଦି ଅଛି ତା'ର ପ୍ରୟୋଗବିଧି ଓ ପ୍ରୟୋଗଦାତା ବା ଦାତ୍ରୀ ନାହାଁନ୍ତି ।

କ୍ଷମା କରିବେ, ଦୁଃଖର ସହିତ ଆଉ ଏକ ଅବଗୁଣ ପ୍ରକାଶ କରୁଛି । କିଛି ସମ୍ମାନାସ୍ପଦ ପୁରୁଖା ବ୍ୟକ୍ତିତ୍ୱ ଯେଉଁମାନଙ୍କ ଅସୀମ ଉଦ୍ୟମକ୍ରମେ ଏଇ ସମାଜ ଗଠିତ ହୋଇଛି ଏବଂ କ୍ରମାନ୍ୱୟରେ ପରବର୍ତ୍ତି ପୀଢ଼ିକୁ ସଞ୍ଚାରିତ ହୋଇଛି ସେମାନେ ନିଶ୍ଚିତ ଶ୍ରେୟ ଓ ସମ୍ମାନର ଅଧିକାରୀ, ଏଥିରେ ଦ୍ୱିମତ ହେବାର କିଛିନାହିଁ । ଜ୍ଞାତସାରରେ କିମ୍ବା ଉଦ୍ଦେଶ୍ୟମୂଳକ ଭାବରେ ସେମାନଙ୍କୁ କେବେ ଅସମ୍ମାନ କରାଯାଉନାହିଁ କିମ୍ବା ତାଙ୍କ ପ୍ରତିଭାକୁ ନ୍ୟୁନ କରାଯାଉନାହିଁ । ଏହା ମଧ୍ୟ ସତ୍ୟ ଯେ ଜଣେ ଆଶା କରୁଥିବା ଇପ୍‌ସିତ ଶ୍ରେୟ ସମ୍ମାନ ଦେଇ ସନ୍ତୁଷ୍ଟ କରିବା ସମ୍ଭବପର ନୁହେଁ ।

ଲିଖିତ ଇତିହାସରୁ ହେଉ ଅବା ଅଲିଖିତ ପର୍ଯ୍ୟାଲୋଚନାରୁ ହେଉ, ଅନୁଭବରୁ ହେଉ ଅବା ସମସାମୟିକ ସହକର୍ମୀଙ୍କ ସ୍ମୃତିପଟରୁ ଲବ୍ଧ ତଥ୍ୟକୁ ନେଇ ଆମର ମଞ୍ଚାସୀନ ନେତୃତ୍ୱ ମଞ୍ଚରେ ଅତୀତ ଓ ସାମ୍ପ୍ରତିକ କ୍ରମବିକାଶ ଉପରେ ଉଦ୍‌ବୋଧନ ଦିଅନ୍ତି । ଏହାକୁ ଇତିହାସକୁ କଦର୍ଥ କରାଯାଉଛି କହି ସାଧାରଣ ଜନତାଙ୍କୁ ଭ୍ରମିତ କରିବା ଠିକ୍ ନୁହେଁ । ପୂର୍ବ ଅନୁଭୂତି ଓ ଅଭିଜ୍ଞତାର ଦ୍ୱାହି ଦେଇ ସବୁବେଳେ ମଞ୍ଚ ପ୍ରତି ଆକର୍ଷିତ ହେବା ବା ଅଭିଭାଷଣ ଦେବାକୁ ଅନେକେ ଚାହାଁନ୍ତି ଯାହା ସମ୍ଭବପର ହୋଇପାରୁନାହିଁ । ସାମ୍ପ୍ରତିକ ସ୍ଥିତି, ସମୟର ସ୍ୱଳ୍ପତା ଓ କାର୍ଯ୍ୟକ୍ରମର ରୂପରେଖକୁ ବିଗ୍ଚର କରି ଆବଶ୍ୟକତା ମତେ କର୍ମକର୍ତ୍ତା ଓ ଅତିଥିଙ୍କୁ ହିଁ ମଞ୍ଚାରୋହଣ ଓ ଅଭିଭାଷଣର ସୁଯୋଗ ଦିଆଯାଉଛି । ଏଣୁ ସବୁକୁ ଉଦାର ମନରେ ବିଗ୍ଚର କରିବାକୁ ଅନୁରୋଧ । ମହତ ଗୁଣରେ ଏସବୁ ନିଜ ମନରୁ ଦୂର କରିବା ସହ ପ୍ରଚ୍ଛଦପଟରେ ସାଧାରଣ ଜନତାଙ୍କ ଠାରେ ବିଭ୍ରାନ୍ତିକର ଆଲୋଚନା ନ କରି ବରଂ ତାଙ୍କୁ ଆଗେଇ ଯିବାର ଦିଗ୍‌ଦର୍ଶନ ଦିଅନ୍ତୁ । ବିତସ୍ପୃହ ନ ହୋଇ ଆସନ୍ତୁ ସଭିଏ ମିଳିମିଶି ସମାଜ ପାଇଁ କାମ କରିବା । ସମସ୍ତଙ୍କର ସହଯୋଗର ହାତକୁ ସମାଜ ଚାହିଁବସିଛି । ଆସନ୍ତୁ ହାତରେ ହାତ ମିଳାଇ ସମାଜକୁ ଆଗକୁ ବଢ଼ାଇ ନେବା ।

ବିନମ୍ରତାର ସହ
**ରମେଶ କୁମାର ସାହୁ**

★★★

# କୁବେର ସମାଜ ପଶ୍ଚିମାଞ୍ଚଳ ଓଡ଼ିଶା ଓ ଛତିଶଗଡ଼ ଷୋଡ଼ଶ ବାର୍ଷିକ ଅଧିବେଶନ ବିବରଣୀ

ଗତ ୧୫ଶ ସାଧାରଣ ଅଧିବେଶନର ପ୍ରସ୍ତାବମତେ, ପଦ୍ମପୁର ସାଇ ଭାଇଙ୍କ ଉଦ୍ୟମକ୍ରମେ ପଦ୍ମପୁର ନଗରସ୍ଥ ପୁରୋହିତ କଲ୍ୟାଣ ମଣ୍ଡପରେ କୁବେର ସମାଜ ପଶ୍ଚିମାଞ୍ଚଳ ଓଡ଼ିଶା ଓ ଛତିଶଗଡ଼, ମହାସଭାର ୧୬ଶ ବାର୍ଷିକ ସାଧାରଣ ଅଧିବେଶନ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଥିଲା । ଅଧିବେଶନରେ ଅତିକମ୍‌ରେ ୪୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ଓ ୬୦୦ରୁ ଉର୍ଦ୍ଧ୍ୱ ସଦସ୍ୟା ଯୋଗଦାନ କରିଥିଲେ ।

ଧାର୍ଯ୍ୟ କାର୍ଯ୍ୟସୂଚୀମତେ ପୂର୍ବାହ୍ନ ୧୦ଘ: ସମୟରେ ସଭାମଞ୍ଚରେ କଳସ ସ୍ଥାପନ ଓ ମହାସଭା ସଭାପତି ଶ୍ରୀଯୁକ୍ତ ରାମ ହରି ସାହୁଙ୍କ ଦ୍ୱାରା ସାମାଜିକ ପତାକା ଉତ୍ତୋଳିତ ହେବାପରେ ଅଧିବେଶନଟି ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଥିଲା । ପରେ ପରେ ଅତିଥିମାନଙ୍କ ପରିଚୟ ଓ ସ୍ୱାଗତ ହୋଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ସର୍ବପ୍ରଥମେ ସଭାପତି ନିଜର ସଂକ୍ଷିପ୍ତ ଭାଷଣରେ ସଭାର ଉଦ୍ଦେଶ୍ୟ ଜ୍ଞାପନ କରି ସଦସ୍ୟ ସଦସ୍ୟାମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିବାରୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଆଗାମୀ ଦିନରେ ସମସ୍ତେ ମିଶି କୁବେର ସମାଜକୁ ଦେଶର ଏକ ଅଗ୍ରଣୀ ସମାଜରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ । ସଦସ୍ୟ ସଦସ୍ୟାଗଣ ମହାସଭାର ନୀତି ନିୟମ ମାନିବାକୁ ଓ ବିଭିନ୍ନ କାର୍ଯ୍ୟକ୍ରମ ମାନଙ୍କରେ ସକ୍ରିୟ ଯୋଗଦାନ କରିବାକୁ ଆହ୍ୱାନ ଦେଇଥିଲେ । ଯୁବ ସମ୍ମିଳନୀ ଓ ରକ୍ତଦାନ ଶିବିର ଆଦି ଦିନର କାର୍ଯ୍ୟକ୍ରମ ବିଶେଷ ଭାବରେ ଯୁବକ ମାନଙ୍କ ପାଇଁ ନିର୍ଦ୍ଧାରିତ ହୋଇଥିଲା । ଗୋଟିଏ ପଟେ ଯୁବ ସମ୍ମିଳନୀ ଚାଲିଥିବା ବେଳେ ଅନ୍ୟପଟେ ପଦ୍ମପୁର ଯୁବାମଞ୍ଚଦ୍ୱାରା ଆୟୋଜିତ ରକ୍ତଦାନ ଶିବିରକୁ ପଦ୍ମପୁର ଉପଖଣ୍ଡ ମୁଖ୍ୟଚିକିତ୍ସା ଅଧିକାରୀ ଶ୍ରୀଯୁକ୍ତ ରଜତ କୁମାର ସାହୁ ଉଦ୍‌ଘାଟନ କରିଥିଲେ ଓ ପରିଚାଳନାରେ ପଦ୍ମପୁର ଉପଖଣ୍ଡ ଚିକିତ୍ସା ବିଭାଗର କର୍ମଚାରୀଗଣ ସହଯୋଗ କରିଥିଲେ । ଶିବିରରେ ୩୨ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା ।

ଯୁବା ସମ୍ମିଳନୀ କାର୍ଯ୍ୟକ୍ରମରେ ଅଖିଳ ଭାରତ ତୈଳିକ ବୈଶ୍ୟ ସମାଜର ଉପସଭାପତି ଶ୍ରୀଯୁକ୍ତ ଦେବାଶିଷ ସାହୁ ମୁଖ୍ୟ ଅତିଥିଭାବରେ ଯୋଗଦାନକରି ଆଲୋଚନା ଓ ଚର୍ଚ୍ଚା ମାଧ୍ୟମରେ ଯୁବାମଞ୍ଚ କର୍ମକର୍ତ୍ତାମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । ପରେ ପରେ କାର୍ଯ୍ୟକର୍ତ୍ତାମାନଙ୍କ ମନରେ ଉଠୁଥିବା ବିଭିନ୍ନ ସମସ୍ୟା ଓ ଶଙ୍କାଗୁଡ଼ିକର ସମାଧାନ ପ୍ରଶ୍ନ ଉତ୍ତର ମାଧ୍ୟମରେ କରାଯାଇଥିଲା । ଯୁବକମାନେ ସମାଜର ସର୍ବାଙ୍ଗୀନ୍ନ ଉନ୍ନତିରେ କିପରି ସହଭାଗୀ ତଥା ସହଯୋଗୀ ହୋଇପାରିବେ ତା ଉପରେ ସୁଚିନ୍ତିତ ପରାମର୍ଶମାନ ପ୍ରଦାନ କରିଥିଲେ । ମୋଟ ଉପରେ ଆଲୋଚନାଟି ଅତୀବ ଚିତ୍ତାକର୍ଷକ ଓ ଶିକ୍ଷଣୀୟ ହୋଇଥିଲା ।

ଦ୍ୱିତୀୟ ସତ୍ରରେ ଓଡ଼ିଶା ତଥା ଛତିଶଗଡ଼ର ବିଭିନ୍ନ ସ୍ଥାନରୁ ଆସିଥିବା କର୍ମକର୍ତ୍ତା ବନ୍ଧୁଗଣ ସାଇ ସ୍ତରରେ ନିଜ ନିଜର ଅନୁଭୂତି ଓ କାର୍ଯ୍ୟକ୍ରମରୁ ଲବ୍ଧ ଶିକ୍ଷାକୁ ଉପଯୋଗ କରିଥିଲେ ଓ ଆଗାମୀ ଦିନ ପାଇଁ ମହାସଭାରୁ ଲାଭ କରିଥିବା ପ୍ରେରଣା ଓ ଶିକ୍ଷା ପାଇଁ ଉଭୟ ଦିଗ୍‌ଦ୍ରଷ୍ଟା ଶ୍ରୀଯୁକ୍ତ ଦେବାଶିଷ ସାହୁ ଓ କାର୍ଯ୍ୟକ୍ରମର ଆୟୋଜକ ମହାସଭାକୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିଥିଲେ ।

ବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ - ଅପରାହ୍ନ ୪ଘ:ରୁ ମହାସଭାର ବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇ ସାଇ ସଭାପତି ମାନେ ନିଜ ନିଜ ସାଇର ବିବରଣୀମାନ

ପ୍ରଦାନ କରି ତାଙ୍କ ସାଇ ସମସ୍ୟାମାନ ଉତ୍‌ଥାପନ କରିଥିଲେ । ଉକ୍ତ ବୈଠକର ପ୍ରସ୍ତାବମତେ ନିମ୍ନ ପ୍ରସ୍ତାବ ଗୁଡ଼ିକ ମହାସଭା ସାଧାରଣ ଅଧିବେଶନରେ ପରଦିନ ଉପସ୍ଥାପନ କରିବାକୁ ସ୍ଥିର କରାଯାଇଥିଲା, ସେଗୁଡ଼ିକ ହେଲା-

୧) ଗତ ଟିଟିଲାଗଡ଼ କାର୍ଯ୍ୟକାରୀ କମିଟୀରେ ମନୋନିତ କାର୍ଯ୍ୟକର୍ତ୍ତା ମାନଙ୍କ ନିଯୁକ୍ତିକୁ ଉପସ୍ଥାପନ ଓ ଅନୁମୋଦନ ।

୨) ଉକ୍ତ ବୈଠକରେ ମହାସଭାର ଆର୍ଥିକ ଉନ୍ନତିପାଇଁ ଗୃହୀତ ପଦକ୍ଷେପ ସାଧାରଣ ସଦସ୍ୟ ଦେୟ ବାର୍ଷିକ ଟ.୧୦୦/- ଓ ସଭାମଞ୍ଚ ପାଇଁ ଟ.୨୦/- ଏବଂ ଯୁବାମଞ୍ଚ ପାଇଁ ଟ.୧୦/- ଏପରି ମୋଟ ଟ.୧୩୦/-, ଆଜୀବନ ସଦସ୍ୟତା ଦେୟ ଟ.୧୦୦୦/- + ଟ.୩୦/- = ମୋଟ ଟ.୧୦୩୦/-, ପୃଷ୍ଠପୋଷକ ସଦସ୍ୟତା ଟ.୧୦୦୦୦/- + ଟ.୩୦/- = ଟ.୧୦୦୩୦/- ।

୩) ଚଳିତ କାର୍ଯ୍ୟକାରିଣୀରେ ସଭାପତିଙ୍କ ଦ୍ୱାରା ଆଗତ ସମାଜ କଲ୍ୟାଣ ପାଣ୍ଠି ଉପରେ ଆଲୋଚନା କରାଯାଇ ତାକୁ ଗ୍ରହଣ କରାଗଲା । ଉକ୍ତ ପ୍ରସ୍ତାବକୁ ସଭାପତି ନିଜେ ମହାସଭା ସାଧାରଣ ବୈଠକରେ ଉପସ୍ଥାପନ କରିଥିଲେ । ଉପରୋକ୍ତ ତିନୋଟି ପ୍ରସ୍ତାବକୁ ମହାସଭା ସାଧାରଣ ବୈଠକ କରତାଳିଦେଇ ସହର୍ଷ ଅନୁମୋଦନ କରିଥିଲେ ।

ଏଣୁ ଏଣିକି ଗୃହୀତ ପ୍ରସ୍ତାବମତେ ସମସ୍ତ ସାଇ ନିଜ ନିଜ ସାଇର ଆର୍ଥିକ ଦେୟ ମହାସଭାରେ ପଇଠ କରିବାକୁ ପ୍ରସ୍ତାବ ଗୃହୀତ ହେଲା ।

ଦ୍ୱିତୀୟ ଦିନ ତା:୨୫-୧୨-୨୦୧୮ର କାର୍ଯ୍ୟକ୍ରମ ପୂବଦିନ ଭଳି ପୂଜାପାଠ ଓ ଭାଗବତ ପାରାୟଣ ଆରମ୍ଭ ହୋଇ ଅତିଥି ସ୍ୱାଗତ ଓ ପ୍ରାରମ୍ଭିକ ସଂଗୀତ ଗାନପରେ ଆରମ୍ଭ ହୋଇଥିଲା । ସର୍ବପ୍ରଥମେ ଚଳିତବର୍ଷ ଦେହତ୍ୟାଗ କରିଥିବା ଦିବଙ୍ଗତ ଆତ୍ମା ମାନଙ୍କ ସଦ୍‌ଗତିପାଇଁ ନୀରବ ପ୍ରାର୍ଥନା କରାଗଲା । ସାଇ ସଭାପତିମାନଙ୍କ ମତାମତ ପ୍ରଦାନ ବିଭିନ୍ନ ସାଇର ସଭାପତିମାନେ ନିଜନିଜ ସାଇରେ ଗୃହୀତ କାର୍ଯ୍ୟକ୍ରମ ତଥା ସମସ୍ୟା ଉପରେ ଆଲୋକପାତ ପୂର୍ବକ ସମାଜର ଉନ୍ନତି କଳ୍ପେ ବିଭିନ୍ନ ପ୍ରସ୍ତାବମାନ ଆଗତ କରିଥିଲେ । ଏହି ଆଲୋଚନାଚକ୍ରରେ ମାଣ୍ଡୋସିଲ୍ ସାଇ ସଭାପତି ଶ୍ରୀଯୁକ୍ତ ବସନ୍ତ କୁମାର ଖୁଣ୍ଟିଆ, ପଦ୍ମପୁର ସାଇ ସଭାପତି ଶ୍ରୀଯୁକ୍ତ ତାରାଚାନ୍ଦ ସାହୁ, କମିରା ସାଇରୁ ଶ୍ରୀଯୁକ୍ତ ଭଗବାନ ସାହୁ, ସରେଇପାଲି ସାଇରୁ ଶ୍ରୀଯୁକ୍ତ ସଦାନନ୍ଦ ସାହୁ, ମହଦା ସରେଇପାଲି ସାଇରୁ ସଭାପତି ଶ୍ରୀଯୁକ୍ତ ସୌମିତ୍ରୀ ସାହୁ, ଧଣ୍ଡାମୁଣ୍ଡାରୁ ଶ୍ରୀଯୁକ୍ତ ବୀରେନ୍ଦ୍ର ସାହୁ, ସୁଦୂର ରାୟପୁର ନଗରୀରୁ ଆସିଥିବା ଉତ୍ସାହୀଯୁବ ସଦସ୍ୟ ଶ୍ରୀମାନ ଲକ୍ଷ୍ମଣ ସାହୁ ପ୍ରଭୃତି ବକ୍ତାମାନେ ଯୋଗଦେଇ ପରାମର୍ଶମାନ ପ୍ରଦାନ କରିଥିଲେ ।

ବରଗଡ଼ ଜୋନର ଉପସଭାପତି ଶ୍ରୀଯୁକ୍ତ ଲକ୍ଷ୍ମଣ ସାହୁ, ସାଇ, ଜୋନ ତଥା ମହାସଭାର କାର୍ଯ୍ୟକର୍ତ୍ତାମାନେ ସମର୍ପିତ ମନୋଭାବରେ କାର୍ଯ୍ୟକରି ସମାଜର ଉନ୍ନତିରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ । ବଲାଙ୍ଗିର ଜୋନ ସଭାପତି ମଧ୍ୟ ସମାଜର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କ ଯୋଗଦାନ ଅନିବାର୍ଯ୍ୟ ବୋଲି ମତ ଉପସ୍ଥାପନ କରିଥିଲେ ।

**ମାତୃମଞ୍ଚ କାର୍ଯ୍ୟକ୍ରମ :-**

ସର୍ବପ୍ରଥମେ ସାଇସ୍ତରୀୟ ମାତୃମଞ୍ଚ ସଭାନେତ୍ରୀମାନେ ନିଜ ନିଜର ବିବରଣୀ ପ୍ରଦାନ କରିଥିଲେ । ପାଇକମାଲରୁ ଶ୍ରୀମତୀ ଲକ୍ଷ୍ମୀ ସାହୁ, ଟିଟିଲାଗଡ଼ରୁ ଶ୍ରୀମତୀ ଗୀତାଞ୍ଜଳୀ ସାହୁ, ଭୁକ୍ତାରୁ ଶ୍ରୀମତୀ ବାସନ୍ତୀ ଜ୍ୟୋସ୍ନା ସାହୁ ଆଦି ନିଜ ନିଜର ବକ୍ତବ୍ୟ ରଖିଥିଲେ । ଛାତ୍ରୀ ନିକିତା ରୋଜାଲିନ୍ ସାହୁ ନିଜର ପ୍ରଚଳିତ ସମ୍ବଲପୁରୀ ଭାଷାରେ ସମାଜରେ ରହିଥିବା କେତେକ ରଢ଼ିବାଦୀ ନୀତିନିୟମର ପରିବର୍ତ୍ତନ ଉପରେ ବକ୍ତବ୍ୟରଖି ସମସ୍ତଙ୍କର ମନରେ ଆନନ୍ଦ ସୃଷ୍ଟି କରିଥିଲେ । ମାତୃମଞ୍ଚ ବୈଠକରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଶିକ୍ଷୟତ୍ରୀ ଶ୍ରୀମତୀ ଅତସୀ ସାହୁ ନାରୀ ସମାଜ କିପରି ଜାଗ୍ରତ ହୋଇ ନିଜର କର୍ତ୍ତବ୍ୟ ଓ ଅଧିକାର ସଚେତନ ସହିତ ସମାଜ ଉତ୍‌ଥାନରେ ଭାଗିଦାର ହୋଇପାରିବେ ଏବଂ ସମାଜର ବିଭିନ୍ନ କୁସଂସ୍କାର ଦୂର କରିପାରିବେ ତା'ଉପରେ ନିଜର ଦୀର୍ଘ ତଥା ଉପାଦେୟ ବକ୍ତବ୍ୟ ରଖିଥିଲେ । ଶେଷରେ ମହାସଭା ମାତୃମଞ୍ଚର ସଭାନେତ୍ରୀ ଶ୍ରୀମତୀ ମୀନତି ସାହୁ

ନିଜର ସାରଗର୍ଭକ ଭାଷଣରେ ସମାଜ ଗଠନରେ କିପରି ନାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ତା'ର ଉପସ୍ଥାପନା କରିଥିଲେ ଓ ସଭାରେ ମାଆମାନଙ୍କ ସିଂହଭାଗ ଉପସ୍ଥାନ ପାଇଁ ଧନ୍ୟବାଦ ଦେଇଥିଲେ ।

ପରେ ପରେ ମହାସଭା ସାଧାରଣ ସଂପାଦକ ଗତ ମହାସଭାର ବିବରଣୀ ପାଠ କରିଥିଲେ ଏବଂ କୋଷାଧ୍ୟକ୍ଷ ଗତ ବର୍ଷର ସଂକ୍ଷିପ୍ତ ଆୟ ବ୍ୟୟ ଉପସ୍ଥାପନ କରିଥିଲେ ।

**ସାରସ୍ୱତ ସାଧକଙ୍କୁ ସମ୍ବର୍ଦ୍ଧନା :-**

ଚଳିତ ବର୍ଷର ପୂଜ୍ୟପୂତ କାର୍ଯ୍ୟକ୍ରମରେ ବରଗଡ଼ ସାଇ ସଭାପତି ସଥା ଆମ ସାଜର ବରିଷ୍ଠ ଓକିଲ ଶ୍ରୀଯୁକ୍ତ ତ୍ରିନାଥ ସାହୁଙ୍କୁ ତାଙ୍କର ସାହିତ୍ୟସାଧନା ପାଇଁ, ଯିଏକି ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଛନ୍ତି ତାଙ୍କୁ ଅଙ୍ଗବସ୍ତ୍ର, ପ୍ରଶସ୍ତିପତ୍ର ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧିତ ଶ୍ରୀଯୁକ୍ତ ସାହୁ ନିଜ ସାହିତ୍ୟକୃତିରୁ କିଛି ଉଦ୍ଧାର କରି ସମାଜକୁ ଦିଗ୍‌ଦର୍ଶନ ପ୍ରଦାନ ପୂର୍ବକ କିଛି ସୂଚନା ଦେଇଥିଲେ । ଯେଉଁଥିରୁ ତାଙ୍କର ସାରସ୍ୱତ ସାଧନାର ଉତ୍କର୍ଷତା ବାରି ହୋଇପଡୁଥିଲା । ସଭା ତରଫରୁ ତାଙ୍କୁ ଉଚ୍ଛସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

ଆଜିକାର ସଭାର ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସତ୍ୟଭୂଷଣ ସାହୁ ଯିଏକି ପ୍ରତି ମହାସଭାରେ ଯୋଗଦାନ ପୂର୍ବକ ସଭାକୁ ଆବଶ୍ୟକ ମାର୍ଗଦର୍ଶନ ପ୍ରଦାନ ପୂର୍ବକ ନିଜର ସମାଜ ପ୍ରେମର ଆଦର୍ଶ ପ୍ରତିଷ୍ଠିତ କରିଥାନ୍ତି, ସେ ମହାଶୟ ସମାଜର ଆର୍ଥିକ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ସୁପରାମର୍ଶ ଦେବା ସଙ୍ଗେ ସଙ୍ଗେ ସାମାଜିକ ଉନ୍ନତିପାଇଁ ବିଭିନ୍ନ ନୈତିକ ସଂଗଠନ ମାନଙ୍କ ସହ ଯୋଗାଯୋଗ ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ ।

ଶେଷରେ ସଭାପତି ଶ୍ରୀଯୁକ୍ତ ରାମହରି ସାହୁ ତାଙ୍କର ଉଦ୍‌ଯାପନୀ ଅଭିଭାଷଣରେ ସଂଗଠିତ ହେଲେ ମଧ ସାରଗର୍ଭକ ଓ ପ୍ରଭାବୀ ଢ଼ଙ୍ଗରେ ସମସ୍ତଙ୍କୁ ଜାତିପ୍ରେମରେ ଉଦ୍‌ବୁଦ୍ଧ ହୋଇ ସମାଜପାଇଁ ତନମନଧନ ପ୍ରଦାନ ପୂର୍ବକ ଲାଗି ପଡ଼ିବାକୁ ଆହ୍ୱାନ ଦେଇ ତାଙ୍କର ବକ୍ତବ୍ୟ ସମାପନ କରିଥିଲେ । ତାପରେ ମଧ୍ୟାହ୍ନ ଭୋଜନ ପାଇଁ ସଭାର ବିରତି ଘୋଷଣା କରାଗଲା ।

**ମହାସଭାର ପରବର୍ତ୍ତୀ ଅଧିବେଶନ ପାଇଁ ସ୍ଥାନ ନିରୂପଣ:**

ନୂଆପଡ଼ା ସାଇ ଭାଇମାନେ ଆଗାମୀ ୧୬ଶ ଅଧିବେଶନ ନୂଆପଡ଼ା ସାଇରେ କରିବାକୁ ସମ୍ମତି ଦେବାକୁ ମହାସଭାକୁ ଅନୁରୋଧ କରିଥିଲେ । ତାଙ୍କର ଅନୁରୋଧ ରକ୍ଷାପୂର୍ବକ ଆଗାମୀ ୧୬ଶ ଅଧିବେଶନ ନୂଆପଡ଼ା ଠାରେ ହେବାକୁ ପ୍ରସ୍ତାବ ଗୃହୀତ ହେଲା ।

ସଭା ସାଙ୍ଗ ହେବା ପୂର୍ବରୁ ସଭାପତି ଶ୍ରୀଯୁକ୍ତ ରାମହରି ସାହୁ ସାମାଜିକ ପତାକାକୁ ଅବତରଣ କରିଥିଲେ । ଉପସ୍ଥିତ ସମସ୍ତେ କୁବେର ଭଗବାନଙ୍କ ଜୟଗାନ ପୂର୍ବକ ନିଜ ନିଜର ଆନନ୍ଦ ବ୍ୟକ୍ତ କରିଥିଲେ ।

ଶେଷରେ ପଦ୍ମପୁର ସାଇ ସଭାପତି ଶ୍ରୀଯୁକ୍ତ ତାରାଚାନ୍ଦ ସାହୁ ୧୬ଶ ମହାସଭାର ଅପୂର୍ବ ସଫଳତାପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେବାପରେ ସଭାପତି ଅଧିବେଶନର ସମାପ୍ତି ଘୋଷଣା କରିଥିଲେ ।

**ଶ୍ରୀ ଚୂଡ଼ାମଣି ସାହୁ**
**ସାଧାରଣ ସଂପାଦକ**
**କୁବେର ସମାଜ ପଶ୍ଚିମାଂଚଳ,**
**ଓଡ଼ିଶା ଓ ଛତିଶଗଡ଼ (ମହାସଭା)**

★★★

# ଭାଗବତ ବାଣୀ

ପରମ ଶାସ୍ତ୍ର ଭାଗବତ ଅଭ୍ୟାସ କରୁଥିବ ନିତ୍ୟ ।
ଏ ଭାଗବତର ମହିମା କେ କହିପାରେ ଗୁଣସୀମା ।
ଏ ଭାଗବତ ଧର୍ମବାଣୀ ବ୍ରହ୍ମ ସମାନ ପରିମାଣି
ମନ ପବିତ୍ର ଯାର ଦେହୀ ଉଦ୍ଧବ ଗଙ୍ଗାଜଳ ସେହି
ଏ ମନ ପାଞ୍ଚୁଥାଏ ଯାହା କାଳେ ପ୍ରାପତ ହୁଏ ତାହା
ଯେହୁ ପାଞ୍ଚଇ ପରମନ୍ଦ ତା ମନ୍ଦ ପାଞ୍ଚନ୍ତି ଗୋବିନ୍ଦ
ଦଣ୍ଡିବା ଶକ୍ତି ଯାର ଥାଇ ତଥାପି କ୍ଷମା ସେକରଇ
ଅମୃତ ବଚନ କହିବ ପରକୁ ଆପଣା କରିବ
କର୍ମ କରିବ କଷ୍ଟ ସହି କର୍ମରେ ଭଲମନ୍ଦ ନାହିଁ
ସତ୍ୟ କର୍ମରେ ଧର୍ମ ଅଛି ଧର୍ମ କରିବ କର୍ମ ବାଛି
କାମ କ୍ରୋଧଠୁ ଦୂରେ ଥିବ ସେ ନେଇ ନର୍କେ ପକାଇବ
ପରର ସ୍ତ୍ରୀ ଅପତ୍ୟ ଧନ ଯେ ପ୍ରାଣୀ କରଇ ହରଣ
ସେ କାଳ ପାଶେ ବନ୍ଦି ହୋଇ ସତତ ନରକ ଭୋଗଇ
ପରଦ୍ରବ୍ୟକୁ ଯେ ଚୋରାଇ ସାତ ଜନ୍ମରେ ଦୁଃଖ ପାଇ
ପିତାମାତାଙ୍କୁ ଦୁଃଖ ଦେଇ ନରକ ଯାତନା ଭୋଗଇ ।
ଭାଇର ଦୁଃଖେ ଯେହୁ ଦୁଃଖୀ ସେ ପ୍ରାଣୀ ସଦାକାଳେ ସୁଖୀ
ପର ଆପଣା ଯାର ନାହିଁ ସାଧୁରେ ଗଣା ଅଟେ ସେହି
କୁଜନ ସଂଗତେ ଆଳାପ କେବେହେଁ ନ କରିବା ପାପ
ହୀନ ସଂଗତେ ହୀନ ଗତି ହସି କହନ୍ତି ଯଦୁପତି
ଉତ୍ତମ ସଙ୍ଗେ ସଙ୍ଗ ଯାର ସେ କରେ ଉତ୍ତମ ଆଗ୍ଭର ।
ମିଥ୍ୟାକୁ ପାପ ବୋଲି ଜାଣି କହିବ ସଦା ସତ୍ୟବାଣୀ
ପର ପୁରୁଷେ ମନ ଦେଇ ଯେ ନାରୀ ଏକାନ୍ତେ ରମଇ ।
ତାହାର ନାହିଁ ସୁଖ ଲେଶ ନରକେ ପଡ଼ିବ ଅବଶ୍ୟ ।
ମର୍ତ୍ତ୍ୟ ମଣ୍ଡଳେ ଦେହ ବହି ଦେବତା ହୋଇଲେ ମରଇ ।
ଧନ ଜୀବନ ଏ ଜଗତେ ଯେ ପ୍ରାଣ ଧରେ ଅନ୍ୟ ହିତେ
ସର୍ବେ ଚଳିବେ କାଳ ବଳେ ଯଶ ରହିବ ମହିତଳେ ।
ପ୍ରାଣୀର ଭଲ ମନ୍ଦ ବାଣୀ ମରଣ କାଳେ ତାହା ଜାଣି ।
ସଂପଦେ ଯେ କରେ ବଡ଼ିମା କାଳ ଭାଙ୍ଗଇ ତା ଗାରିମା
ଧନ ଅର୍ଜିଣ ଧର୍ମ କରି ଧର୍ମେ ପ୍ରାପତ ନରହରି ।
କର୍ମ ଆଦରି ସହି ଦୁଃଖ କେବେହେଁ ନୋହିବ ବିମୁଖ ।
ଅନ୍ତଟି ନାହିଁ କାମନାର ତେଣୁ ସନ୍ତୋଷ କର ସାର ।
ମନୁଷ୍ୟ ଦେହେ ଦିବ୍ୟଜ୍ଞାନ ଦେଖି ସନ୍ତୋଷ ଭଗବାନ ।
ଯାହାକୁ ରଖିବେ ଅନନ୍ତ କି କରିପାରେ ବଳବନ୍ତ ।
ଯେବେ ଗୋବିନ୍ଦ ଆଶ୍ରେ ଥିବ ଅନେକ ସଂକଟୁ ତରିବ ।
ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ ପଦୁ ଗଳୁଛି ମକରନ୍ଦ ।
ସେ ମକରନ୍ଦ ପାନ କରି ହେଲେ ତରିଲେ ବ୍ରଜ ନାରୀ
ସେ ବ୍ରଜନାରୀଙ୍କ ପୟରେ ମନ ମୋ ଥାଉ ନିରନ୍ତରେ ।
ମନ ମୋ ନରନ୍ତରେ ଥାଉ ହା କୃଷ୍ଣ ବୋଲି ଜୀବ ଯାଉ ।
ହା କୃଷ୍ଣ ବୋଲି ଯାଉ ଜୀବ ମୋତେ ଉଦ୍ଧର ରାଧାଧବ ।

*With best compliments from*

# Sri Kaustuva Sahu

**Special Class Contractor**

At/PO. Mandosil

Dist. Bargarh (Odisha)

Cell. 9437122567





# Sneha Medical Store

At/PO. Mandosil

Dist. Bargarh (Odisha)

PIN - 768 050



# ସଂଗଠନର ଆଧାରଶିଳା

ଚୂଡ଼ାମଣି ସାହୁ

ଭବନଟିଏ ନିର୍ମାଣ କରିବାକୁ ହେଲେ ଏକ ଭିତ୍ତିଭୂମି ଉପରେ ଆଧାର ଶିଳା ରଖି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଏ । ଆଧାରଶିଳା ଯେତେ ମଜବୁତ ହେବ ଭବନଟି ମଧ୍ୟ ସେତିକି ଦୃଢ ଓ ସ୍ଥାୟିତ୍ୱ ସମ୍ପନ୍ନ ହେବ । ସଂଗଠନ ରୂପୀ ଭବନ ନିର୍ମାଣ ପାଇଁ ଚାରିଟି ମୁଖ୍ୟ ଆଧାରଶିଳା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି । ସେ ଚାରିଟିକୁ ଚତୁର୍ଭୁଜ ବିଷ୍ଣୁଙ୍କ ଚାରିହସ୍ତରେ ଧାରଣ କରିଥିବା ଆୟୁଧ ସହିତ ତୁଳନା କରାଯାଇପାରେ ।

୧ - ଶଙ୍ଖ, ୨ - ଚକ୍ର, ୩- ଗଦା, ୪- ପଦ୍ମ । ସଂଗଠନର ବିକାଶରେ ଏହି ଆଧାରଶୀଳାଗୁଡ଼ିକର ଗୁରୁତ୍ୱ ଦୃଷ୍ଟିରୁ ସେଗୁଡିକୁ ନିମ୍ନପ୍ରକାରେ ପୁନର୍ବିନ୍ୟାସ କରାଯାଇପାରେ । ଯଥା- ଗଦା, ପଦ୍ମ, ଚକ୍ର ଓ ଶଙ୍ଖ ।

୧- ଗଦା - ଗଦା ହେଉଛି ଶାରୀରିକ ଶକ୍ତି ବା ଲୋକବଳର ପ୍ରତୀକ

୨- ପଦ୍ମ - ଲକ୍ଷ୍ମୀ ବାହନ ବଳର ପ୍ରତୀକ

୩- ଚକ୍ର - ପ୍ରଗତିର ସୂଚକ ।

୪- ଶଙ୍ଖ - ପ୍ରଚାର ପ୍ରସାରର ପ୍ରତୀକ

ଉପରୋକ୍ତ କାରକଗୁଡିକ ସ୍ୱସଂଗଠନର ବିକାଶରେ ଅପରହାର୍ଯ୍ୟ ହେଲେ ମଧ୍ୟ ସ୍ୱୟଂସମ୍ପୂର୍ଣ୍ଣ ନୁହଁନ୍ତି । ଏଗୁଡିକ ପରସ୍ପର ନିର୍ଭରଶୀଳ ବା ପରସ୍ପର ପରସ୍ପରର ପରିପୂରକ । ସଂଗଠନର ବିକାଶରେ ଏଗୁଡ଼ିକ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ନିମ୍ନ ଆଲୋଚନାରୁ ତାହା ସ୍ପଷ୍ଟ ହୋଇପାରିବ ।

୧ - ଯେକୌଣସି ସାମାଜିକ ସଂଗଠନ ପାଇଁ ପ୍ରଥମ ଏବଂ ମୁଖ୍ୟ ଆବଶ୍ୟକତା ହେଉଛି ଜନବଳ । କାରଣ ଅନୁଷ୍ଠାନଟି ଲୋକମାନଙ୍କ ଦ୍ୱାରା ଲୋକମାନଙ୍କ ପାଇଁ ଓ ଲୋକମାନଙ୍କର ଅଟେ । ଏଣୁ ଲୋକସଂପୃକ୍ତି ବିନା ଅନୁଷ୍ଠାନର କଳ୍ପନା କରାଯାଇ ନ ପାରେ । ସଂଗଠନର ଲୋକବଳ ଉଭୟ ସଂଖ୍ୟାତ୍ମକ ଓ ଗୁଣାତ୍ମକ ଦୃଷ୍ଟିରୁ ପ୍ରଭାବୀ ହେବା ଆବଶ୍ୟକ । ଯେଉଁ ଅନୁଷ୍ଠାନର ସଦସ୍ୟ ସଦସ୍ୟ ସଂଖ୍ୟା ଯେତେ ଅଧିକ ସେହି ଅନୁଷ୍ଠାନଟି ସେତେ ଶକ୍ତିଶାଳୀ ଓ ବିକଶିତ ବୋଲି ଗଣାଯାଏ । କେବଳ ସଂଗଠନର ଲୋକସଂଖ୍ୟା ଅଧିକ ହୋଇଗଲେ ଯେ ସଂଗଠନଟିର ସର୍ବାଙ୍ଗୀନ ବିକାଶ ଘଟି ତାହା ଅଧିକ ସ୍ଥାୟୀ ହେବ ତାହାନୁହେଁ । ଅନୁଷ୍ଠାନଟିର ସଦସ୍ୟସଦସ୍ୟା ତଥା କାର୍ଯ୍ୟକର୍ତ୍ତାମାନେ ମଧ୍ୟ ଗୁଣାତ୍ମକ ଦୃଷ୍ଟିରୁ ସଂଗଠିତ ଓ ବିକଶିତ ହେବା ଦରକାର ।

ସମାଜିକ ସଂଗଠନଟିଏ ଗଠନ କରିବାକୁ ହେଲେ ପ୍ରଥମେ ସମମନୋଭାବାପନ୍ନ କିଛି ଲୋକଙ୍କୁ ନେଇ ଏହା ଆରମ୍ଭ କରାଯାଏ । ତାଙ୍କର ଲକ୍ଷ୍ୟ ସମାନ ଥିଲେ ଯାଇ ସେମାନେ ଏକଜୁଟ ହୋଇ ଅନୁଷ୍ଠାନଟି ଗଠନକରିବେ । ସଂଗଠନର କାର୍ଯ୍ୟପ୍ରଣାଳୀ ଓ ନିଜର ଆଶା ଆକାଂକ୍ଷା ପୂରଣରେ ଅନୁଷ୍ଠାନଟି କେତେଦୂର ସଫଳ ହୋଇଛି ବା ଭବିଷ୍ୟତରେ ହେବାର ସମ୍ଭାବନା ରହିଛି ତାକୁ ଦେଖି ଲୋକେ ସଂଗଠନ ସହିତ ସାମିଲ ହେବେ ବା ସେଥିରୁ ଦୂରେଇ ଯିବେ । ସଂଗଠନର ପ୍ରଥମ ଆବଶ୍ୟକତା ହେଉଛି ୧- ଲୋକସଂଗ୍ରହ, ୨- ଲୋକଚୟନ, ୩- ଲୋକନିର୍ମାଣ ଓ ୪- ଲୋକନିଯୁକ୍ତି । ସଂଗଠନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ

ଅନୁସାରେ କେବଳ ପୁରୁଷମାନଙ୍କ ପାଇଁ ବା କେବଳ ସ୍ତ୍ରୀମାନଙ୍କ ପାଇଁ ବା ଉଭୟ ପୁରୁଷ ଓ ସ୍ତ୍ରୀଙ୍କ ପାଇଁ ଗଠିତ ହୋଇପାରେ । ତଦନୁଯାୟୀ ସଂଗଠନ ପାଇଁ ସଦସ୍ୟ/ସଦସ୍ୟା ଆବଶ୍ୟକମତେ ସଂଗ୍ରହ କରିବାକୁ ପଡ଼େ । ଲୋକସଂଗ୍ରହ ସମୟରେ ଉପଯୁକ୍ତ ଲୋକଙ୍କୁ ସଂଗଠନର ସାମିଲ କରିବାକୁ ପଡ଼ିବ ।

୨ - ଲୋକଚୟନ - ସଂଗଠନର ବିଭିନ୍ନ ବିଭାଗର ସୁପରିଚାଳନା ପାଇଁ ଉପଯୁକ୍ତ ଲୋକଙ୍କୁ ଚୟନ କରାଯିବ । ଲୋକଚୟନ ସମୟରେ ସେମାନଙ୍କ ରୁଚି ଓ କାର୍ଯ୍ୟଦକ୍ଷତା ତଥା କାର୍ଯ୍ୟପ୍ରତି ତାଙ୍କର ଆଗ୍ରହ ଦେଖି ତାଙ୍କୁ ସେହି ବିଭାଗର ଦାୟିତ୍ୱ ଅର୍ପଣ କରାଯିବ । ସଂଗଠନର ଦାୟିତ୍ୱ ନେବା ବ୍ୟକ୍ତିଙ୍କର ଦ୍ୱିତୀୟ ଯୋଗ୍ୟତା ହେଉଛି ସେ ସଂଗଠନ ପାଇଁ ସମୟ ଦେଇପାରୁଥିବେ । ଅନ୍ୟଥା ସଂଗଠନଟି ତିଷ୍ଠି ପାରିବ ନାହିଁ । ବାସ୍ତବ କ୍ଷେତ୍ରରେ ଦେଖାଯାଏ ଆବଶ୍ୟକ ସମୟରେ ଦାୟିତ୍ୱନ୍ୟସ୍ତ ବ୍ୟକ୍ତିମାନଙ୍କ ଦେଖା ଦର୍ଶନ ମିଳେନାହିଁ, ଯାହାଫଳରେ ସଂଗଠନରେ କାର୍ଯ୍ୟର ଅଗ୍ରଗତି ଡେଣିକି ଯାହା ହେଉ । ସଂଗଠନର ସଦସ୍ୟ ହୁଅନ୍ତୁ ବା କାର୍ଯ୍ୟକର୍ତ୍ତା ହୁଅନ୍ତୁ ତାଙ୍କୁ ସମୟ ଦେଇ ସଂଗଠନର ସଭାସମିତି ବା ବିଭିନ୍ନ କାର୍ଯ୍ୟକ୍ରମମାନଙ୍କରେ ଯୋଗଦେବାକୁ ପଡ଼ିବ । ସଂଗଠନର ସୁପରିଚାଳନା ପାଇଁ ସମସ୍ତେ ଏକତାବଦ୍ଧ ହୋଇ ପରସ୍ପର ସହିତ ଏକତା ଓ ସମନ୍ୱୟ ରକ୍ଷା କରି ସଂଗଠନକୁ ଆଗେଇ ନେବାକୁ ପଡ଼ିବ । ସାଧାରଣତଃ ସଂଗଠନରେ ଦୁଇ ଶ୍ରେଣୀରେ ଲୋକ ରହିଥାନ୍ତି ।୧. ସାଧାରଣ ସଦସ୍ୟ ଓ ୨. ଦାୟିତ୍ୱନ୍ୟସ୍ତ କାର୍ଯ୍ୟକର୍ତ୍ତା । ସାଧାରଣ ସଦସ୍ୟମାନେ ସଭାସମିତି ବା କାର୍ଯ୍ୟକ୍ରମରେ ଯୋଗ ଦେବା ସଙ୍ଗେ ସଙ୍ଗେ ସଂଗଠନକୁ ଅନୁଦାନ ଆକାରରେ କିଛି ଆର୍ଥିକ ସହାୟତା କରନ୍ତି । ସଂଗଠନର ସୁପରିଚାଳନାର ସେମାନଙ୍କର ବିଶେଷ ଦାୟିତ୍ୱ ନଥାଏ । ମାତ୍ର ଦାୟିତ୍ୱନ୍ୟସ୍ତ କାର୍ଯ୍ୟକର୍ତ୍ତାମାନେ ସବୁବେଳେ ଅନୁଷ୍ଠାନର ଭଲମନ୍ଦ । ତା'ର ଉନ୍ନତି ଅବନତି ଆର୍ଥିକ ଅବସ୍ଥା ଇତ୍ୟାଦି ଉପରେ ନଜର ରଖିଥାନ୍ତି । ସଂଗଠନର ସୁପରିଚାଳନା ପାଇଁ ଦାୟିତ୍ୱନ୍ୟସ୍ତ କାର୍ଯ୍ୟକର୍ତ୍ତାମାନଙ୍କ କେତେକ ବିଶେଷ ଯୋଗ୍ୟତା ଓ ଦକ୍ଷତା ରହିବା ବିଧେୟ । ତାଙ୍କର ସର୍ବପ୍ରଥମ ଯୋଗ୍ୟତା ହେଉଛି ସଂଗଠନର କାର୍ଯ୍ୟକ୍ରମଗୁଡିକରେ ତାଙ୍କର ଆଗ୍ରହ ଥିବ । ସେ ବିଭିନ୍ନ କାର୍ଯ୍ୟ ପାଇଁ ସମୟ ଦେଇପାରୁଥିବେ । ସେ ନିଜେ ଜଣେ ନିରପେକ୍ଷ ବ୍ୟକ୍ତି ହୋଇଥିବେ । ସଂଗଠନର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ତଥା ସଦସ୍ୟ ସଦସ୍ୟାମାନଙ୍କ ପ୍ରତି ବ୍ୟବହାର କୁଶଳ ଥିବେ ଦଳମତ ମନୋଭାବ ସମସ୍ତଙ୍କୁ ସାଥୀରେ ନେଇ କାର୍ଯ୍ୟ କରିବାର କୌଶଳରେ ସେ ପ୍ରଶିକ୍ଷିତ ଥିବେ । କୌଣସି କାର୍ଯ୍ୟ ନିଜେ କଲେବି ନିଜର ବାହାଦୁରୀ ନ ଦେଖାଇ ଆମେ କଲୁ ବୋଲି କହିବେ । କାର୍ଯ୍ୟକର୍ତ୍ତାମାନେ ଲୋକଙ୍କ ସାମନାରେ ପରସ୍ପରର ଦୋଷ ଦୁର୍ବଳତା ପ୍ରକାଶ ପରସ୍ପରର କରିବେନାହିଁ । ମୋଟା ମୋଟି ଭାବରେ ସମସ୍ତଙ୍କୁ ଏକ ପରିବାରର ସଦସ୍ୟ ଭାବରେ ସୁସଂପର୍କ ରକ୍ଷା ପୂର୍ବକ ଅନୁଷ୍ଠାନର ଉନ୍ନତି ହିଁ ଏକମାତ୍ର ଲକ୍ଷ୍ୟ ବୋଲି ଭାବି କାର୍ଯ୍ୟକଲେ ଯାଇ ଅନୁଷ୍ଠାନଟି ଉନ୍ନତିପଥରେ ଅଗ୍ରସର ହେବ ।

ଅନୁଷ୍ଠାନର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଆଧାର ବା ଆବଶ୍ୟକତା ହେଉଛି ଲକ୍ଷ୍ମୀ ବା ଅର୍ଥ । ଅର୍ଥବଳ ବିନା କୌଣସି ଅନୁଷ୍ଠାନ ଆଗେଇ ପାରେନାହିଁ । ଅନୁଷ୍ଠାନର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ତଥା ବିଶେଷ କାର୍ଯ୍ୟକ୍ରମମାନଙ୍କ ପାଇଁ ଅର୍ଥ ନିହାତି ଆବଶ୍ୟକ । ଅର୍ଥ ନହେଲେ ଅନୁଷ୍ଠାନର କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ହୋଇପାରିବ ନାହିଁ । ଏହି ଅର୍ଥ ଦୁଇଟି ସୂତ୍ରରୁ ସଂଗୃହୀତ ହୋଇପାରିବ । ୧. ଆଭ୍ୟନ୍ତରୀଣ ସୂତ୍ର ଓ ୨. ବାହ୍ୟସୂତ୍ର । ଆଭ୍ୟନ୍ତରୀଣ ସୂତ୍ରରୁ ୧. ନିଜ ଅନୁଷ୍ଠାନର ସଦସ୍ୟମାନଙ୍କ ଠାରୁ ବାର୍ଷିକ କିମ୍ବା ମାସିକ ସାମୟିକ ଅନୁଦାନ ବା ଚାନ୍ଦାରୁ ଓ ୨. କାର୍ଯ୍ୟକ୍ରମଗୁଡ଼ିକ ପାଇଁ ବିଶେଷ ଅନୁଦାନରୁ, ୩. କାର୍ଯ୍ୟକ୍ରମଗୁଡ଼ିକର ବଳକା ଅର୍ଥରୁ । ବାହ୍ୟ ସୂତ୍ର - ବଦାନ୍ୟ ବ୍ୟକ୍ତିଙ୍କ ଠାରୁ ଚାନ୍ଦା ଆକାରରେ ଆବଶ୍ୟକ ଅର୍ଥ ସଂଗ୍ରହ କରାଯାଇପାରେ । ୨. ସରକାରୀ ପାଣ୍ଠିରୁ ବିଭିନ୍ନ ଲାଡ୍ ଫଣ୍ଡରୁ ଅନୁଦାନ ଆକାରରେ ଓ ୩. ଆଇନ୍‌ସମ୍ମତ ଭାବେ ଲୋଟେରୀ ଉଠାଣ କରି ।

ଅନୁଷ୍ଠାନର ସୁପରିଚାଳନା ପାଇଁ ଅର୍ଥ ନିହାତି ଆବଶ୍ୟକ ଅଟେ । ଅର୍ଥାଭାବ ଅନୁଷ୍ଠାନର ପ୍ରଗତିରେ ବାଧକ ହୋଇଥାଏ । ଅର୍ଥର ପରିଚାଳନାଗତ ସଚ୍ଚୋଟତା ଓ ସାଧୁତା ଉପରେ ଅନୁଷ୍ଠାନ ଭବିଷ୍ୟତ ନିର୍ଭର କରେ । ଦେଖାଯାଇଛି ଅନେକ ଅନୁଷ୍ଠାନରେ ଅର୍ଥ ହିଁ ଅନର୍ଥର ମୂଳ ହୋଇ ତାହା

ଧ୍ୱଂସପ୍ରାପ୍ତ ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ଆର୍ଥିକ ପରିରଚାଳନାରେ ସର୍ବଦା ଲୋକଙ୍କ ସନ୍ଦେହ ଠାରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟ କରିବାକୁ ପଡ଼ିବ । ପକ୍କା ରସିଦ ମାଧ୍ୟମରେ ଅର୍ଥ ସଂଗ୍ରହ କରାଯିବ । ସଂଗୃହୀତ ଅର୍ଥର ହିସାବ ନିୟମିତ ଭାବରେ କ୍ୟାଶ୍ ବୁକ୍‌ରେ ଉଲ୍ଲେଖ କରାଯିବ । ସଂଗଠନର ପାଣ୍ଠିର ନିୟମିତ ଅଡ଼ିଟ୍ କରାଯିବ ଓ ଅଡିଟ୍ ରିପୋର୍ଟ ନିୟମିତ ଭାବରେ ଅନୁଷ୍ଠାନର ସମସ୍ତଙ୍କ ଜାଣିବା ପାଇଁ କମିଟୀ ବୈଠକରେ ଉପସ୍ଥାପିତ କରାଯିବ । ସଂଗୃହୀତ ଅର୍ଥ କାହାରି ହାତରେ ଅଧିକ ସମୟ ରହିବନାହିଁ । ସଙ୍ଗେ ସଙ୍ଗେ ମିଳିତ ଏକାଉଣ୍ଟରେ ଡାକଘର ବା କୌଣସି ବ୍ୟାଙ୍କରେ ତାକୁ ଜମା କରାଯିବ । ଗଚ୍ଛିତ ଅର୍ଥକୁ କମିଟୀର ପ୍ରସ୍ତାବମତେ କ୍ଷମତାପ୍ରାପ୍ତ ବ୍ୟକ୍ତିମାନେ ଉଠାଣ ଓ ଖର୍ଚ୍ଚ କରିବେ । ଖର୍ଚ୍ଚର ବିହିତ ଭାବରେ ଆଦି ରଖିବେ । ଅନୁଷ୍ଠାନର ଆର୍ଥିକ ପରିଚାଳନାଗତ ସଚ୍ଚୋଟତା ଓ ପାରଦର୍ଶିତା ରହିଲେ ଲୋକେ ଆଗ୍ରହର ସହିତ ଅର୍ଥଦାନ କରିବେ ଓ ଅର୍ଥର ଅଭାବ ରହିବ ନାହିଁ ।

ସାମାଜିକ ଅନୁଷ୍ଠାନର ଆଉ ଏକ ଆଧାର ହେଉଛି ପ୍ରଗତି । ଅନୁଷ୍ଠାନଟି ଯଦି ଧୀରେ ଧୀରେ ତା'ର କଳେବର ବୃଦ୍ଧିରେ କରିଚାଲେ । ତେବେ ତାର ଉନ୍ନତିରେ ଆକର୍ଷିତ ହୋଇ ଅଧିକରୁ ଅଧିକ ଲୋକ ସେଥିରେ ଯୋଗଦିଅନ୍ତି । ଅନୁଷ୍ଠାନଟି ଲୋକଙ୍କ ଆଖିଦୃଶିଆ ପ୍ରଗତି ନ କଲେ ନୂତନ ଲୋକେ ତ ସେଥିରେ ଯୋଗଦିଅନ୍ତି ନାହିଁ ଓଲଟି ପୁରୁଣା ଲୋକ ବି ଧୀରେ ଧୀରେ ସେଥିରୁ ଦୂରେଇ ଯାଆନ୍ତି ଓ ଅନୁଷ୍ଠାନଟି ବନ୍ଦ ହୋଇଯାଇଥାଏ ।

ସାମାଜିକ ସଂଗଠନର ଆଉ ଏକ ପ୍ରଭାବୀ ମାଧ୍ୟମ ହେଉଛି ପ୍ରଚାର ପ୍ରସାର । ବର୍ତ୍ତମାନ ଯୁଗ ହେଉଛି ପ୍ରଚାର ପ୍ରସାରର ଯୁଗ ବା Age of Advertisement । ତେଣୁକରି ଅନୁଷ୍ଠାନର କାର୍ଯ୍ୟକ୍ରମକୁ ପ୍ରଚାର କରିବାକୁ ପଡ଼େ । ଅନୁଷ୍ଠାନର ପ୍ରଚାର ପ୍ରସାର ପାଇଁ ମଧ୍ୟ କିଛିଟା ଖର୍ଚ୍ଚ କରିବାକୁ ପଡ଼ିଥାଏ । ଅନୁଷ୍ଠାନର ବାରମ୍ବାର ବୈଠକ କରି ତା'ର ବିବରଣୀ ପତ୍ରପତ୍ରିକା ତଥା ରେଡିଓ ଟିଭି ଆଦିରେ ପ୍ରଚାର କରିବାକୁ ହେବ । ଅନୁଷ୍ଠାନ ଦ୍ୱାରା ବିଭିନ୍ନ ଖେଳକୁଦ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସଙ୍ଗେ ସଙ୍ଗେ ବିଭିନ୍ନ ସେବାମୂଳକ କାର୍ଯ୍ୟ କରାଗଲେ ତାହା ଲୋକଙ୍କ ମନରେ ଅନୁଷ୍ଠାନ ପ୍ରତି ଆକର୍ଷଣ ସୃଷ୍ଟି କରିଥାଏ । ଯେହେତୁ ସାମାଜିକ ସଂଗଠନଗୁଡିକ ହେଉଛି ସ୍ୱେଚ୍ଛାସେବୀ ସଂଗଠନ; ଲୋକ ଏସବୁ ଅନୁଷ୍ଠାନରୁ ବିଭିନ୍ନ ପ୍ରକାରେ ଉପକୃତ ହେବା କଥା । ତାହା ନହେଲେ ସେମାନେ ଅନୁଷ୍ଠାନ ସହିତ ସଂପୃକ୍ତ ହେବେନାହିଁ ଓ ଅନୁଷ୍ଠାନଟି ଠିକ୍ ଭାବରେ ଅଗ୍ରଗତି କରିପାରିବ ନାହିଁ । ଏହା ମନରେ ରଖି ଅନୁଷ୍ଠାନର କାର୍ଯ୍ୟକର୍ତ୍ତାମାନଙ୍କୁ କାର୍ଯ୍ୟକରିବାକୁ ପଡିବ ।

**ମୟୂରପାଳ, ଜି. ବରଗଡ**




ଶୁଭେଚ୍ଛା ସହ

**କରୁଣାକର ସାହୁ**

ମୋ: ୯୭୭୭୬୩୮୬୧୦/ ୯୪୩୭୨୨୦୬୦୯

**ସାଇରାମ କିରାନା ଷ୍ଟୋର**

**ଗାନ୍ଧୀଛକ, ମାଣ୍ଡୋସିଲ୍, ବରଗଡ଼ (ଓଡ଼ିଶା)**



ଯଦା ସଦା ହି ଧର୍ମସ୍ୟ ଗ୍ଲାନିର୍ଭବତିଭାରତ
ଅଭ୍ୟୁତ୍ଥାନମ୍ଧର୍ମସ୍ୟ ତଦାତ୍ମାନମ୍ ସୃଜାମ୍ୟହମ୍

# ଶ୍ରୀକ୍ରିଷ୍ଣା ଟ୍ରେଡ଼ର୍ସ

(ଚିନାବାଦାମ ଓ ଚିନାବାଦାମ ମଞ୍ଜି
ବ୍ୟବସାୟର ନିର୍ଭରଯୋଗ୍ୟ ପ୍ରତିଷ୍ଠାନ)

ନୃସିଂହନାଥ ମନ୍ଦିର ରୋଡ଼୍, ପାଇକମାଲ
ପୋ.ଅ.: ପାଇକମାଲ, ଜି. ବରଗଡ଼-୭୬୮୦୩୯

କୁବେର ସମାଜର ସମସ୍ତ ଭାଇ ଭଉଣୀମାନଙ୍କ ସୁଖ ଓ
ସମୃଦ୍ଧି କାମନା କରି ଆଗାମୀ ନବବର୍ଷର
ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଏହି ନବବର୍ଷ
ଆପଣ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ଏହାହିଁ କାମନା

**ପ୍ରଫୁଲ୍ଲ କୁମାର ସାହୁ**
ମୋ: ୯୯୩୮୩୯୩୫୫୨

# ବଞ୍ଚିବାର କଳା

ଟିକେଶ୍ୱର ସାହୁ

ମନୁଷ୍ୟ ଜୀବନ ଦୁର୍ଲଭ ବୋଲି ଶାସ୍ତ୍ର ମାନଙ୍କର ମତ । ହେଲେ ବର୍ତ୍ତମାନ ଯୁଗରେ ମଣିଷ ସମାଜ ଯେଉଁ ପ୍ରକାର ଗତି କରୁଛି ଓ ଯେଉଁ ମାର୍ଗକୁ ପ୍ରଗତିର ସୋପାନ ବୋଲି ବୁଝି ନେଇଛି, ସେ ସଂପର୍କରେ ବିଚାର କଲେ ମତିଭ୍ରମ ସୃଷ୍ଟି ହୁଏ । ଆମର ଭୋଗ ପାଇଁ ସଂସାରରେ ସମସ୍ତ ପଦାର୍ଥ ଉପଲବ୍ଧ । ଜନ୍ମ ଲାଭପରେ ଆମର ଜୀବନଚକ୍ରକୁ ଚଳାଇ ରଖିବାକୁ ଆମକୁ ଅନ୍ୟ ଉପରେ ନିର୍ଭର କରିବାକୁପଡ଼େ । ଆମେ ଯାହାଉପରେ ଭରସା କରୁ, ଆମର ପିତାମାତା ଗୁରୁ କିମ୍ବା ପଡ଼ୋଶୀ ତଥା ସାଙ୍ଗ, ଏହାଙ୍କର ନୀତି ଅନୁସାରେ ଆମେ ଗତିକରି ଥାଉଁ । ସେମାନେ ଶିଷ୍ଟ କି ଭଦ୍ର କିମ୍ବା ଅଶିଷ୍ଟ କି ଅଭଦ୍ର ଏହା ତାଙ୍କର ଭାଗ୍ୟ ଉପରେ ନର୍ଭର କରେ । ମନୁଷ୍ୟ ଅନ୍ୟଠାରୁ ଶିକ୍ଷା ଲାଭ କରି ଥାଏ । ଯାହା ଶିଖେ ସେହି ଅନୁସାରେ ତାର ବଞ୍ଚିବାର କଳା ନିର୍ଦ୍ଧାରିତ ହୋଇଥାଏ । ପ୍ରଭୁ ଆମକୁ ଜନ୍ମ ଦେଇ ଆମର ପରିଚାଳନା ଦାୟିତ୍ୱ ଅନ୍ୟ ଉପରେ ନ୍ୟସ୍ତ କଲେ । ସେମାନେ ଆହରଣ କରିଥିବା ଜ୍ଞାନ ବଳରେ ଆମକୁ ନିର୍ମାଣ କଲେ । ଯଦି ସେହି ଗୁରୁଜନ ମାନେ ନୀତି ହୀନ ହୋଇ ଥିବେ ତେବେ ତାଙ୍କ ଠାରୁ ଶିକ୍ଷା ପ୍ରାପ୍ତ ବ୍ୟକ୍ତି ନୀତି ହୀନ ଜୀବନଯାପନ କରିବ । ଯାହାର ପାରିବାରିକ ଶିକ୍ଷା ଉନ୍ନତ ହୋଇଥାଏ ସେ ନିଜର ଭବିଷ୍ୟତ ଜୀବନକୁ ଆକର୍ଷଣୀୟ କରିଥାଏ । ନିଜର ବାତ୍ସଲ୍ୟ ପ୍ରେମ ଯୋଗୁଁ ଯଦି ପିତାମାତା ଶିଶୁର ଦୋଷ ଦୁର୍ବଳତାକୁ ସମର୍ଥନ କରନ୍ତି ଓ ତାକୁ ଏଥିରୁ କ୍ଷାନ୍ତ ହେବାକୁ ସତର୍କ କରନ୍ତିନାହିଁ; ଏପରି ସ୍ଥଳେ ସନ୍ତାନଟି ସୁମଣିଷ ନହୋଇ କୁମଣିଷ ହୋଇଥାଏ । ଚାଣକ୍ୟ ନୀତି ଅନୁସାରେ ସନ୍ତାନକୁ ୫ବର୍ଷ ପର୍ଯ୍ୟନ୍ତ ଲାଳନ ପାଳନ କରା ଯାଉଥିଲା । ୬ବର୍ଷରୁ ଗୁରୁକୁଳ ଆଶ୍ରମରେ ଛାଡି ଦିଆ ଯାଉଥିଲା ସେଠାରେ ସେ ଗୁରୁଙ୍କ ଅନୁଶାସନ ମଧ୍ୟରେ ରହି ତାର ଚରିତ୍ର ନିର୍ମାଣ କରୁଥିଲା । ସେହି ଅନୁସାରେ ସେ ତାର ଗାର୍ହସ୍ଥ୍ୟ ଜୀବନରେ ନିଜକୁ ପରିଚାଳିତ କରୁଥିଲା । ସଂସାରରେ ସଠିକ ମାର୍ଗରେ ଜୀବନ ଯାପନ କରିବାପାଇଁ ଗୁରୁମାନେ ଶିଷ୍ୟକୁ ଜ୍ଞାନ, କର୍ମ ଓ ଉପାସନା ପାଇଁ ପ୍ରେରଣା ଦେଉଥିଲେ । ଶରୀର ଏକ ଆଧାର ବା ଉପକରଣ । ଆତ୍ମା ଉପାସକ ଓ ପ୍ରଭୁଉପାସ୍ୟ ବୋଲି ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଭୌତିକ ଉନ୍ନତି ଜୀବନର ପରମଲକ୍ଷ୍ୟ ନୁହେଁ ବୋଲି ଶିକ୍ଷା ଦେଉଥିଲେ । ଈଶ୍ୱର ପ୍ରାପ୍ତି ହିଁ ପରମଲକ୍ଷ୍ୟ ବୋଲି କହୁଥିଲେ । ପିଲାଟି ବାଲ୍ୟକାଳରୁ ଧାର୍ମିକ ଭାବରେ ବଞ୍ଚି ତ୍ୟାଗକୁ ପାଥେୟ କରିଥିଲା ସେ ନିଜ ଜୀବନକୁ ସରଳ ତଥା ସୁଗମ, ଶୃଙ୍ଖଳିତ ଓ ନୀତିନିଷ୍ଠ କରିବା ପାଇଁ ଜ୍ଞାନ ଆହରଣ କରି ତଦନୁଯାୟୀ ନିଜ ଶରୀରକୁ ବିଭିନ୍ନ କାର୍ଯ୍ୟ ପାଇଁ ତଥା ପରୋପକାର ପାଇଁ ନିୟୋଜିତ କରୁଥିଲା ।

ଗୃହସ୍ଥ ନିଜର ଜୀବନକାଳ ମଧ୍ୟରେ ଅନେକ ଲୋକଙ୍କ ସଂସ୍ପର୍ଶରେ ଆସେ । ସେମାନଙ୍କ ଠାରୁ ପ୍ରେରଣା ଲାଭକରି ସେ ନିଜ ଗୃହକୁ ଅଧାତ୍ମିକ ବାତାବରଣ ଯୁକ୍ତ କରିବା ପାଇଁ

ଯଜ୍ଞ, ବ୍ରତ ଦାନପୁଣ୍ୟ ଆଦିକାର୍ଯ୍ୟ କରିବାକୁ ଯତ୍ନକରେ । ଉପାସନା କାର୍ଯ୍ୟ ମାଧ୍ୟମରେ ଅନେକ ସାଧୁସନ୍ଥ ଜ୍ଞାନୀ ଓ ବିଦ୍ୱାନ ମାନଙ୍କ ଆଗମନ ହୁଏ । ସେମାନଙ୍କ ମଧ୍ୟରୁ ଉପଯୁକ୍ତ ଲୋକଙ୍କୁ ବାଛି ଗୁରୁ କଲେ ଓ ତାଙ୍କ ଠାରୁ ଦୀକ୍ଷା ନେଇ ଜୀବନର କଳା ଶିଖ ଏବଂ ତାକୁ ମାନି ନିଜକୁ ପରିଚାଳିତ କର, ଗୁରୁଙ୍କ ଆଦେଶକୁ କଦାପି ଅବଜ୍ଞା କରନାହିଁ, ବଞ୍ଚିବାର କଳା ଯେତେ କଷ୍ଟ କର ହେଲେ ମଧ୍ୟ ତାକୁ ସ୍ୱୀକାର କର ଓ ନିଜକୁ ଛୋଟ ବୋଲି ଭାବି ଓ ଦୁର୍ବଳ ବୋଲି ଭାବି ତାହା ପାଳନ କରିବାରୁ ବିରତ ହୁଅନାହିଁ । ନିଜ ଉପରେ ଭରସାରଖ, ନିଜର କାର୍ଯ୍ୟ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଆଗେଇ ଚାଲ ନିଶ୍ଚୟ ସଫଳ ହେବ ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ ।

ମନୁଷ୍ୟ କୁସଙ୍ଗ ହେତୁ କୁଶିକ୍ଷାରେ ପଡ଼ି ଅନୈତିକ କାର୍ଯ୍ୟ ସବୁ କରିଚାଲେ । ଚୋର ମଦ୍ୟପମାନଙ୍କ ସହିତ ମିଶି ସେ ମଧ୍ୟ ତାଙ୍କରି ପ୍ରେରଣାରେ ତାଙ୍କ ପରି କୁ କାର୍ଯ୍ୟ କରେ । ପ୍ରଥମେ ଅଗୋଚର ରେ ଏସବୁ ଅନ୍ୟାୟ କାର୍ଯ୍ୟ କରିଚଲେ । ମାତ୍ର ପରେ ପରେ ସେ ଏଥିରେ ଅଭ୍ୟସ୍ତ ହୋଇଥାଏ ଓ ଜାଣିଶୁଣି ଏପରି କାର୍ଯ୍ୟ ସବୁ କରିଥାଏ । କୁକର୍ମ କରିବା ଦ୍ୱାରା ମନୁଷ୍ୟ ନିଜେ ତ ନିନ୍ଦିତ ହୁଏ ତା ସହିତ ନିଜର ଜ୍ଞାତି ପରିଜନମାନଙ୍କୁ ମଧ୍ୟ ନିନ୍ଦିତ କରାଇଥାଏ, ନିଜର ତ୍ରୁଟି ସଂପର୍କରେ ନିଜର ଜ୍ଞାନ ବଳରେ ନିଜେ ଅବଗତ ହେବାହିଁ ବଞ୍ଚିବାର କଳା । ମଣିଷ ନିଜ କର୍ମର ଗତିକୁ ନିରୀକ୍ଷଣ ପୂର୍ବକ ତାହା ଠିକ୍ କି ଭୁଲ୍ ଜାଣିପାରିଲେ ଯାଇଁ ସେ ଇଚ୍ଛାକୃତ ଭାବରେ ନିଜର ଭୁଲର ସଂଶୋଧନ ପାଇଁ ଚେଷ୍ଟା କରିବ । ସଂସାରରେ ଏପରି ଅନେକ ଲୋକ ଥାଆନ୍ତି ସେମାନେ ନିଜର ଭୁଲପାଇଁ ଅନୁଶୋଚନା କରନ୍ତି ନାହିଁ । ଓଲଟି ଅନ୍ୟମାନେ ତ ଏପରି କରୁଛନ୍ତି ମୁଁ କଲେ କ'ଣ ଭୁଲ ହେଲା ବୋଲି କହନ୍ତି ଏବଂ ନିଜକୁ ସଂଶୋଧନ କରନ୍ତି ନାହିଁ । ଯେଉଁମାନେ ଅନ୍ୟଠାରୁ ଲାଭ ପାଉଛନ୍ତି ସେମାନେ ତାଙ୍କର ସ୍ୱାର୍ଥ ସାଧନ ପାଇଁ ଅନ୍ୟର ଭୁଲକୁ ମଧ୍ୟ ସମର୍ଥନ କରିଥାନ୍ତି, ଦୁଃଖର କଥା ତାଙ୍କର ଭୁଲ ପ୍ରେରଣାରେ ପ୍ରଭାବିତ ହୋଇ ଭଲ ଉପଦେଶ ମଧ୍ୟ ଗ୍ରହଣ କରିପାରନ୍ତି ନାହିଁ । ଏଣୁ ସର୍ବଦା ସଚେତନ ହୋଇ ନିଜର କୁକର୍ମର ପୁନରାବୃତ୍ତି ନକରି ସେପରି ଲୋକଠାରୁ ଦୂରେଇ ରହିବାକୁ ଯତ୍ନକଲେ ନିଜର ମଙ୍ଗଳ ହେବ । ଦେଖିବ ତୁମର ଜୀବନ ସୁଧୁରି ଯିବ । ନିଜର ଅଙ୍ଗୁଳିରେ ଯଦି କର୍କଟ ରୋଗ ହେଲା ତେବେ ରୋଗରୁ ରକ୍ଷାପାଇଁ ସଂପୃକ୍ତ ଆଙ୍ଗୁଳିକୁ କାଟି ଫିଙ୍ଗି ଦିଆଯାଏ । ଅନ୍ୟଥା ସମଗ୍ର ଶରୀର କର୍କଟ ରୋଗଗ୍ରସ୍ତ ହୋଇଯିବ । ବହୁ କଷ୍ଟରେ ପ୍ରଭୁଙ୍କ ଦୟାରୁ ଆମକୁ ଏ ଦୁର୍ଲଭ ମଣିଷ ଜନ୍ମ ମିଳିଛି । 'ମନୁଷ୍ୟ ଦେହେ ଦିବ୍ୟଜ୍ଞାନ ଦେଖି ସନ୍ତୋଷ ଭଗବାନ', ମଣିଷର ହିତାହିତ ଭଲମନ୍ଦ ବିଚାର କରିବାର ଶକ୍ତି ଅଛି । ତାକୁ କାମରେ ଲଗାଇ ନିଜ ଜୀବନକୁ ଶୃଙ୍ଖଳିତ କରିବା ଦରକାର । ପ୍ରତ୍ୟେକ କାର୍ଯ୍ୟ କେତେକ ନୀତି ନିୟମରେ ବନ୍ଧା, ଏହି ନିୟମର ଉଲ୍ଲଙ୍ଘନ ହେଲେ ଜୀବନରେ ଅନୀତି ପ୍ରବେଶ କରେ ଓ ଏହି ଅନୀତି ବିନାଶର କାରଣ ହୋଇଥାଏ । ତେଣୁ ଯଥାସାଧ୍ୟ ନୀତି ନିୟମମାନି କାର୍ଯ୍ୟ କରିବା ଦରକାର ।

ପିତାମାତା ଗୁରୁଜନଙ୍କୁ ଅନୁରୋଧ, ସେମାନେ ନିଜନିଜର ସନ୍ତାନମାନଙ୍କୁ ତ୍ରୁଟିଶୂନ୍ୟ ବଞ୍ଚିବାର କଳାରେ ଅଭ୍ୟସ୍ତ କରାଇଲେ ସୁସ୍ଥ ସମାଜ ଗଠନରେ ବ୍ରତୀ ହେବେ । ଯେଉଁମାନେ ବଞ୍ଚିବାର କଳାକୁ ଠିକ୍ ଭାବରେ ପ୍ରୟୋଗ କରିପାରନ୍ତି ସେମାନେ ସାମାଜିକ ପ୍ରାଣୀ ଭାବରେ ବିଭିନ୍ନ ବର୍ଗର ଲୋକଙ୍କ ସହିତ ସମନ୍ୱୟ ରକ୍ଷା କରିବାରେ ସମର୍ଥ ହୁଅନ୍ତି ଓ ସମାଜରେ ଜଣେ ଜଣେ ସଫଳ ବ୍ୟକ୍ତିତ୍ୱ ଭାବରେ ଗଣାଯାଆନ୍ତି ।

ମହାତ୍ମା ଭର୍ତ୍ତୃହରିଙ୍କ ଭାଷାରେ -

''ଦାକ୍ଷିଣ୍ୟଂ ସ୍ୱଜନ ଦୟା ପରିଜନେ ଶାଠ୍ୟ ସଦା ଦୁର୍ଜନେ  
ପ୍ରୀତ ସାଧୁ ଜନେ ନୟୋନ୍ନୃପଜନେ ବି ଦୂତ୍ ଜନେ ।  
ଶୌର୍ଯ୍ୟ ଶତ୍ରୁଜନେ କ୍ଷମା ଚାର୍ଜବଂ ।  
ଗୁରୁଜନେ ନାରୀ ଜନେ ଧୃଷ୍ଟତା,  
ଯେ ଚୈବଂ ପୁରୁଷା କଳାସୁ କୁଶଳା ସ୍ତେ ସ୍ତେବ ଲୋକ ସ୍ଥିତିଃ

**ଅବସରପ୍ରାପ୍ତ ଶିକ୍ଷକ**  
**ନରିକେଲ, ଜି. ବରଗଡ**



# ମୁଁ

**ଲକ୍ଷ୍ମଣ ସାହୁ**

'ମୁଁ' ଏକ ଏମିତି ଶବ୍ଦ, ଯାହାକି ସମଗ୍ର ପୃଥିବୀକୁ ଧ୍ୱଂସମୁଖକୁ ଟାଣି ନେଇପାରେ । ଅନ୍ୟ ପକ୍ଷରେ ଧ୍ୱଂସାଭିମୁଖୀ ପୃଥିବୀକୁ ମଧ୍ୟ ଧ୍ୱଂସମୁଖରୁ ରକ୍ଷା କରିଦେଇପାରେ । ଏହି 'ମୁଁ'କୁ ଯଦି ସତ୍‌ମାର୍ଗରେ ନିୟୋଜିତ କରି ସେବା, ପ୍ରେମ, ଅହିଂସା, ଶାନ୍ତି ଆଦି ମାନବିକ ମୂଲ୍ୟବୋଧ ବିକାଶରେ ପ୍ରୟୋଗ କରିବା ତେବେ ଏହି 'ମୁଁ' ଦ୍ୱାରା ଆମ ନିଜର ପରିବାର ତଥା ଆମ ସମାଜର ପ୍ରଭୂତ ବିକାଶ ସାଧିତ ହୋଇପାରିବ । ଏହାଦ୍ୱାରା ଏକ ଧର୍ମର ଆଧାର ସଞ୍ଚରିତ ହୋଇ ପୃଥିବୀର ହିତକାର୍ଯ୍ୟରେ ସହାୟକ ହେବ ଓ ମନୁଷ୍ୟର ମାନମର୍ଯ୍ୟାଦା ବୃଦ୍ଧିରେ ସହାଯ୍ୟ କରିବ । ଏହି ଦୃଷ୍ଟିକୋଣରୁ ବିଚାର କଲେ 'ମୁଁ' ଶବ୍ଦଟି କୌଣସି ପ୍ରକାର ଅପଶବ୍ଦ ନୁହେଁ । କେବଳ 'ମୁଁ'କୁ ଚିହ୍ନି ତାକୁ ଠିକ୍ ମାର୍ଗରେ ଲଗାଇବା ଆମର ପ୍ରଥମ କର୍ତ୍ତବ୍ୟ । 'ମୁଁ' କିଏ ଏହା ଯଦି ଜାଣିବାକୁ ଚାହିଁବା ତେବେ ଏହି 'ମୁଁ'କୁ ଆତ୍ମା ସହିତ ଯୋଡ଼ିବାକୁ ପଡ଼ିବ । ଆତ୍ମା ହେଉଛି ଭଗବତ ସତ୍ତା । ଆତ୍ମା ସହିତ ଯୋଡ଼ିବା ମାନେ ଭଗବାନଙ୍କ ସହିତ ଯୋଡ଼ିହେବା । ଆତ୍ମା ଓ ପରମାତ୍ମାଙ୍କ ମିଳନରେ ମଣିଷ ତା'ର ପରମ ଓ ଚରମ ଲକ୍ଷରେ ପହଞ୍ଚିଥାଏ । ଏଥିପାଇଁ ଏକ ସୁଗମ ରାସ୍ତା ଆବଶ୍ୟକ । ଏହି ରାସ୍ତା ଫିଟିଗଲେ ସମାଜ ଆମକୁ ଏକ ସୁନ୍ଦର ଫୁଲ ସଦୃଶ ଦେଖାଯିବ । ସୌନ୍ଦର୍ଯ୍ୟ ସହିତ ତା'ର ବାସନା ଚତୁର୍ଦ୍ଦିଗରେ ବିଚ୍ଛୁରିତ ହେବ, ସେତେବେଳେ ଏହି 'ମୁଁ' ସମାଜ ପାଇଁ ଏକ ସୁଗମ ପଥ ପ୍ରଦର୍ଶକ ଭାବରେ ଉଭା ହେବ ।

ଏଣୁ ଆଜିକାର ଏହି ଶୁଭାବସରରେ ମୁଁ ସମାଜର ଭାଇଭଉଣୀମାନଙ୍କୁ ଏହି 'ମୁଁ'କୁ କୁପଥରୁ ନିବୃତ୍ତ କରି ସୁପଥରେ ପରିଚ୍ଛାଳିତ କରିବାକୁ ବିନମ୍ର ନିବେଦନ କରୁଛି । ଏତଦ୍ୱାରା ଆମର ଭବିଷ୍ୟତ ଜୀବନ ନିଶ୍ଚିତ ଭାବରେ ମଙ୍ଗଳମୟ ହେବ ।

**ପାଇକମାଲ, ବରଗଡ**

★★★★

ଶୁଭେଚ୍ଛା ସହ



# ମହାଲକ୍ଷ୍ମୀ

## କୃଷିସେବା କେନ୍ଦ୍ର

इंडियनऑयल

IndianOil

**ମାଣ୍ଡୋସିଲ, ବରଗଡ଼, ଓଡ଼ିଶା**

ପ୍ରୋ: ରୁଦ୍ରପ୍ରକାଶ ସାହୁ (ଯୁବାମଞ୍ଚ ସମ୍ପାଦକ)

ମୋ: ୯୯୩୮୩୦୭୧୨୧



# ମାନସିକ ବିଶାଦକୁ ଦୂର କରିବାର ସହଜ ଉପାୟ

**ଡା. ଲଳିତ କୁମାର ସାହୁ**

ମଣିଷ ଜୀବନରେ ଘଟୁଥିବା ବାସ୍ତବତା ଓ ତା'ର ନିଜସ୍ୱ ଚିନ୍ତାଧାରାର ତାରତମ୍ୟ ହିଁ ମାନସିକ ବିଶାଦର କାରଣ । ମଣିଷ ସର୍ବଦା ଅନ୍ୟକୁ ପରିବର୍ତ୍ତନ କରିବାରେ ନିଜର ସମୟ, ଶକ୍ତି ଓ ସାମର୍ଥ୍ୟକୁ ଅପଚୟ କରିଚାଲିଥାଏ । ମାତ୍ର ବାସ୍ତବତା ଭିନ୍ନ । ଆମେ କେବେହେଲେ ଅନ୍ୟକୁ ପରିବର୍ତ୍ତନ କରିପାରିବା ନାହିଁ ବରଂ ନିଜକୁ ପରିବର୍ତ୍ତନ କରିପାରିବା । ଯେଉଁ ବ୍ୟକ୍ତି ମାନସିକ ସ୍ତରରେ ଦୃଢ଼ ସେ ବ୍ୟକ୍ତି ସମାଜର ପାରସ୍ପାରିକ ପରିସ୍ଥିତି ମୁତାବକ ନିଜକୁ ପରିବର୍ତ୍ତନ କରି ଖାପଖୁଆଇ ନିଏ । ମାତ୍ର ମାନସିକସ୍ତରରେ ଦୁର୍ବଳ ବ୍ୟକ୍ତି ତାହା କରି ନ ପାରି ଅନ୍ୟ ଉପରେ ଦୋଷାରୋପ କରିବା ଆରମ୍ଭ କରିଦିଏ ।

ମାନସିକ ବିଶାଦର କାରଣ ମଧ୍ୟରେ ତୁଳନାତ୍ମକ ବିଚାର ମଧ୍ୟ ଅନେକାଂଶରେ ଦାୟୀ । ତୁଳନାତ୍ମକ ବିଚାର ହେଲା ଅନ୍ୟ ସହିତ ସର୍ବଦା ନିଜକୁ ତୁଳନା କରିବା । ପ୍ରକୃତରେ ଦୁନିଆଁରେ ପ୍ରତ୍ୟେକ ବ୍ୟକ୍ତି ଭିନ୍ନ ଅଟନ୍ତି, ସମସ୍ତଙ୍କ ଯୋଗ୍ୟତା ଓ ସାମର୍ଥ୍ୟ ମଧ୍ୟ ଭିନ୍ନ ଅଟେ । ମଣିଷର ପ୍ରବୃତ୍ତି ହେଲା ପ୍ରାୟତଃ ସେ ନିଜକୁ ଅନ୍ୟ ସହ ତୁଳନା କରିଚାଲେ । ସେହି ତୁଳନାତ୍ମକ ବିଚାରରେ ଯଦି ସେ ନିଜକୁ ଅପାରଗ ମନେ କରେ ଧୀରେ ଧୀରେ ମାନସିକ ବିଶାଦ ଆଡ଼କୁ ଚାଲିଯାଏ ।

ଛାତ୍ରଛାତ୍ରୀମାନଙ୍କ ମାନସିକ ବିଶାଦ ଚର୍ଚ୍ଚାକୁ ନେଲେ ତାଙ୍କର ଯୋଗ୍ୟତା ଓ ମନପସନ୍ଦର ବୃତ୍ତି ଚୟନ ନ କରିବା ଏକ ମୁଖ୍ୟ କାରଣ । ଏଥିପାଇଁ ଅନେକାଂଶରେ ଅଭିଭାବକମାନେ ଦାୟୀ । ଛାତ୍ରଛାତ୍ରୀମାନଙ୍କ କ୍ଷେତ୍ରରେ ଦେଖାଯାଏ ସେମାନେ ତାଙ୍କର ପରିପାର୍ଶ୍ୱରେ ଥିବା ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ଅନ୍ଧ ଭାବରେ ଅନୁକରଣ କରନ୍ତି । ପ୍ରକୃତରେ ସେମାନେ ଅନ୍ଧ ଭାବରେ ଅନୁକରଣ ନ କରି ବରଂ ତାଙ୍କ ଆଦର୍ଶରେ ଅନୁପ୍ରେରିତ ହେବା ଉଚିତ । ବର୍ତ୍ତମାନ ସମୟରେ ସ୍ୱଳ୍ପବୟସ୍କ ତରୁଣ ତରୁଣୀମାନେ ପ୍ରେମ ବ୍ୟାପାରରେ ଲିପ୍ତ ହେବା ସହ ସେଥିରେ ପ୍ରତାରିତ ହୋଇ ମାନସିକ ବିଶାଦ ଆଡ଼କୁ ଚାଲିଯାଉଥିବା ମଧ୍ୟ ଦେଖାଯାଉଛି ।

ମାନସିକ ବିଶାଦର ପ୍ରକାର ଭେଦକୁ ପ୍ରମୁଖ ଭାବେ ମନସ୍ତତ୍ୱବିତ୍‌ମାନେ ବର୍ଣ୍ଣନା କରିଛନ୍ତି -

1. Seasonal Effective Disorder
2. Post Traumatic Disorder
3. Bi-Polar Disorder

**1. Seasonal Effective Disorder (SED)**

କିଛି ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ଋତୁ ଆସିବା ପରେ ମାନସିକ ବିଶାଦ ଆଡ଼କୁ ଚାଲି ଯାଆନ୍ତି । ତାର ନିର୍ଦ୍ଦିଷ୍ଟ କାରଣ ସେମିତି କିଛି ନ ଥାଏ । ସେମାନେ ସେହି ପରିବେଶ ସହ ଖାପ ଖୁଆଇ ପାରନ୍ତି ନାହିଁ ଓ ମାନସିକ ଅଶାନ୍ତି ଅନୁଭବ କରନ୍ତି ।

**2. Post Traumatic Disorder (PTD)**

ଯେତେବେଳେ ଜଣେ ମହିଳା ଗର୍ଭବତୀ ଥାଆନ୍ତି ତାଙ୍କର ସ୍ୱାସ୍ଥ୍ୟ ପାଇଁ ଖାଦ୍ୟପେୟଠୁଁ ଆରମ୍ଭ କରି ସେ ଚାହୁଁଥିବା ସବୁ

ଜିନିଷ ତାଙ୍କୁ ଯୋଗାଇ ଦିଆଯିବା ସହ କେମିତି ସେ ସର୍ବଦା ଖୁସି ରହିବେ ପରିବାର ଲୋକେ ବିଶେଷ ଧ୍ୟାନ ଦେଇଥାନ୍ତି । ମାତ୍ର ସନ୍ତାନ ପ୍ରସବ କରିସାରିବା ପରେ ସେହି ଦୃଷ୍ଟିକୋଣ ନୂଆ ଜନ୍ମିତ ଶିଶୁ ଆଡ଼କୁ ଚାଲିଯାଏ । ସେତିକିବେଳେ ସେହି ମା'ଜଣକ ନିଜକୁ ପରିବାରରେ ଅଲୋଡ଼ା ଅନୁଭବ କରିବା ସହ ଏକପ୍ରକାର ମାନସିକ ବିଶାଦ ଆଡ଼କୁ ଚାଲିଯାଆନ୍ତି ।

**3. Bi-Polar Disorder (BPD)**

କିଛି ବ୍ୟକ୍ତି ଏପରି ସ୍ୱଭାବର ଥାଆନ୍ତି ସେମାନେ ଗୋଟିଏ ମୁହୂର୍ତ୍ତରେ ଠିକ୍‌ଠାକ୍ ଜଣାପଡୁଥିଲେ ମଧ୍ୟ ତତ୍‌କ୍ଷଣାତ୍ ମାନସିକ ବିଶାଦ ଆଡ଼କୁ ଚାଲିଯାଆନ୍ତି ।

**ନିବାରଣ:**

- ଏହି ସମସ୍ୟାମାନ ଦେଖାଦେଲେ ଆମେ ସାଇକ୍ରାଟିଷ୍ଟ୍ ଡକ୍ଟର ଏବଂ ସାଇକୋଲୋଜିଷ୍ଟ୍ ବା ମନସ୍ତତ୍ତ୍ୱବିତ୍ ଉଭୟଙ୍କ ଉପଦେଶ କ୍ରମେ ଠିକ୍ ହୋଇପାରିବା ।
- ମାନସିକ ବିକାର ବା ବିଶାଦଗ୍ରସ୍ତ ବ୍ୟକ୍ତିଙ୍କୁ ଆଦୌ ଏକା ଏକା ରହିବାକୁ ଦେବା ଉଚିତ ନୁହେଁ । କାରଣ ବହୁ ସମୟରେ ସେମାନଙ୍କ ଠାରେ ଆତ୍ମହତ୍ୟା କରିବାର ପ୍ରବୃତ୍ତି ମଧ୍ୟ ଆସିଥାଏ । ଏଭଳିକି ଜନଗହଳିପୂର୍ଣ୍ଣ ଜାଗାକୁ ମଧ୍ୟ ଛାଡ଼ିବା ଅନୁଚିତ ଯେଉଁଠି ପ୍ରତିଯୋଗିତା ମୂଳକ ବାତାବରଣ ଥିବ । ସେମାନେ ସେଠି ନିଜକୁ ଆହୁରି ଅପାରଗ ମନେ କରିବେ ।
- ଆମେ ଅନେକାଂଶରେ ଚେଷ୍ଟା କରିବା ଯେଭଳି ସେ ଖୁସି ରହିବେ । ବ୍ୟଙ୍ଗ କବିତା, ଗପ ଆଦି ଶୁଣାଇବା, ବାହାରେ ତାଙ୍କୁ ମନପସନ୍ଦର ଯାଗା ବୁଲିଯିବାକୁ ସୁଯୋଗ ଦେବା, ତାଙ୍କ କଥାକୁ କେମିତି ଆମେ ହତାଦର କରୁଛେ ବୋଲି ଭାବନା ତାଙ୍କ ମନରେ ନ ଆସିବା ଉଚିତ ।

**କେତେକ ଲକ୍ଷଣ ଯାହା ମାନସିକ ବିଶାଦରେ ଥିବା ବ୍ୟକ୍ତିଙ୍କୁ ଆମେ ଚିହ୍ନିବା:**

- ଯେପରିକି ସେ କେବଳ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଅନେଇ ରହିଥିବ ଓ ତା'ର ଆଖିର ମୁଭ୍‌ମେଣ୍ଟ୍ ବହୁତ କମ୍ ହେବ ।
- ଅନ୍ୟ ଲୋକଙ୍କୁ ଅକାରଣରେ ରାଗିବା ତଥା ଦୋଷାରୋପ କରିବା ।
- ସବୁବେଳେ ନିଜକୁ ଅପାରଗ ସାବ୍ୟସ୍ତ କଲାଭଳି କଥାବାର୍ତ୍ତା କରିବା ।
- ନିଜେ ଫୁସ୍ ଫୁସ୍ ହୋଇ କଥାବାର୍ତ୍ତା କରିବା ।
- ମାନସିକ ବିଶାଦ ଏକ ଚିକିତ୍ସାସାଧ୍ୟ ବ୍ୟାଧି ଏବଂ ଆମେ ଆରମ୍ଭରୁ ଏହାପ୍ରତି ଧ୍ୟାନ ଦେଲେ, ଆମେ ଲାଭରେ ରହିବା ।

କୁଡ଼ାସିଂହା, ବଲାଙ୍ଗୀର



ଶୁଭେଚ୍ଛା ସହ
ବିନନ୍ଦ କୁମାର ସାହୁ
(ଏକମାତ୍ର କୁଣ୍ଡା ବ୍ୟବସାୟୀ)
ମୋ: ୯୫୫୬୪୦୦୬୯୮
ସ୍ୱସ୍ତି କେଟେଲ ଫିଡ଼
ବଜାର ଛକ, ଛିନ୍ଦେଇକେଲା, ବରଗଡ଼, ଓଡ଼ିଶା



# ଯୋଗ

ଶ୍ରୀମତୀ ନିବେଦିତା ସାହୁ

ଯୋଗ ହେଉଛି ମାନବ ସମାଜକୁ ପ୍ରାଚୀନ ଭାରତୀୟ ସଂସ୍କୃତିର ଏକ ଅନବଦ୍ୟ ଅବଦାନ । ଭାରତୀୟ ଦର୍ଶନରେ ଯୋଗ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା । ଆତ୍ମଦର୍ଶନ ଓ ସମାଧି ଠାରୁ ଆରମ୍ଭ କରି ଜୀବନ କ୍ଷେତ୍ରରେ ଯୋଗର ବ୍ୟାପକ ପ୍ରୟୋଗ ଓ ପ୍ରଭାବ ପରିଲକ୍ଷିତ ହୁଏ । ଆଧୁନିକ ଭାରତୀୟ ସନ୍ଥମାନେ ଶାସ୍ତ୍ରବର୍ଣ୍ଣିତ ଯୋଗର ବିଶ୍ୱ ସାରା ପ୍ରଚାର କରିଛନ୍ତି । ଗୀତାରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଯୋଗକୁ ବିଭିନ୍ନ ଭାବରେ ପରିଭାଷିତ କରିଛନ୍ତି । ଅନୁକୂଳତା ଓ ପ୍ରତିକୂଳତା, ସିଦ୍ଧି-ଅସିଦ୍ଧି, ସଫଳତା-ବିଫଳତା, ଜୟ-ପରାଜୟ । ଏସବୁ ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତିରେ ସମ ରହିବାକୁ ଯୋଗ କହନ୍ତି । ଯୋଗର ଲକ୍ଷ ହେଉଛି ମଣିଷକୁ ସର୍ବୋଚ୍ଚ ବେଦାନ୍ତିକ ତତ୍ତ୍ୱକୁ ଅନୁଭବ କରାଇବା । ଏହି କ୍ରମରେ ଯୋଗ ମନୁଷ୍ୟର ବ୍ୟକ୍ତିତ୍ୱକୁ ପୂର୍ଣ୍ଣାଙ୍ଗ ବିକଶିତ କରି ଅଗ୍ରଗାମୀ କରାଇଥାଏ ।

ଯୋଗ ତିନି ପ୍ରକାରର ୧. କର୍ମଯୋଗ, ୨. ଭକ୍ତିଯୋଗ ୩. ରାଜଯୋଗ ବା ଜ୍ଞାନଯୋଗ । କର୍ମଯୋଗ ଦ୍ୱାରା ନିଜ ଦ୍ୱାରା କୃତ ପ୍ରତ୍ୟେକ କର୍ମକୁ ଭଗବାନଙ୍କୁ ଅର୍ପଣ କରାଯାଏ । ଭକ୍ତିଯୋଗ ଦ୍ୱାରା ହୃଦୟର ଆବେଗଭରା ଭାବକୁ ପ୍ରାର୍ଥନା, ବିଶ୍ୱାସ ଓ ଉପାସନା ଦ୍ୱାରା ଭକ୍ତିମାର୍ଗରେ ଭଗବାନଙ୍କ ଚରଣାରବିନ୍ଦରେ ନିମଗ୍ନ ହୋଇଥାଏ । ରାଜଯୋଗ ଓ ଧ୍ୟାନଯୋଗ ଦ୍ୱାରା ମନକୁ ବିଷୟ ବାସନାରୁ ପ୍ରତ୍ୟାହାର କରି ଅନ୍ତର୍ମୁଖୀ କରି ନିଜର ଅଧିନସ୍ଥ କରାଯାଏ । ଏହାଦ୍ୱାରା ମନର ଚଞ୍ଚଳତା ନିୟନ୍ତ୍ରିତ ହୋଇଥାଏ । ବ୍ୟକ୍ତି ଅଜ୍ଞାନତାର ଊର୍ଦ୍ଧ୍ୱକୁ ଉଠି ଧ୍ୟାନ ଦ୍ୱାରା ଜ୍ଞାନାଲୋକରେ ବିଚରଣ କରେ ।

ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - 'ଯୋଗସ୍ଥ କୁରୁ କର୍ମାଣି ସଙ୍ଗମ୍‌ତ୍ୟକ୍ତ୍ୱା ଧନଞ୍ଜୟ' । ପ୍ରତ୍ୟେକ କର୍ମ ସହିତ ଯୋଗର ସମ୍ବନ୍ଧ ରହିଛି । ମହର୍ଷି ପାତଞ୍ଜଳୀ ଯୋଗର ଆଠଟି ସୋପାନ ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି । ସେଗୁଡ଼ିକ ହେଲା ଯମ, ନିୟମ, ଆସନ, ପ୍ରଣାୟମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ତଥା ସମାଧି । ଏହି ଯୋଗର ଅଙ୍ଗଗୁଡ଼ିକ ଅଭ୍ୟାସ ପୂର୍ବକ ଆୟତ୍ତ ନ କରିବା ପର୍ଯ୍ୟନ୍ତ କେହି ଯୋଗୀ ହୋଇପାରିବେ ନାହିଁ । ଅଷ୍ଟାଙ୍ଗ ଯୋଗର ଏହି ପ୍ରକ୍ରିୟାଗୁଡ଼ିକ ଧର୍ମ, ଆଧ୍ୟାତ୍ମ ଏପରିକି ବିଜ୍ଞାନ ଦ୍ୱାରା ମଧ୍ୟ ପରୀକ୍ଷିତ ଓ ପ୍ରମାଣିତ । ଅଷ୍ଟାଙ୍ଗ ଯୋଗରେ ଜୀବନର ସାମାନ୍ୟ ବ୍ୟବହାର ଠାରୁ ଆରମ୍ଭ କରି ଧ୍ୟାନ ଏବଂ ସମାଧି ସହିତ ଅଧ୍ୟାତ୍ମର ଉଚ୍ଚତମ ଅବସ୍ଥାଗୁଡ଼ିକର ଅନୁପମ ସମାବେଶ ହୋଇଅଛି । ଯମ ଓ ନିୟମ ଅଷ୍ଟାଙ୍ଗ ଯୋଗର ମୂଳ ଆଧାର ଅଟେ । ସଂସାରର ସମସ୍ତ ବ୍ୟକ୍ତି ସୁଖ ଓ ଶାନ୍ତି ଚାହାଁନ୍ତି । ଏହି ସୁଖ ଶାନ୍ତି ଯୋଗାଭ୍ୟାସ ବିନା ମିଳିପାରିବ ନାହିଁ ।

ଯୋଗ ବୋଇଲେ ଆମେ କ'ଣ ବୁଝୁ ? ଯୋଗ ଅର୍ଥ ହେଉଛି ନିଜର ଚେତନାର ବୋଧ । ନିଜ ଭିତରେ ନିହିତ ଶକ୍ତିଗୁଡ଼ିକୁ ଅନୁଭବ କରି ତା'ର ବିକାଶ ଦ୍ୱାରା ଚୈତନ୍ୟ

ସ୍ୱରୂପ ଆତ୍ମାର ସାକ୍ଷାତକାର ଓ ପୂର୍ଣ୍ଣାନନ୍ଦ ପ୍ରାପ୍ତି । ଯୋଗ ଏକ ଆଧ୍ୟାତ୍ମିକ ଅନୁଶାସନ ଏବଂ ସୂକ୍ଷ୍ମ ବିଜ୍ଞାନ ଉପରେ ଆଧାରିତ ଜ୍ଞାନ ଅଟେ । ଯାହା ମନ ଏବଂ ଶରୀର ମଧ୍ୟରେ ଭାରସାମ୍ୟ ରକ୍ଷା କରିଥାଏ । ଯୋଗ ଶବ୍ଦ ଯୁଜ୍ ଧାତୁରୁ ନିଷ୍ପନ୍ନ ଯାହାର ଅର୍ଥ ମନର ସମଗ୍ର ବୃତ୍ତିକୁ ନିରୋଧ କରି ସମାଧି ଅବସ୍ଥାକୁ ନେଇଯିବାକୁ ବୁଝାଏ ।

ଯୋଗର ଆବଶ୍ୟକତା କ'ଣ? ଯୋଗାସନ ଓ ପ୍ରାଣାୟାମ ଅଭ୍ୟାସ ଦ୍ୱାରା ଶରୀର ଓ ମନ ସୁସ୍ଥ ଓ ନିରୋଗ ରହେ । ଶରୀରର ମୃତ ତନ୍ତୁଗୁଡ଼ିକ ପୁନର୍ଜାଗ୍ରତ ହୁଅନ୍ତି । ନୂଆତନ୍ତୁ ଓ କୋଷଗୁଡ଼ିକର ନିର୍ମାଣ ହୁଏ । ଯୋଗର ସୂକ୍ଷ୍ମ କ୍ରିୟାଗୁଡ଼ିକ ଦ୍ୱାରା ଆମ ଶରୀରର ସୂକ୍ଷ୍ମ ସ୍ନାୟୁତନ୍ତ୍ରଗୁଡ଼ିକୁ ଶକ୍ତି ମିଳେ ଓ ସେଗୁଡ଼ିକ ସକ୍ରିୟ ହୋଇଥାନ୍ତି । ଯାହା ଫଳରେ ଶରୀର ମଧ୍ୟରେ ରକ୍ତ ସଞ୍ଚାଳନ କ୍ରିୟା ଠିକ୍ ଭାବରେ ଚାଲି ପାରେ ଏବଂ ଶରୀର ମଧ୍ୟରେ ନୂତନ ଶକ୍ତିର ସଞ୍ଚାର ହେବାକୁ ଲାଗେ । ମାଂସପେଶୀଗୁଡ଼ିକର ସଂକୋଚନ ପ୍ରସାରଣ ଦ୍ୱାରା ତାହା ଦୃଢ଼ ହୁଏ ଓ ଶରୀରରେ ଶକ୍ତିର ଉନ୍ମେଷ ହୁଏ ଓ ଶରୀରରୁ ରୋଗ ନିବୃତ୍ତ ହୋଇଥାଏ । ଯୋଗାସନ ଏବଂ ପ୍ରାଣାୟାମ ଦ୍ୱାରା ଶରୀରର ଗ୍ରନ୍ଥି ଏବଂ ମାଂସପେଶୀଗୁଡ଼ିକର କର୍ଷଣ, ବିକର୍ଷଣ, ସଂକୋଚନ-ପ୍ରସାରଣ ତଥା ଶିଥିଳୀକରଣ ଆଦି କ୍ରିୟା ସଂଗଠିତ ହୋଇ ଶରୀରକୁ ଆରୋଗ୍ୟ ରଖେ ।

ରକ୍ତବାହୀ ଧମନୀ ଓ ଶିରାଗୁଡ଼ିକ ସୁସ୍ଥ ଓ କାର୍ଯ୍ୟକ୍ଷମ ହୁଅନ୍ତି । ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ମଣିଷ ମଧ୍ୟରେ କାର୍ଯ୍ୟକୁଶଳତା ଓ କର୍ମଠତା ବୃଦ୍ଧି ପାଏ । ଯୋଗ ଦ୍ୱାରା ସକଳ କାର୍ଯ୍ୟ ସଫଳତା, ଜ୍ଞାନବୃଦ୍ଧି, ଶରୀର ଅଙ୍ଗପ୍ରତ୍ୟଙ୍ଗରର ସୁନ୍ଦରତା, ମସ୍ତିଷ୍କର ବିକାଶ ଘଟିଥାଏ । ପ୍ରତ୍ୟେକ ମଣିଷ ନିଜର ଶାରିରୀକ ମାନସିକ ଓ ଆଧ୍ୟାତ୍ମିକ ଉନ୍ନତି ଲାଭ ପାଇଁ ପ୍ରତ୍ୟହ ଯୋଗାଭ୍ୟାସ କରିବା ବିଧେୟ ।

ପିଲାଙ୍କ ପାଇଁ ଯୋଗର ଉପକାରିତା - ପିଲାମାନଙ୍କ ପାଇଁ ଶୀର୍ଷାସନ, ସର୍ବାଙ୍ଗାସନ ଅତ୍ୟନ୍ତ ଉପଯୋଗୀ ଆସନ ଅଟେ । ଉଚ୍ଚତା ବୃଦ୍ଧି ପାଇଁ ତାଡ଼ାସନ, ପାଦହସ୍ତାସନ, ହଳାସନ, ପର୍ଶ୍ଚିମତାନାସନ, ଚକ୍ରାସନ, ଶରୀରକୁ ସନ୍ତୁଳିତ କରିବା ପାଇଁ ସୂର୍ଯ୍ୟ ନମସ୍କାର, ଏକାଗ୍ରତା ବୃଦ୍ଧି ପାଇଁ ଗରୁଡ଼ାସନ, ଧ୍ରୁବାସନ, ସ୍ମରଣଶକ୍ତି ବୃଦ୍ଧି ପାଇଁ ଭ୍ରାମରୀ, ପ୍ରାଣାୟମ ନିୟମିତ ଅଭ୍ୟାସ କରିବା ଉଚିତ । ଧ୍ୟାନ ଓ ଅଭ୍ୟାସ କରିବା ଦ୍ୱାରା ଏକାଗ୍ରତା, ସ୍ମରଣଶକ୍ତି ବଢ଼େ ଓ ଈଶ୍ୱରାନୁଭୂତି ମିଳିଥାଏ ।

**ରାଉରକେଲା**


*ଶୁଭେଚ୍ଛା ସହ*

**ସୁଶାନ୍ତ କୁମାର ସାହୁ**

**ମୋ: ୯୭୭୭୨୨୪୧୪୨**

# ସାହୁ କିରାନା ଷ୍ଟୋର

**ଛିନ୍ଦେଇକେଲା, ବରଗଡ଼, ଓଡ଼ିଶା**

*With best compliments from*



Prop. **Kailash Chandra Sahu**

**9437188413**





# Pinku Fabrication

## Paikmal Jharbandh Road, Bargarh

କୁବେର ସମାଜର ସମସ୍ତ ଭାଇ ଭଉଣୀମାନଙ୍କ ସୁଖ ଓ
ସମୃଦ୍ଧି କାମନା କରି ଆଗାମୀ ନବବର୍ଷର
ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଏହି ନବବର୍ଷ
ଆପଣ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ଏହାହିଁ କାମନା



# ଭାରତୀୟ ସଂସ୍କୃତିର ମହନୀୟତା

**ଶ୍ରୀମତୀ ସରୋଜିନୀ ସାହୁ**

ତ୍ୟାଗ ଓ ଭୋଗ ମଧ୍ୟରେ ବହୁତ ପାର୍ଥକ୍ୟ ରହିଛି । ତ୍ୟାଗ ହେଉଛି ଏକ ମହନୀୟ ମାନବିକ ଗୁଣ ଯାହା ନିଜକୁ ଛାଡ଼ି ଅନ୍ୟପାଇଁ ଉଦ୍ଦିଷ୍ଟ । ଏଥିରେ ଆତ୍ମାର ଉନ୍ନତି ହୋଇଥାଏ । ଭୋଗ ହେଉଛି କେବଳ ନିଜପାଇଁ । ଏହା ହେଉଛି ମଣିଷର ବ୍ୟକ୍ତିଗତ ସ୍ୱାର୍ଥସର୍ବସ୍ୱ କାର୍ଯ୍ୟ । ଏଥିରେ କେବଳ ଶରୀରଗତ ଲାଭ ଓ କ୍ଷଣିକ ପାଇଁ ମାନସିକ ସନ୍ତୁଷ୍ଟି ମିଳିଥାଏ । ଭୋଗ ମଣିଷକୁ ସ୍ୱାର୍ଥପର କରିଦିଏ । ଆମର ଭାରତୀୟ ସଂସ୍କୃତି ମହାନ ତ୍ୟାଗନିଷ୍ଠା ଉପରେ ପ୍ରତିଷ୍ଠିତ । ଏହା ପୃଥିବୀର ସମସ୍ତ ସଂସ୍କୃତି ଓ ସଭ୍ୟତା ମଧ୍ୟରେ ଅଗ୍ରଗଣ୍ୟ । ଆଦର୍ଶ ରାଜା ପ୍ରଭୁ ରାମଚନ୍ଦ୍ର ଓ ପ୍ରଭୁ ଶ୍ରୀକୃଷ୍ଣ ଏହି ମହାନ୍ ସଂସ୍କୃତିର ପୁରୋଧା ଥିଲେ । ପ୍ରଭୁ ରାମଚନ୍ଦ୍ର ସମାଜ ପାଇଁ ନିଜର ରାଜସିଂହାସନ ତଥା ପ୍ରାଣପ୍ରିୟା ପତ୍ନୀ ସୀତାମାତାଙ୍କୁ ତ୍ୟାଗ କରିଥିଲେ । ସେଥିପାଇଁ ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ନାମରେ ନାମିତ କରାଯାଇଛି । ପ୍ରଭୁ ଶ୍ରୀକୃଷ୍ଣ ମଧ୍ୟ ଆଜନ୍ମରୁ ସମାଜ ପାଇଁ କେତେ ଯେ ତ୍ୟାଗ କରିଛନ୍ତି ତା'ର ଇୟତ୍ତା ନାହିଁ । ସେ ଅଧର୍ମର ବିନାଶ କରି ଧର୍ମରକ୍ଷା କରିବା ପାଇଁ ନିଜ ଜୀବନକୁ ବାଜି ଲଗାଇ ଦୁଷ୍ଟ ଅସୁର ତଥା ଅନ୍ୟାୟୀ ରାଜାମାନଙ୍କ ସହ ଯୁଦ୍ଧ କରି ବହୁ କଷ୍ଟ ସ୍ୱୀକାର କରି ମାନବ ଜାତି ତଥା ସଭ୍ୟତାକୁ ବଞ୍ଚାଇ ପାରିଛନ୍ତି । ଯେଉଁଥିପାଇଁ ଆଜି ଆମେ ପୃଥିବୀ ପୃଷ୍ଠରେ ଜନ୍ମ ହେବାର ସୁଯୋଗ ପାଇଛୁଁ । ତ୍ୟାଗପୂତ ଜୀବନଯାପନ ଓ ଜଗତର ମଙ୍ଗଳ ପାଇଁ ଭଗବତ ଗୀତା ମାଧ୍ୟମରେ ଯୋଗର ପ୍ରସାର ପ୍ରଚାର କରି ଆଜି ଯୋଗୀରାଜ ଶ୍ରୀକୃଷ୍ଣ ଭାବରେ ସାରା ବିଶ୍ୱରେ ପରିଚିତ । ସେ କେବେବି ନିଜକୁ କୌଣସି ରାଜ୍ୟର ଶାସକ ଭାବରେ ବା କାହାରି ଗୁରୁ ଭାବରେ ପ୍ରତିଷ୍ଠିତ କରିନାହାଁନ୍ତି । ଏହା ତାଙ୍କର ତ୍ୟାଗମୟ ଜୀବନ ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ ଅଟେ ।

ଆଜି ସେହି ପ୍ରଭୁ ରାମଚନ୍ଦ୍ରଙ୍କ ଅମର ଗାଥା ରାମାୟଣରେ ଓ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜୀବନ ବୃତ୍ତାନ୍ତ ହରିବଂଶ ତଥା ମହାଭାରତ ଗ୍ରନ୍ଥରେ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇ ପୃଥିବୀର ମାନବ ସମାଜକୁ ତାଙ୍କର ସେବା ଓ ତ୍ୟାଗପୁତ ଜୀବନଯାପନ କରିବାର ମହାନ ବାଣୀ ପ୍ରଚାର କରିଚାଲିଛି ।

ଆସନ୍ତୁ ଆମେ ସମସ୍ତେ ସେହି ମହାପୁରୁଷ ଦ୍ୱୟଙ୍କ ପ୍ରଦର୍ଶିତମାର୍ଗ ଅନୁସ୍ମରଣରେ ତ୍ୟାଗମୟ ଜୀବନଯାପନ ପୂର୍ବକ ନିଜର, ନିଜ ପରିବାରର ତଥା ସମାଜର ଉନ୍ନତିରେ ବ୍ରତୀ ହେବା, ଏହାହିଁ କାମନା ।

**ପାଇକମାଲ, ବରଗଡ଼**

★★★



# ଯୌତୁକ ଏକ ସାମାଜିକ ବ୍ୟାଧି

ନିତ୍ୟାନନ୍ଦ ସାହୁ

ଯେଉଁ ସମାଜରେ ଅଧିକାଂଶ ଉତ୍ତମ ଲୋକ ରହନ୍ତି ତାକୁ ସଭ୍ୟ ସମାଜ କୁହାଯାଏ । ଏଣୁ ଏକ ସୁସ୍ଥ ସଭ୍ୟ ଓ ନୈତିକ ମୂଲ୍ୟଯୁକ୍ତ ସମାଜ ଗଠନ କରିବାକୁ ହେଲେ ଆମକୁ ସାମାଜିକ ରୀତି ନୀତି ପାଳନ ପୂର୍ବକ ଭାଇଚାରା ସମ୍ପନ୍ନ, ଏକାତ୍ମବୋଧ, ସାଧୁ, ସଚ୍ଚୋଟ, ପରୋପକାରୀ ସାମାଜିକ ଜୀବନଯାପନ କରିବାକୁ ହେବ । ନଚେତ୍ ସମାଜର ପ୍ରଗତିରେ ବାଧା ଉପୁଜିବା, ସମାଜର ନୀତି ନିୟମ ଓ ଶୃଙ୍ଖଳା ନଗ୍ନ ଭଗ୍ନ ହେବା, ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ଘଟିବା ଭଳି ମାରାତ୍ମକ, ସଂକ୍ରାମକ ରୋଗ ସବୁ କାୟାବିସ୍ତାର କରିବ ଓ ସାମାଜିକ ଜୀବନ କଳୁଷିତ ହୋଇଉଠିବ ।

ଆମ ଭାରତୀୟ ସଂସ୍କୃତିରେ ବିବାହକୁ ଏକ ପବିତ୍ର ବନ୍ଧନ ଓ ତହିଁରେ ନାରୀ ଓ ପୁରୁଷର ଆତ୍ମିକ ମିଳନ ଘଟେ ବୋଲି ବିଚାର କରାଯାଏ । ସାମାଜିକ ଶୃଙ୍ଖଳା ରକ୍ଷା ନିମିତ୍ତ କେଉଁ ଆବହନକାଳରୁ ଆମ ସମାଜରେ ବିବାହ ପ୍ରଥା ପ୍ରଚଳିତ ହୋଇ ଆସୁଛି । ଭାରତୀୟମାନେ କନ୍ୟାକୁ ରତ୍ନ ସହିତ ତୁଳନା କରି କନ୍ୟାଦାନ ଏକ ମହତ ଦାନ ବୋଲି ବିଶ୍ୱାସ କରନ୍ତି ଓ କନ୍ୟାଦାନ ସହିତ ଦାନ ଗ୍ରହୀତାକୁ କିଛି ଦକ୍ଷିଣା (ଉପହାର) ଦେବାର ବିଧାନ ଆମ ସଂସ୍କୃତିରେ ରହିଅଛି । ବଡ଼ ଦୁଃଖର ବିଷୟ ଯେ ଅଧୁନା ଏହି ଦକ୍ଷିଣାର ସ୍ଥାନ ଯୌତୁକ ନେଇଛି । ନିଜକୁ ସଭ୍ୟ, ଶିକ୍ଷିତ, ପ୍ରତିପତ୍ତିଶାଳୀ ଦାବୀ କରୁଥିବା ସମାଜରେ ଯୌତୁକ ଦେବା ନେବା ଏକ ଚଳଣୀ ହୋଇଗଲାଣି । ଫଳରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପିତାମାତାମାନେ ଝିଅ ବିବାହରେ ନାନା ପ୍ରତିବନ୍ଧକ ଓ ଲାଞ୍ଛନାର ଶିକାର ହେଉଛନ୍ତି । ଦାବି ମୁତାବକ ଯୌତୁକ ଅଭାବରୁ ବିବାହ ବିଚ୍ଛେଦ, ବଧୂ ନିର୍ଯ୍ୟାତନା, ଶୋଷଣ, ଅତ୍ୟାଚାର, ବଧୂହତ୍ୟା ଭଳି ଘୃଣ୍ୟ ଘଟଣାମାନ ଦିନକୁ ଦିନ ବଢ଼ିଚାଲିଛି । ଯୌତୁକ ଦେବା ଓ ନେବା ଉଭୟ ଦଣ୍ଡନୀୟ ଅପରାଧ ଜାଣିବି କେହି ମାନିବାକୁ ପ୍ରସ୍ତୁତ ନୁହଁନ୍ତି, ଫଳରେ ଝିଅ ଜନ୍ମକୁ ପିତାମାତାମାନେ ବୋଝ ଅଭିଶାପ ମନେ କରୁଛନ୍ତି ଓ କନ୍ୟାଭ୍ରୂଣ ହତ୍ୟା ଭଳି ଘଟଣାମାନ ବୃଦ୍ଧି ପାଉଛି ।

ଏଣୁ ଲିଙ୍ଗଗତ ବୈଷମ୍ୟ ପରିହାର ପୂର୍ବକ ଝିଅମାନଙ୍କୁ ଶିକ୍ଷିତ ଓ ସ୍ୱାବଲମ୍ବୀ କରିବାକୁ ପଡ଼ିବ । ସଚେତନତା ଓ ଜାଗରଣ ସୃଷ୍ଟି କରିବାକୁ ହେବ । ଝିଅମାନେ ଶିକ୍ଷିତା, ସ୍ୱାବଲମ୍ବୀ ଓ ଦୃଢ଼ମନା ହୋଇପାରିଲେ ଏହି ଯୌତୁକ ଲୋଭି ନରରାକ୍ଷାସମାନଙ୍କର ଉଚିତ ମୁକାବିଲା କରିପାରିବେ ।

**କୋଷାଧ୍ୟକ୍ଷ, କୁବେର ସମାଜ**
**ପଶ୍ଚିମାଞ୍ଚଳ ଓଡ଼ିଶା ଓ ଛତିଶଗଡ଼**

★★★

ଶୁଭେଚ୍ଛା ସହ







# ଶ୍ରୀମା ଜେନେରାଲ ଷ୍ଟୋର
# ଶ୍ରୀମା ଫେନ୍ସି ଷ୍ଟୋର

## ଶାନ୍ତିପୁର, ଧଣ୍ଡାମୁଣ୍ଡା, ବଲାଙ୍ଗୀର

ପ୍ରୋ: ଭରତ ଚନ୍ଦ୍ର ସାହୁ

ମୋ: ୯୯୩୭୬୪୯୬୯୩

ପ୍ରୋ: ଆର୍ତ୍ତତ୍ରାଣ ସାହୁ

ମୋ: ୯୯୩୮୫୬୧୨୩୩



# ଶରୀର ରକ୍ଷାରେ ଆହାର

**କୁମୁଦିନୀ ସାହୁ,** ଗୃହିଣୀ

ମଣିଷ ଶରୀର ପଞ୍ଚଭୂତରେ ଗଢ଼ା ମାଟି, ପାଣି, ପବନ, ଅଗ୍ନି ଓ ଜଳ ସେଥିପାଇଁ ଶରୀରକୁ ପଞ୍ଚଭୂତ ଶରୀର ବୋଲି କୁହାଯାଏ । ସୁସ୍ଥ ଶରୀର ବିନା ମଣିଷ ଦୁନିଆଁରେ କୌଣସି କର୍ମ ବା ଧର୍ମପାଳନ କରିପାରିବନାହିଁ । ସେଥିପାଇଁ କୁହାଯାଇଛି ଶରୀର ''ମାଦ୍ୟ ଖଳୁଧର୍ମ ସାଧନଂ'' ଯଦି ଓ ଶରୀର ହେଉଛି ନଶ୍ୱର । କିଛି ଦିନ ପରେ ଏହା ନଷ୍ଟ ହୋଇଯାଏ, ମାତ୍ର ଶାରୀରିକ ମାନସିକ ଓ ଆଧାତ୍ମିକ କର୍ମ ସବୁ ସମ୍ପାଦନ କରିବା ଶରୀର ବିନା ସମ୍ଭବ ନୁହେଁ । ଏଣୁ ଏ ମର ଶରୀରକୁ ନିଜର ଇପ୍‌ସିତ କର୍ମ ଭଗବତ ପ୍ରାପ୍ତି ପର୍ଯ୍ୟନ୍ତ ବଞ୍ଚାଇ ରଖିବାକୁ ପଡ଼ିବ । ଶରୀରକୁ ବଞ୍ଚାଇ ରଖିବାପାଇଁ ଖାଦ୍ୟ ଦରକାର ସେଥିପାଇଁ ଶାସ୍ତ୍ରକହେ ''ଅନ୍ନାତ ଭବନ୍ତି ଭୁତାନି'' ଶରୀର ରକ୍ଷା ପାଇଁ ଆହାର ସହିତ ଦିନ ଚର୍ଯ୍ୟରେ ମଧ୍ୟ ଅନେକ ଜିନିଷ ପ୍ରତି ଦୃଷ୍ଟିଦେବାକୁ ହୋଇଥାଏ । ଯାହାକି ଆମର ଶାସ୍ତ୍ର ପୁରାଣରେ ମୁନିଋଷିମାନେ ଦିଗ୍‌ଦର୍ଶନ ଦେଇଯାଇଛନ୍ତି । ଶରୀରକୁ ସୁସ୍ଥ ସବଳ ରଖିବାପାଇଁ ନିୟମିତ ଆସନ ପ୍ରଣାୟାମ କରିବା ସହିତ ସାତ୍ତ୍ୱିକ ଆହାର ଗ୍ରହଣ କରିବାକୁ ପଡିବ । ଖାଦ୍ୟର ରସ ଉପରେ ଆମର ଖାଦ୍ୟାଭ୍ୟାସ ଗଢିଉଠିଥାଏ । ସୁସ୍ୱାଦଯୁକ୍ତ ଖାଦ୍ୟ ଆମେ ଅଧିକ ଭାବରେ ଖାଇଥାଉଁ । ଯେଉଁ ଖାଦ୍ୟ ଜିହ୍ୱାକୁ ଭଲଲାଗେ ପରେ ତାହା ଶରୀର ପାଇଁ ଅନୁପଯୋଗୀ ହେଲେ ମଧ ଆମେ ସେପରି ଖାଦ୍ୟକୁ ଅଧିକ ଭାବେ ଖାଇଥାଉଁ । ମାଛମାଂସ ଅଣ୍ଡା ଆଦି ଅଧିକ ଚର୍ବିଯୁକ୍ତ ଗରିଷ୍ଠ ଖାଦ୍ୟ ଯହିରେ ଅଧିକ ତେଲ ମସଲା ଲାଗିଥାଏ ଏବଂ ମୁହଁକୁ ମିଠା ଲାଗୁଥିବା ଚିନିଜାତୀୟ ଖାଦ୍ୟ, ଯାହାକି ଶରୀର ମଧ୍ୟରେ ଅ ନେକ ରୋଗର କାରଣ ହୋଇଥାଏ ତାକୁ ଆମେ ବହୁଳ ଭାବରେ ଖାଇ ରୋଗ ଭୋଗ କରିଥାଉଁ । ଅଧିକ ମସଲା ତଥା ରାଗଯୁକ୍ତ ଖାଦ୍ୟ ଚା, କଫି, ମଦ ଆଦି ଖାଇବା ଦ୍ୱାରା ଅନ୍ତନଳୀରେ ନାନାପ୍ରକାର ବ୍ୟତିକ୍ରମ ଦେଖାଦେଇ କେନ୍‌ସର, ବୃକକ୍‌ଜନୀତ ରୋଗ, ବହୁମୂତ୍ର ଆଦି ଦେଖା ଯାଇ ମଣିଷ ଅସମୟରେ ମୃତ୍ୟୁ ମୁଖରେ ପଡ଼ିଥାଏ । ଖାଦ୍ୟ ଗ୍ରହଣର ବ୍ୟବଧାନ ଟିକିଏ ଅଧିକ ହେଲେ ଅର୍ଥାତ୍ ଭୋକ ହେଲେ ଯାଇ ଖାଇଲେ ଓ ଯେତିକି ଦରକାର ସେତିକି ଖାଇଲେ ଖାଦ୍ୟ ହଜମ ସହଜ ହୋଇ ଶରୀର ଠିକ୍ ରହେ ।

ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି, 'ଯୈସେ ଅନ୍ନ ୱୈସେମନ ଓ ଯୈସେପାଣି ୱୈସେବାଣି' ଯେପରି ଖାଦ୍ୟ ସେପରି ମନ ଓ ଚିନ୍ତନ ହୋଇଥାଏ । ମନଦ୍ୱାରା ନିଜର ଚାଲିଚଳନ ଓ ସଂସ୍କାର ମଧ୍ୟ ନିର୍ଦ୍ଧାରିତ ହୋଇଥାଏ, ଖାଦ୍ୟ ମଣିଷର ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ନିୟନ୍ତ୍ରିତ କରିଥାଏ । ପିଲାବେଳେ ଆମେ ହସ୍ତାକ୍ଷର ଲେଖିଲା ବେଳେ ଲେଖୁଥିଲୁ ଖାଇ ଶୋଇଲେ ବଢ଼ଇ ଆୟୁ । ଖାଇ ଚାଲିଲେ ବଢଇ ବାୟୁ ଓ ଖାଇ ବସିଲେ ବଢଇପେଟ । ଖାଇ ଖାଇଲେ ଯମର ଭେଟ ବୋଲି ସୂଚାଇଛନ୍ତି ।

ଖାଦ୍ୟ ତିନିପ୍ରକାର - ସାତ୍ତ୍ୱିକ, ରାଜସିକ ଓ ତାମସିକ, ସାତ୍ତ୍ୱିକ ଖାଦ୍ୟ ଖାଇଲେ ମନ ଓ ଶରୀର ଶାନ୍ତ ଓ ସୁସ୍ଥ ରହେ । ମନମଧ୍ୟରେ ସକରାତ୍ମକ ଶୁଦ୍ଧ ଚିନ୍ତା ଆସେ । ରାଜସିକ ଖାଦ୍ୟ ଦ୍ୱାରା ମନମଧ୍ୟରେ ଭାବପ୍ରବଣତା, ଗର୍ବ, ଦମ୍ଭ ପ୍ରଭୃତି

ସୃଷ୍ଟିକରେ ତାମସିକ ଖାଦ୍ୟ ମଣିଷକୁ ଅଳସୁଆ କରେ ତା ମନରେ କାମ କ୍ରୋଧ,  ଲୋଭ ମୋହ ହିଂସା ଆଦି ଖରାପ ଗୁଣ ସବୁ ସୃଷ୍ଟି ହୁଏ । ମଣିଷ ମାଂସାଶୀ ପ୍ରାଣୀ ନୁହେଁ, ବା ମାଂସ ତାର ଖାଦ୍ୟ ନୁହେଁ । ଆମେ ଯେଉଁ ମାଛମାଂସ ଖାଉଛୁ ତାହା କ'ଣ ପ୍ରାଣୀମାନଙ୍କର ଶବ ନୁହେଁ ? ତେବେ ଆମେ ଚିନ୍ତା କରିବା କଥା ଯେ ପ୍ରକୃତରେ ଆମେ ମାଛମାଂସ ଖାଇବା ଠିକ୍ ହେବ କି ନାହିଁ । ମାଛମାଂସ ଚୋବାଇଥିବା ହାଡ଼ ଆଦି ଅଧିକ ଗୁରୁ ପାକ ଖାଦ୍ୟ ଏସବୁ ତେଲ ମସଲାଯୁକ୍ତ ହୋଇଗଲେ ତାଙ୍କର ହଜମ ପ୍ରକିୟାରେ ଆମ୍ଭର ଅନ୍ତ୍ରକୁ ଅଧିକ ପରିଶ୍ରମ କରିବାକୁ ପଡିଥାଏ ଓ ଏପରି ଅନାବଶ୍ୟକ ଶ୍ରମଯୋର୍ଗୁ ଅନ୍ତ୍ରନଳୀରେ ନାନାପ୍ରକାର ବ୍ୟତିକ୍ରମ ଦେଖା ଯାଇ ରୋଗ ସୃଷ୍ଟି ହୋଇଥାଏ । ଏଣୁ ପାରୁପର୍ଯ୍ୟନ୍ତ ଏପରି ଖାଦ୍ୟ ଠାରୁ ମଣିଷ ଦୂରରେ ରହିବା ଉଚିତ ।

ପୂର୍ବ କାଳରେ ଆମ ଦେଶର ମୁନିଋଷି ମାନେ ଜଙ୍ଗଲୀ ଫଳମୂଳକୁ ନ ସିଝାଇ ଖାଦ୍ୟ ଭାବରେ ଗ୍ରହଣ କରୁଥିଲେ । ଯାହାଦ୍ୱାରା ସେମାନେ ଶହଶହ ବର୍ଷ ସୁସ୍ଥ ସବଳ ନିରାମୟ ଜୀବନ ଯାପନରେ ସମର୍ଥ ହେଉଥିଲେ । ଆଜି ମଧ୍ୟ ପାଶ୍ଚାତ୍ୟ ଦେଶର ଲୋକେ କେତେକ ପରିବାକୁ କଞ୍ଚା ଚୋବାଇ ଓ ଅଧାସିଝା କରିଖାଇଥାନ୍ତି । ଯଦି ଓ ସେମାନେ ମାଂସାସୀ ତଥାପି ରନ୍ଧା ମାଂସରେ ତେଲମସଲା ଅଧିକ ଦିଅନ୍ତି ନାହିଁ ।

ଆମେ ନିଜକୁ ସୁସ୍ଥ ସବଳ ରଖିବା ପାଇଁ ଅଧିକ ଭାବରେ କଞ୍ଚା ଫଳମୂଳ ତଥା ଚୋପାଯୁକ୍ତ ପନିପରିବା ଦୁଧ ଆଦି ଅଧିକ ଖାଇବା ଉଚିତ୍ । ଆମର ଖାଦ୍ୟ ସନ୍ତୁଳିତ ହେବା ଉଚିତ୍ । ସେଥିରେ ଶରୀର ଉପଯୋଗୀ ପୁଷ୍ଟିସାର, ସ୍ନେହସାର, ଶ୍ୱେତସାର ଧାତବ ଲବଣ ଓ ଅବାଶ୍ୟକ ପରିମାଣର ଜଳ ରହିବା ଦରକାର । ଜଳମଧ ଶରୀର ପାଇଁ ଏକ ଆବଶ୍ୟକ ଖାଦ୍ୟ ଅଟେ । ଦିନମଧରେ ଯଥେଷ୍ଟ ପରିମାଣରେ ଜଳପାନ କରିବା ରଚିତ ଏତଦ୍ୱାର ଖାଦ୍ୟ ହଜମ, ରକ୍ତ ସଂଚାଳନ ତଥା ବିରେଚନ କାର୍ଯ୍ୟ ଶୃଙ୍ଖଳିତ ହୋଇ ସ୍ୱାସ୍ଥ୍ୟ ରକ୍ଷାରେ ସହାୟକ ହୋଇଥାଏ,

ଆମେ ବଞ୍ଚିବା ପାଇଁ ଖାଇବା ଖାଇବା ପାଇଁ ବଞ୍ଚିବା ନାହିଁ । ଏହାକୁ ଦୃଷ୍ଟିରେ ରଖି ନୟନ୍ତ୍ରିତ ଭାବରେ ଖାଦ୍ୟ ଖାଇବାକୁ ଆମର ପୂର୍ବଶୂରୀ ମାନେ ଉପଦେଶ ଛଳରେ କହିଛନ୍ତି- ଦିନରେ ଥରେ ଖାଆନ୍ତି ଯୋଗୀ ଦୁଇଥର ଖାଇଥାନ୍ତି ଭୋଗୀ ତିନଥର ଖାଇଲେ ହେବ ରୋଗୀ ଏହାକୁ ମନରେ ରଖି ଆମେ ନିଜନିଜର ଖାଦ୍ୟ ଅଭ୍ୟାସକୁ ନିଦ୍ଦିଷ୍ଟ କରିବା ।

**ମହାସଭା କାର୍ଯ୍ୟକାରିଣୀ ସଦସ୍ୟା**
**ପଦ୍ମନାଭପୁର, ଟିଟିଲାଗଡ଼**

ଶୁଭେଚ୍ଛା ସହ

ଦିଲୀପ କୁମାର ସାହୁ
ମୋ: ୯୭୭୭୩୩୩୯୭୫

ସାହୁ କିରାନା ଷ୍ଟୋର
ଛିନ୍ଦେଇକେଲା, ବରଗଡ଼, ଓଡ଼ିଶା



# ବ୍ୟକ୍ତିତ୍ୱ ଗଠନରେ ସ୍ୱାସ୍ଥ୍ୟର ପ୍ରଭାବ

**ଶ୍ରୀମତୀ ତୃପ୍ତିମୟୀ ସାହୁ**, ଗୃହିଣୀ

କଥାରେ କହନ୍ତି Health is Wealth ଅର୍ଥାତ ସ୍ୱାସ୍ଥ୍ୟ ହିଁ ସଂପଦ । ଉତ୍ତମ ସ୍ୱାସ୍ଥ୍ୟବିନା ଶରୀର ତାର ଅପେକ୍ଷିତ କାର୍ଯ୍ୟ ଠିକ୍ ଭାବରେ କରିପାରେ ନାହିଁ । ସ୍ୱାସ୍ଥ୍ୟ ଉଭୟ ଶରୀର ଓ ମନ ଉପରେ ପ୍ରଭାବ ପକାଇଥାଏ । ଶରୀର ଅସୁସ୍ଥ ହେଲେ ମନ ମଧ ଅସୁସ୍ଥତା ଅନୁଭବ କରେ । ମନେକର ଜଣକୁ ମୁଣ୍ଡବ୍ୟଥା ହେଲା ତେବେ ତାକୁ ତ ଶାରୀରିକ କଷ୍ଟ ହେବା ସ୍ୱାଭାବିକ ମାତ୍ର ତତ୍ ସଙ୍ଗେ ସଙ୍ଗେ ତାର ମନମଧ ଠିକ୍ ରହିବ ନାହିଁ ଓ ସେ ତା'ର ମାନସିକ କାର୍ଯ୍ୟ ଠିକ୍ ଭାବରେ କରିପାରିବ ନାହିଁ, ଏପରିକି କୌଣସି କଥା ଶୁଣିବାକୁ, ପାଠପଢିବାକୁ କିମ୍ବା ମନୋରଞ୍ଜନ ଉପଭୋଗ କିମ୍ବା ଖୁସି ଗପ କରିବାକୁ ମଧ ତାର ଇଚ୍ଛା ହେବନାହିଁ । ଶିଶୁର ଶିକ୍ଷା ବା ବ୍ୟକ୍ତିତ୍ୱ ନିର୍ମାଣ କ୍ଷେତ୍ରରେ ସ୍ୱାସ୍ଥ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହାକୁ ମନରେ ରଖି ପିତାମାତା ବା ଶିକ୍ଷକମାନେ ଶିଶୁର ସ୍ୱାସ୍ଥ୍ୟରକ୍ଷା ପ୍ରତି ବିଶେଷ ଯତ୍ନବାନ ହେବା ସଙ୍ଗେ ସଙ୍ଗେ ଶିଶୁ ମଧରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବାକୁ ପଡ଼ିବ । ଅନ୍ୟଥା ଶିଶୁର ସର୍ବାଙ୍ଗୀନ ବିକାଶ ଘଟି ସେ ଜଣେ ଉନ୍ନତ ବ୍ୟକ୍ତିତ୍ୱର ଅଧିକାରୀ ହୋଇ ପାରିବନାହିଁ । ଗାନ୍ଧିଜୀଙ୍କ ଭାଷାରେ ସୁସ୍ଥ ଶରୀରରେ ସୁସ୍ଥ ମନର ବିକାଶ ହିଁ ଶିକ୍ଷା । ଶରୀର ସୁସ୍ଥ ନ ରହିଲେ ମନର ବିକାଶ ହୋଇ ପାରିବନାହିଁ ଓ ଶିଶୁର ଶିକ୍ଷଣ କାର୍ଯ୍ୟ ଆଗେଇ ପାରିବ ନାହିଁ । ଏଥିପାଇଁ ତ ଶାସ୍ତ୍ର କହେ -

''ଶରୀର ମାଦ୍ୟଂ ଖଳୁଧର୍ମଂ ସାଧନମ୍''

ଉତ୍ତମ ସ୍ୱାସ୍ଥ୍ୟ ବ୍ୟତିରକେ ଶାରୀରିକ ମାନସିକ କିମ୍ବା ଆଧାତ୍ମିକ - କୋଣସି କାର୍ଯ୍ୟ କରିହେବନାହିଁ ଏବଂ କଲେ ମଧ ସଫଳତା ମିଳିବ ନାହିଁ । ଶିଶୁକୁ ସୁସ୍ଥ ବା ନିରୋଗ ରଖିବାରେ ବିଦ୍ୟାଳୟ ଅପେକ୍ଷା ପରିବାରରେ ମାଆ ବାପାଙ୍କର ବିଶେଷ କରି ମାଆଙ୍କର ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମୁଖ୍ୟତଃ ଶିଶୁର ଦିନଚର୍ଯ୍ୟା ଉପରେ ତା'ର ସ୍ୱାସ୍ଥ୍ୟ ନିର୍ଭର କରେ । ଏଥିପାଇଁ କେତେକ ବିଷୟ ପ୍ରତି ସମ୍ୟକ୍ ଦୃଷ୍ଟି ଦେବାକୁ ପଡ଼ିବ । ସଅଳ ଶୋଇ ସଅଳ ଉଠିଲେ ସ୍ୱାସ୍ଥ୍ୟ ଠିକ୍ ରହେ । ବାପା ମାଆ ତାଙ୍କୁ ଶୀଘ୍ର ଶୋଇ ଶୀଘ୍ର ଉଠାଇବାକୁ ଅଭ୍ୟସ୍ତ କରିବାକୁ ପଡ଼ିବ । ଆଜିକାଲି ଛାତ୍ରଛାତ୍ରୀମାନେ ଅଧିକ ରାତି ଯାଏଁ ଅନିଦ୍ରା ରହି ଟେଲିଭିଜନ, ରେଡିଓ, ସିନେମା ଆଦି ଦେଖିଥାନ୍ତି । ସେମାନେ ସକାଳେ ଶୀଘ୍ର ଉଠି ନିଜର ରୁଟିନ୍ ବଦ୍ଧ କାର୍ଯ୍ୟ ଠିକ୍ ସମୟରେ କରିପାରନ୍ତି ନାହିଁ । ଏଥିପାଇଁ ତାଙ୍କର ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପଡିବା ସଙ୍ଗେସଙ୍ଗେ ପାଠପଢାରେ ମଧ ବାଧକ ହୋଇଥାଏ । ସେମାନେ ସମୟାନୁବର୍ତ୍ତୀ ହୋଇପାରନ୍ତିନାହିଁ । ସେମାନେ ସବୁ କାର୍ଯ୍ୟରେ ପଛୁଆ ହୋଇଯାନ୍ତି । ଅନିଦ୍ରା ହେତୁ ପେଟ ଗୋଳମାଳ, ପାକସ୍ଥଳୀଗତ ରୋଗ, ଦୃଷ୍ଟିହୀନତା ଆଦି ରୋଗରେ ରୋଗାକ୍ରାନ୍ତ ହୁଅନ୍ତି । କଥାରେ କହନ୍ତି - Early to bed and early to rise, makes man healthy, welthy & wise. ଏହାକୁ ମନରେ ରଖି ନିଜ ନିଜର କାର୍ଯ୍ୟକୁ ଠିକ୍ ସମୟରେ କରିବାକୁ ଶିଶୁମାନଙ୍କୁ ସତ୍ ପରାମର୍ଶ ଦେବାକୁ ପଡ଼ିବ । ଛାତ୍ରଛାତ୍ରୀମାନେ ରାତି

ଅନିଦ୍ରାଗତ ଆଳସ୍ୟ ଯୋଗୁଁ ଠିକ୍ ଭାବରେ ସ୍ନାନ ଶୌଚାଦି କରନ୍ତି ନାହିଁ ବା ମୁହଁ ନ ଧୋଇ ଦାନ୍ତ ନ ଘସି ମଧ ଖାଦ୍ୟ ଖାଆନ୍ତି । ଶିଶୁର ଏପରି ଅହେତୁକ ବ୍ୟତିକ୍ରମ ପ୍ରତି ମାଆ ବାପା ଉପଯୁକ୍ତ ଧ୍ୟାନ ଦେବା ଉଚିତ ।

ଶିଶୁର ଖାଦ୍ୟାଭ୍ୟାସ ମଧ ତା'ର ସାସ୍ଥ୍ୟ ଉପରେ ସକରାତ୍ମକ ବା ନକାରାତ୍ମକ ପ୍ରଭାବ ପକାଇଥାଏ । ଅନେକ ସମୟରେ ସେ ଭୋକ ନଥାଇ ଖାଦ୍ୟ ଖାଇଥାଏ । ସୁଆଦିଆ ଖାଦ୍ୟ ହେଲେ ଦରକାରଠାରୁ ଅଧିକ ଖାଦ୍ୟ ଖାଇଦେଇଥାଏ, ଯାହାକି ତାର ବଦ୍‌ହଜମୀ ପେଟବ୍ୟଥା, ପେଟଫମ୍ପା, ତରଳଝାଡ଼ା ଆଦିର କାରଣ ହୋଇ ତାକୁ ତା'ର ଦିନଚର୍ଯ୍ୟରୁ ବିରତ କରିଥାଏ ।

ଅନେକ ସମୟରେ ସାଙ୍ଗସାଥୀ ମେଳରେ ଖେଳିବାରେ ଟିଭି ଆଦି ଦେଖିବାରେ କିମ୍ବା ଅନ୍ୟ କୌଣସି ଜିନିଷ ଦେଖିବାରେ ବ୍ୟସ୍ତ ରହି ପିଲାଟି ଠିକ୍ ସମୟରେ ଖାଇବାକୁ ଭୁଲିଯାଏ ଓ ଯାହାକି ଶରୀରରେ ମାରାତ୍ମକ ଅମ୍ଳପିତ୍ତ ରୋଗର କାରଣ ହୋଇଥାଏ ।

ପରର ଅଇଁଠା ଖାଦ୍ୟ କିମ୍ବା ପତର ଅଇଁଠା ବାସନରେ ଖାଦ୍ୟ ନ ଖାଇବାକୁ ଶିଶୁକୁ ବାରଣ କରିବା ଉଚିତ । ତଦ୍ଦ୍ୱାରା ସେ ଅନେକ ସଂକ୍ରାମକ ରୋଗରୁ ରକ୍ଷାପାଇବ । ଶିଶୁର ନିତ୍ୟ ବ୍ୟବହାର୍ଯ୍ୟ ଲୁଗାପଟା ଓ ଅନ୍ୟାନ୍ୟ ଜିନିଷ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ପଡ଼ିବ, ସେ ଅନ୍ୟର ବ୍ୟବହୃତ ଲୁଗା, ସାବୁନ, ରୁମାଲ, ଚଷମା କିମ୍ବା ଜୋତା ଆଦି ବ୍ୟବହାର କରିବନାହିଁ । ନିୟମିତ ଭାବରେ ନଖବାଢ଼ି କାଟିବ । ନିୟମିତ ପରିଷ୍କାର ପାଣିରେ ସାବୁନ ଆଦି ଲଗାଇ ସ୍ନାନ କରିବ । ନିୟମିତ ଭାବରେ ମୁଣ୍ଡ କୁଣ୍ଡାଇବ ।

ଅନେକ ସମୟରେ ଶିଶୁ କେତେକ ପ୍ରତିକୂଳ ପରିବେଶର ସମ୍ମୁଖୀନ ହୋଇ ତାର ସାସ୍ଥ୍ୟହାନୀ ହୋଇଥାଏ । ମିଞ୍ଜିମିଞ୍ଜି ଆଲୁଅ ବା ଅତି ତୀବ୍ର ଆଲୋକରେ ପଢିବା, ଆଖି ସାମନାରେ ଅତି ପାଖରେ ବହିଧରି ପଢିବା ଦ୍ୱାରା ବ୍ୟକ୍ତିର ଦୃଷ୍ଟିଶକ୍ତି କମିଯାଏ, ଏଥିପ୍ରତି ପିତାମାତା ନିଜ ନିଜର ସନ୍ତାନମାନଙ୍କୁ ନିରୁତ୍ସାହିତ କରବା ଉଚିତ ।

ଶିଶୁକୁ ଶାରୀରିକ ତଥା ମାନସିକ ଦୃଷ୍ଟିରୁ ସୁସ୍ଥ ଓ କର୍ମକ୍ଷମ ରଖିବାରେ ଖେଳ ଓ ବ୍ୟାୟାମ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାନ୍ତି । ଏଥିପାଇଁ କୁହାଯାଇଛି ... All work and no play makes Ram is a doll boy

ଶିଶୁ ଯେପରି ପ୍ରତ୍ୟେହ ସକାଳେ ୧ଘଣ୍ଟା ଓ ସନ୍ଧ୍ୟାରେ ୧ଘଣ୍ଟା ଖେଳେ ପିତାମାତା ଓ ଶିକ୍ଷକମାନେ ଦୃଷ୍ଟି ଦେବା ଦରକାର । ଖେଳ ଖେଳିବା ଦ୍ୱାରା ଶିଶୁର ଶରୀର ଦୃଢ ଓ କର୍ମଠ ହୁଏ ଓ ମନ ସ୍ଫୁର୍ତ୍ତିଯୁକ୍ତ ଏବଂ ଉତ୍ତେଜନାମୁକ୍ତ ହୋଇଥାଏ । ଶିଶୁମଧରେ ଖେଳରୁ ଶୃଙ୍ଖଳାବୋଧ, ଦାୟିତ୍ୱବୋଧ, ଭ୍ରାତୃଭାବ, ନେତୃତ୍ୱ ନେବାର କଳା ଓ ସୁସ୍ଥ ପ୍ରତିଯୋଗିତା ମନୋଭାବ ଆଦିର ବିକାଶ ଲାଭ ହୋଇ ସେ ସମାଜର ଜଣେ ଯୋଗ୍ୟ ବ୍ୟକ୍ତିତ୍ୱ ଭାବରେ ଉଭା ହୁଏ । ଯଦି କୌଣସି କାରଣରୁ ଖେଳ ଖେଳିବା ସମ୍ଭବ ନହୁଏ ତେବେ ଘରେ ବସି ଆସନ ପ୍ରାଣାୟମ୍ ମଧ କରାଯାଇପାରିବ । ଆଜିକାଲି ପ୍ରତ୍ୟହ ଟି.ଭିରେ ମଧ ପ୍ରାଣାୟାମ ଓ ଶରୀର ଶିକ୍ଷାର ତାଲିମ ଦିଆଯାଉଛି । ତାକୁ ଦେଖି ମଧ ବାଳକ ବାଳିକାମାନେ ନିଜ କ୍ଷେତ୍ରରେ ପ୍ରୟୋଗ କରିପାରିବେ । ବିଭିନ୍ନ ରୋଗର ଚିକିତ୍ସା ପ୍ରାଣାୟାମ ଦ୍ୱାରା ବିନା ଔଷଧରେ କରାଯାଇପାରୁଛି ଏବଂ ରୋଗ ପ୍ରତିଷେଧକ ବ୍ୟବସ୍ଥା ମଧ ସମ୍ଭବ ହୋଇଛି ।

ବିଦ୍ୟାଳୟରେ ଶିକ୍ଷକମାନେ ଶିଶୁର ସାସ୍ଥ୍ୟବୃଦ୍ଧିକୁ ଆଖି ଆଗରେ ରଖି ସୀମିତ ହେଲେ ମଧ ହେଳା ନ କରି ନିୟମିତ ରୂପେ ଖେଳ, ମାସ୍ ଡ୍ରିଲ୍, ଯୋଗ ଆଦିର ଅଭ୍ୟାସ କରାଇବା ସଙ୍ଗେସଙ୍ଗେ ଶିଶୁକୁ ନିଜ ସାସ୍ଥ୍ୟରକ୍ଷା ପ୍ରତି ସଚେତନ ଓ ଉତ୍ସାହିତ କରିବାକୁ ପଡ଼ିବ । ବିଦ୍ୟାଳୟରେ ଡାକ୍ତରଙ୍କ ଦ୍ୱାରା ପ୍ରତି ୩ ମାସରେ ବା ପ୍ରତି ୬ମାସରେ ଥରେ ସାସ୍ଥ୍ୟ ଯାଞ୍ଚ୍ କରାଇ ରୋଗଥିଲେ ଔଷଧ ବା ପରାମର୍ଶ ନେଇ ତଦନୁଯାୟୀ ତାର ପ୍ରତିକାର କରାଯାଇ ତାକୁ ନିରୋଗ ରଖାଯିବାର ବ୍ୟବସ୍ଥା କରିବାକୁ ପଡ଼ିବ । ସାସ୍ଥ୍ୟବାନ ଶିଶୁ ଯେ କେବଳ ପରିବାରର ଅମୂଲ୍ୟ ସମ୍ପଦ ତାହା ନୁହେଁ, ସେ ହେଉଛି ଏକାଧାରରେ ସମାଜ ତଥା ରାଷ୍ଟ୍ରର ଅମୂଲ୍ୟ ସମ୍ପଦ । ସେ ଯଦି ସୁସ୍ଥ ସବଳ ରହିବ ତେବେ ଉପଯୁକ୍ତ ଶିକ୍ଷା ଲାଭକରି ସମାଜରେ ଜଣେ ସଫଳ ବ୍ୟକ୍ତିତ୍ୱ ଭାବରେ ପ୍ରତିଷ୍ଠିତ ହୋଇ ଆଗମୀ ଦିନରେ ରାଷ୍ଟ୍ରର ବିଭିନ୍ନ କ୍ଷେତ୍ରର ଦାୟିତ୍ୱନେଇ ତାକୁ ସଫଳତାର ସହିତ ସମ୍ପାଦନ କରି ଦେଶର ମାନ ସମ୍ମାନ ରକ୍ଷାରେ ସମର୍ଥ ହେବା ସଙ୍ଗେ ସଙ୍ଗେ ନିଜର ତଥା ନିଜ ପିତାମାତାଙ୍କର ଗୌରବ ବୃଦ୍ଧି କରିପାରିବ ।

**ବହିଦାର ପଡ଼ା, ଟିଟିଲାଗଡ଼, ବଲାଙ୍ଗିର**

ଶୁଭେଚ୍ଛା ସହ



ଶୁଭେଚ୍ଛା ସହ

# ରୋହିତ କୁମାର ସାହୁ

ମୋ: ୯୯୩୭୯୫୬୭୨୭



# ସାହୁ ମେଡ଼ିକାଲ ଓ ଜେନେରାଲ ଷ୍ଟୋର

ଛିନ୍ଦେଇକେଲା, ବରଗଡ଼, ଓଡ଼ିଶା



# ବୃଦ୍ଧ ପିତାମାତାଙ୍କ ସେବା କର

ଶ୍ରୀମତୀ ବଉଳ ସାହୁ

ବୃଦ୍ଧ ପିତାମାତାଙ୍କ ସେବାକାଳ ଉପସ୍ଥିତ ହେଲେ ଆଧୁନିକ ଯୁଗର ପୁଅବୋହୂମାନେ ସେଥିରୁ ଦୂରେଇ ଯିବାକୁ ନାନାପ୍ରକାର ଫନ୍ଦିଫିକର କରନ୍ତି । ସେମାନେ ଯୁକ୍ତି କରନ୍ତି ବାପା ମାଆ ମୋତେ ଏକାକୀ ଜନ୍ମ ଦେଇନାହାଁନ୍ତି । ମୁଁ କାହିଁକି ଏକାକୀ ତାଙ୍କର ସେବା କରିବି । ସେବା ଏପରି ଏକ ମହନୀୟ ମାନବିକ ଗୁଣ ଯାହା ସ୍ଥାନ, କାଳ, ପାତ୍ର, ଭେଦଭାବ ଦେଖେନାହିଁ । କୌଣସି ଅସହାୟ, ଅକ୍ଷମ, ଅଭାବୀ ଲୋକଙ୍କୁ ଦେଖିବାମାତ୍ରେ ତା'ର ସେବା ପାଇଁ ସହାୟତାର ହାତ ବଢ଼ାଇ ଦେବା କଥା । ଆଉ ତାହାହେଲା ନିଜର ଜନ୍ମଦାତା ବୃଦ୍ଧ ପିତାମାତାଙ୍କ କଥା । ଯେଉଁ ପିତାମାତା ଆମକୁ ଜନ୍ମ ଦେଇ ଆମ ପାଇଁ କେତେ ଦୁଃଖ କଷ୍ଟ ସହି ନାହାଁନ୍ତି । ନିଜେ ନ ଖାଇ ଆମକୁ ଖୁଆଇଛନ୍ତି । ଆମପାଇଁ ଯତ୍ନ କଲାବେଳେ ସେମାନେ ତ ହିସାବ କରି ଏହି ସେବାଯତ୍ନକୁ ବଡ଼ପୁଅକୁ, ମଝିଆଁ ପୁଅକୁ କିମ୍ବା ସାନପୁଅକୁ ଭାଗ କରିନାହାଁନ୍ତି । ସେହି ମାଆ ଯେତେବେଳେ ପୁଅଠାରୁ ଉଭଟ ଯୁକ୍ତି ଶୁଣିବ ତା'ର ଅନ୍ତରତମ ପ୍ରଦେଶରେ କେତେ ଯେ ବ୍ୟଥା ନ ହେବ ତାହା ଅନୁଭବୀ ହିଁ ଜାଣିବ । ସମ୍ପୃକ୍ତ ପୁଅ ବି ତ ଦିନେ ବୃଦ୍ଧ ହେବ । ସେତେବେଳେ କ'ଣ ପୁଅର ସେବା ଆବଶ୍ୟକ କରିବନାହିଁ । ତା'ର ଦୁର୍ବଳ ଅସହାୟ ଅବସ୍ଥାରେ ସେ ହିଁ ଏହା ଆବଶ୍ୟକ ତଥା ଉପଲବ୍ଧି କରି ପାରିବ । ମାତ୍ର ସେତେବେଳକୁ ନେଡ଼ିଗୁଡ଼ କହୁଣୀକୁ ବହି ସାରିଥିବ ।

ସେ ପିତାମାତାଙ୍କ ଉପଯୁକ୍ତ ସନ୍ତାନ ହୋଇଥିବ । ଯାହାର ହୃଦୟରେ ମାନବିକତା ଥିବ, ସେ ପିତାମାତାଙ୍କ ପ୍ରତି ଏପରି କଦର୍ଯ୍ୟ ବ୍ୟବହାର କରିବେ ନାହିଁ । ଓଲଟି ସେ ଅନୁଭବ କରିବ ଯେ ପିତାମାତାଙ୍କ ଦୟାରୁ ସେ ମଣିଷ ଭାବରେ ପୃଥିବୀରେ ଭୂମିଷ୍ଠ ହୋଇ ସମସ୍ତ ପ୍ରକାର ପାର୍ଥିବ ସୁଖର ଅଧିକାରୀ ହୋଇପାରିଛି । ପିତାମାତା ଜନ୍ମରୁ ଯଦି ତା'ର ଉପଯୁକ୍ତ ସେବା ଯତ୍ନ କରି ନ ଥାନ୍ତେ ତେବେ ଆଜି ଏ ସଂସାରରେ ନ ଥାନ୍ତା । ଏଣୁ ସେ ପିତାମାତାଙ୍କ ପ୍ରତି ସତତ କୃତଜ୍ଞ ହେବା ଉଚିତ ଏବଂ ଭାବିବା କଥା ଯେ ଅନ୍ୟ ଭାଇମାନେ ଯାହା କରନ୍ତି ମୁଁ ନିଶ୍ଚିତ ଭାବେ ଦେବତୁଲ୍ୟ ପିତାମାତାଙ୍କ ସେବା ସୁଶ୍ରୁଷା ଅନ୍ତିମ କାଳ ପର୍ଯ୍ୟନ୍ତ କରିବି ଏବଂ ପିତୃଋଣରୁ ମୁକ୍ତ ହେବି । ମନ ମଧ୍ୟରେ ଏପରି ବିଚାର କରିବା ଏବଂ ତାକୁ କାର୍ଯ୍ୟରେ ପରିଣତ କରିବା ହିଁ ପିତୃଋଣ ରୂପୀ ବନ୍ଧନରୁ ମୁକ୍ତି ପାଇବାର ବାଟ ବା ମହାନ ଯଜ୍ଞ ଅଟେ । ଏହାକୁ ମନେ ରଖି ସମସ୍ତ ସମସ୍ତ ଭାଇମାନେ ପିତୃମାତୃ ସେବାରେ ପ୍ରବୃତ୍ତ ହେବାକୁ ନିବେଦନ କରୁଛି ।

**ପାଇକମାଲ, ବରଗଡ଼**

★★★



# ପୁରାଣ ପୃଷ୍ଠାରୁ

ପ୍ରୀତମ ସାହୁ

ନଭୋମଣ୍ଡଳରେ ସପ୍ତର୍ଷି ଭାବରେ ପରିଚିତ ଓ ପରି ଦୃଶ୍ୟମାନ ସପ୍ତଋଷି ହେଲେ ମରିଚି, ଅତ୍ରି, ଅଙ୍ଗିରା, ପୁଳହ, ପୁଲସ୍ତ୍ୟ, କ୍ରତୁ, ବଶିଷ୍ଠ । ଏ ସମସ୍ତ ବ୍ରହ୍ମାଙ୍କ ମାନସ ସନ୍ତାନ ମାନଙ୍କ ମଧ୍ୟରୁ ପୁଲସ୍ତ୍ୟ ବ୍ରହ୍ମାଙ୍କ କର୍ଣ୍ଣରୁ ଜାତ, ବହ୍ମର୍ଷି ଥିଲେ । ବ୍ରହ୍ମାଙ୍କଠାରୁ ବ୍ରହ୍ମପୁରାଣ ପ୍ରାପ୍ତ ହୋଇ ପରାଶରଙ୍କୁ ସର୍ବସାଧାରଣଙ୍କ ଜ୍ଞାତବ୍ୟାର୍ଥେ ପ୍ରଦାନ କରିଥିଲେ ଏକଦା ବ୍ରହ୍ମାଙ୍କ ଆଦେଶରେ ପୁଲସ୍ତ୍ୟ କଠୋର ତପସ୍ୟାରତ ରାଜପୁତ୍ର ଦେବଦ୍ରତଙ୍କୁ ମନୋବାଞ୍ଛିତ ଫଳ ପ୍ରଦାନର ପ୍ରତିଶ୍ରୁତି ଦେଇ ତପସ୍ୟାରୁ ନିବୃତ୍ତ କରିଥିଲେ । ଦେବବ୍ରତ ଭୀଷ୍ମଙ୍କ ଅନୁରୋଧକ୍ରମେ ସୃଷ୍ଟିର ଆଦିଅନ୍ତ ସଂମ୍ପର୍କରେ ପ୍ରକୃଷ୍ଟ ଜ୍ଞାନ ପ୍ରଦାନ କରିଥିଲେ । ଯାହା ଆଜି ପଦ୍ମପୁରାଣ ଭାବରେ ଖ୍ୟାତ । ପୁଲସ୍ତ୍ୟଙ୍କୁ ରକ୍ଷସ ସଂପ୍ରଦାୟର ଜନ୍ମଦାତା ମଧ୍ୟ କୁହାଯାଏ । ବ୍ରହ୍ମାପୁତ୍ର ପୁଲସ୍ତ୍ୟ ଅତ୍ୟନ୍ତ ଗୁଣବାନ ଓ ତେଜସ୍ୱୀ ଥିଲେ । ଦେବଲୋକରେ ତାଙ୍କର ଯଥେଷ୍ଟ ଆଦର ଥିଲା । ଏକଦା ରାଜର୍ଷି ତୃଣବିନ୍ଦୁଙ୍କ ଆଶ୍ରମରେ ନିବାସ କରି ନିକାଞ୍ଚନରେ ତପସ୍ୟା କରିବାକୁ ଲାଗିଲେ । ଦେବକନ୍ୟା ଅପସରା, ମୁନିକନ୍ୟା ଆଦିଙ୍କ ନୃତ୍ୟଗୀତରେ ପରିବେଶ ଅଶାନ୍ତ ହୋଇ ତପସ୍ୟାରେ ବିଘ୍ନହେବାରୁ କ୍ରୋଧାନ୍ୱିତ ଋଷି ଅଭିଶାପ ଦେଲେ । କାଲିଠାରୁ ଯେଉଁ କନ୍ୟା ତାଙ୍କର ଦୃଷ୍ଟି ପଥାରୁଢ଼ ହେବ ସେ ନିଶ୍ଚୟ ଗର୍ଭଧାରଣ କରିବ । ଅଭିଶାପ ସଂପର୍କରେ ଅନଭିଜ୍ଞ ରାଜର୍ଷି ତୃଣବିନ୍ଦୁଙ୍କ କନ୍ୟା ମହର୍ଷି ପୁଲସ୍ତ୍ୟଙ୍କରେ କଣ୍ଠନିସୃତ ବେଦଧ୍ୱନୀରେ ମୋହିତ ହୋଇ ତାଙ୍କ ସମ୍ମୁଖରେ ଉପସ୍ଥିତ ହୁଅନ୍ତେ, ମହର୍ଷିଙ୍କ ଦୃଷ୍ଟି ପଡ଼ି ତାଙ୍କ ଶରୀରରେ ଗର୍ଭବତୀ ହେବାର ସମସ୍ତ ଲକ୍ଷଣ ଦେଖାଦେଲା । ଏସବୁ ଜାଣି ବିଚଳିତା କନ୍ୟା ପିତା ତୃଣବିନ୍ଦୁଙ୍କ ନିକଟରେ ଉପସ୍ଥିତ ହୁଅନ୍ତେ ତୃଣବିନ୍ଦୁ ଯୋଗବଳରେ ସବୁ ଜାଣି କନ୍ୟାକୁ ନେଇ ପୁଲସ୍ତ୍ୟଙ୍କ ପାଖରେ ଉପସ୍ଥିତ ହେଲେ ଓ ନିରପରାଧ କନ୍ୟାକୁ ପତ୍ନୀ ଭାବରେ ଗ୍ରହଣ କରିବା ନିମିତ୍ତ ଅନୁରୋଧ କଲେ । ଅନୁରୋଧ ରକ୍ଷା କରି ପୁଲସ୍ତ୍ୟ ସର୍ବଗୁଣସଂପନ୍ନା କନ୍ୟାକୁ ଗ୍ରହଣ କରି ଆଶୀର୍ବାଦ କଲେ, ଏକ ସର୍ବଗୁଣସଂପନ୍ନ ସୁପୁତ୍ର ଜନ୍ମ ଦେବାକୁ । ବେଦାଧ୍ୟୟନ ଶ୍ରବଣ କରି ଗର୍ଭବତୀ ହୋଇଥିବାରୁ ଜନ୍ମିତ ପୁତ୍ରର ନାମ ବିଶ୍ରବା ବା ବିଶ୍ରବଣ ନାମରେ ନାମିତ ।

ବିଶ୍ରବା ମଧ୍ୟ ପିତାଙ୍କ ସଦୃଶ ବିଦ୍ୱାନ, ତେଜସ୍ୱୀ ଥିଲେ । ସେ ମହାମୁନି ଭରଦ୍ୱାଜଙ୍କ ଦେବାଙ୍ଗନା ସଦୃଶ ରୂପବତୀ ଓ ଗୁଣବତୀ କନ୍ୟାକୁ ବିବାହ କରିଥିଲେ । ଏହି କନ୍ୟାଙ୍କ ଗର୍ଭରୁ କୁବେର ଜନ୍ମ ହୋଇଥିଲେ । ନିଜ ପୁତ୍ରବଧୂର ଗର୍ଭୋଦୟ ହେବା ଦେଖି ମହର୍ଷି ପୁଲସ୍ତ୍ୟ ଦିବ୍ୟଦୃଷ୍ଟି ଦ୍ୱାରା ଭବିଷ୍ୟବାଣୀ କରିଥିଲେ । ଏହି ବାଳକ ସଂଖ୍ୟାର କଲ୍ୟାଣ କରିବା ଉଦ୍ଦେଶ୍ୟରେ ଧନାଧ୍ୟକ୍ଷ ପଦରେ ଅଧିଷ୍ଠିତ ହେବ । ଏଣୁ ତାଙ୍କର ନାମ ବୈଶ୍ରବଣ ରଖାଯାଇଥିଲା । ସେ ପିତା ପିତାମହଙ୍କ ସଦୃଶ ମହାନ ତେଜସ୍ୱୀ ଥିଲେ । ଏକଦା ସେ କଠୋର ତପସ୍ୟାରେ ବ୍ରତୀ ହେଲେ । ବ୍ରହ୍ମା ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ବରଦାନ କରିବାକୁ ଉଦ୍ୟତ ହେବାରୁ ସେ ଲୋକକଲ୍ୟାଣ କରିବା ଉଦ୍ଦେଶ୍ୟରେ

ଲୋକପାଳ ହେବାକୁ ଇଚ୍ଛା ପ୍ରକାଶ କରିବାରୁ ବ୍ରହ୍ମା ତାଙ୍କୁ ଲୋକପାଳପଦରେ ଅଧିଷ୍ଠିତ କରିଥିଲେ । ଯମ ଇନ୍ଦ୍ର ଓ ବରୁଣ ନାମକ ତିନିଲୋକପାଳ ପୂର୍ବରୁ ଥିବାରୁ ତାଙ୍କୁ ଚତୁର୍ଥ ଲୋକପାଳ ଭାବରେ ଅଧିଷ୍ଠିତ କରିବା ସହ ସୂର୍ଯ୍ୟ ସମ ତେଜୀୟାନ ପୁଷ୍ପକ ବିମାନ ପ୍ରଦାନ କଲେ ଓ ଲଙ୍କାପୁରୀରେ ନିବାସ  କରିବାକୁ ଆଜ୍ଞା ଦେଇଥିଲେ ।

ଏହି ନଗରୀ ପୂର୍ବରୁ ରାକ୍ଷସମାନଙ୍କ ଦ୍ୱାରା ଅଧ୍ୟୁଷିତ ଥିଲା । ବ୍ରହ୍ମାଙ୍କ ନିର୍ଦ୍ଦେଶରେ ଯେଉଁମାନେ ଜଳର ସୁରକ୍ଷା କରୁଥିଲେ ତାଙ୍କୁ ରାକ୍ଷସ ଓ ଯେଉଁମାନେ ଜଳକୁ ପୂଜନ କରୁଥିଲେ ତାଙ୍କୁ ଯକ୍ଷ କୁହାଯାଉଥିଲା । କାଳକ୍ରମେ ରାକ୍ଷସମାନେ ପରାକ୍ରମୀ ହୋଇ ଦେବତାମାନଙ୍କୁ ସନ୍ତାପିତ କରିବାରୁ ବିଷ୍ଣୁ ସେମାନଙ୍କୁ ନିଧନ କଲେ । କେତେକ ରାକ୍ଷସ ସେହି ଭୟଙ୍କର ଯୁଦ୍ଧରେ ପରାଜିତ ହୋଇ ପଳାୟନ କରି ପାତାଳଲୋକରେ ଆତ୍ମଗୋପନ କରି ରହିଥଲେ । ସେମାନଙ୍କ ମଧ୍ୟରେ ଜଣେ ବୁଦ୍ଧିମାନ ରାକ୍ଷସ ଥିଲା ସୁମାଳି । ପୌଲସ୍ତ୍ୟ ବୈଶ୍ରବଣ ବା କୁବେରଙ୍କ ଦ୍ୱାରା ପରିତ୍ୟକ୍ତ । ଲଙ୍କାଗଡ଼ ଯେତେବେଳେ ସ୍ୱର୍ଣ୍ଣଲଙ୍କାରେ ପରିବର୍ତ୍ତିତ ହେଲା, ତା'ମନରେ ନିଜ ବାସସ୍ଥାନ ଫେରି ପାଇବାର ବାସନା ଜାଗ୍ରତ ହେଲା । ତାକୁ ଚରିତାର୍ଥ କରିବାକୁ ତା'ର ପରମ ସୁନ୍ଦରୀ କନ୍ୟା ନୈକେଶୀକୁ ମନ୍ତ୍ରଣା ଦେଇ ବିଶ୍ରବାଙ୍କ ସେବାରେ ନିଯୋଜନ ପାଇଁ ପଠେଇଲା । ଏକଦା ସନ୍ଧ୍ୟା କାଳରେ ମୁନି ବିଶ୍ରବା ସଂନ୍ଧ୍ୟା ଆଳତି କରୁଥିବା ସମୟରେ ବିଶ୍ରବାଙ୍କ ସେବାରେ ଉପସ୍ଥିତ ହୋଇ ନିଜର କାମବାସନା ପୁର୍ତ୍ତି ନିମିତ୍ତ ନିବେଦନ କଲା । ବିଶ୍ରବା ମଧ୍ୟ ତାର ନିବେଦନ ଗ୍ରହଣ କରି ତାର ମନୋବାଞ୍ଛା ପୁରଣ କଲେ ଏବଂ କହିଲେ ସେ ସମୟ ଏକ ଦାରୁଣ ସମୟ ହୋଇଥିବାରୁ ତାଙ୍କଦ୍ୱାରା ପ୍ରଦତ୍ତ ସନ୍ତାନ କ୍ରୁରକର୍ମା ଓ ଦୁରାଚାରୀ ହେବ । ଏହା ଶୁଣି ନୈକେଶୀ ଏକ ଧର୍ମାତ୍ମାପୁତ୍ର ପ୍ରଦାନ ପାଇଁ କାତର ନିବେଦନ କରନ୍ତେ ବିଶ୍ରବା ତାହା ପୁରଣ ହେବାର ପ୍ରତିଶ୍ରୁତି ଦେଲେ ।

ବିଶ୍ରବାଙ୍କ ଆର୍ଶିବାଦରୁ ନୈକେଶୀଙ୍କର ରାବଣ, କୁମ୍ଭକର୍ଣ୍ଣ, ସୁପର୍ଣଖା ଓ ବିଭୀଷଣ ଆଦି ଚାରିସନ୍ତାନ ଜାତ ହେଲେ । କ୍ରୁରକର୍ମା ରାବଣ କୁବେରଙ୍କୁ  ଲଙ୍କାରୁ ବିତାଡିତ କରି ଲଙ୍କାର ରାଜା ହେଲା । ଧର୍ମାତ୍ମା କୁବେର ବିନା ଦ୍ୱନ୍ଦ ଓ ପ୍ରତିବାଦରେ ସ୍ୱର୍ଣ୍ଣଲଙ୍କା ସହ ପୁଷ୍ପକ ବିମାନ ପରିତ୍ୟାଗ କରି ହିମାଳୟରେ ନିବାସ କଲେ । ଧର୍ମାତ୍ମା ବିଭୀଷଣ ପିତା, ପିତାମହଙ୍କ ପଥ ଅନୁସରଣ କରି ଶ୍ରୀରାମଙ୍କ ଶରଣାଗତ ହୋଇ ଚିରଞ୍ଜୀବୀ ହେଲେ । ଶ୍ରୀଜଗନ୍ନାଥଙ୍କର ଅନନ୍ୟ ଭକ୍ତ ଭାବରେ ବିଭୀଷଣ ପୂଜିତ ହେଲେ ।

**ଟିକ୍ରାପଡ଼ା, ବଲାଙ୍ଗୀର**

ଶୁଭେଚ୍ଛା ସହ

ଶ୍ରୀକାନ୍ତ ସାହୁ

ମୋ: ୭୫୦୪୭୬୭୪୯୫



ସାହୁ କିରାନା ଷ୍ଟୋର

ଜାମସେଠ, ବରଗଡ଼, ଓଡ଼ିଶା

# Admission Open

## 5 years Integrated Law



# B.A.LL.B

(Recognised by Deptt. of Higher Education, Govt. of Odisha, Affiliated by Sambalpur University)

Eligibility: Minimum 45% marks for General & 40% marks for SC/ST students in +2 Arts/Commerce/Science

Contact: 9078614700/7750915123 / 7325929492

# MAHAMAYA

## Institute of Legal Science, Nuapada



# ମାତୃମଞ୍ଚ

**ଶ୍ରୀମତୀ ଗୀତାଞ୍ଜଳୀ ସାହୁ**, ଗୃହିଣୀ

କୁବେର ସମାଜର ସାମାଜିକ ସାଂସ୍କୃତିକ ଆର୍ଥିକ ଉନ୍ନତି ସହିତ ସମାଜର ସଦସ୍ୟ ସଦସ୍ୟା ମାନଙ୍କୁ ସଂଗଠିତକରି ତାଙ୍କମଧ୍ୟରେ ଜାତିପ୍ରେମ ଓ ସମାଜପ୍ରତି କର୍ତ୍ତବ୍ୟ ସଚେତନତ୍ୟ ସୃଷ୍ଟି କରି ଏକ ଆଦର୍ଶ ସମାଜରେ ପରିଣତ କରିବା ଉଦ୍ଦେଶ୍ୟରେ ସମାଜର କେତେକ ମହାମନା ଜାତିପ୍ରାଣ ବ୍ୟକ୍ତିମାନେ କୁବେର ସମାଜରୂପୀ ସାମାଜିକ ସଂଗଠନ ସ୍ଥାପନ ପୂର୍ବକ ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକ ପରିଚାଳନା କରୁଛନ୍ତି । ବଡ଼ ଆନନ୍ଦର କଥା ଯେ ଅବହେଳିତ ଦୁର୍ବଳ ବୋଲି ବିଚାର କରାଯାଉଥିବା ମହିଳା ଜାତିକୁ ସଂଗଠିତ କରି ତାଙ୍କ ମଧ୍ୟରେ କର୍ତ୍ତବ୍ୟ ଓ ଅଧିକାର ସଚେତନତା ଜାଗ୍ରତ କରି ପୁରୁଷମାନଙ୍କ ସହିତ ସମସ୍କନ୍ଧ କରିବାର ମହତ୍ ପ୍ରୟାସ କୁବେର ମହାସଭା ଦ୍ୱାରା ଆରମ୍ଭ କରାଯାଇ ମହାସଭାରେ ମହିଳାମାନଙ୍କ ପାଇଁ ମାତୃମଞ୍ଚ ନାମକ ଶାଖାର ଶୁଭାରମ୍ଭ କରାଯାଇଅଛି । ବର୍ତ୍ତମାନ ମହିଳାମାନଙ୍କ ମଧ୍ୟରେ ଅଭୂତପୂର୍ବ ଜାଗରଣ ଓ ସଚେତନତା ସୃଷ୍ଟି ହେଉଅଛି । ଭଉଣୀମାନେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ, ସଭାସମିତି ଆଦିରେ, ଏପରିକି ମହାସଭା ଅଧିବେଶନମାନଙ୍କରେ ବହୁ ଦୂରଦୂରାନ୍ତରୁ କଷ୍ଟସ୍ୱୀକାର ତଥା ଖର୍ଚ୍ଚାନ୍ତ ହୋଇ ମଧ୍ୟ ଅଧିକରୁ ଅଧିକ ସଂଖ୍ୟାରେ ଉପସ୍ଥିତ ହେଉଛନ୍ତି ଓ କାର୍ଯ୍ୟକ୍ରମଗୁଡିକରେ ସକ୍ରିୟ ଅଂଶ ଗ୍ରହଣ କରୁଛନ୍ତି । ସେମାନେ ନିଜକୁ ସମାଜର ଏକ ଅଭିନ୍ନ ଅଙ୍ଗ ବୋଲି ହୃଦୟଙ୍ଗମ କରୁଛନ୍ତି । ବର୍ତ୍ତମାନ ମହାସଭା ଠାରୁ ଆରମ୍ଭ କରି ସାଇ ସ୍ତର ପର୍ଯ୍ୟନ୍ତ ମାତୃମଞ୍ଚମାନ ଗଠିତ ହୋଇ ସଦସ୍ୟାମାନେ ବିଭିନ୍ନ ସମାଜ ସେବାମୂଳକ କାର୍ଯ୍ୟ ଯଥା- ରକ୍ତବର୍ଗ ଚିହ୍ନଟ, ରକ୍ତଦାନ, ଶିବିର ଆୟୋଜନ, ଜଳଛତ୍ର ପରିଚାଳନା, ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଆଦିରେ ସକ୍ରିୟ ସହଯୋଗ କରୁଛନ୍ତି । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ- ଯଥା - ଗୀତ, ନାଚ, ଅଭିନୟ, ଝୋଟି ରଙ୍ଗୋଲି ଇତ୍ୟାଦି ପ୍ରତିଯୋଗିତା ଆଦିରେ ଭାଗନେଉଛନ୍ତି । ସଭାସମିତିରେ ଭାଷଣ ମଧ୍ୟ ଦେଉଛନ୍ତି ଯାହକି ମହିଳାମାନଙ୍କ ମଧ୍ୟରେ ଏକ ନୂତନ ଉତ୍ସାହ ଓ ପରିବର୍ତ୍ତନର ସୂଚନା ଦିଏ ।

ବର୍ତ୍ତମାନ ମହିଳାମାନଙ୍କ ନିଜ ପ୍ରତି ରହିଥିବା ସଂକୀର୍ଣ୍ଣତା, ହୀନମନ୍ୟତା ଆଦି ଦୂର ହେବାରେ ଲାଗିଛି । ଆମେ ମହିଳା ମାନେ ନିଜକୁ ଆଉ ଅବଳା ଦୁର୍ବଳା ନ ଭାବି ଓ ସବଳା ସଚଳା ଭାବି ସମାଜର ଗୁରୁତ୍ୱପୂର୍ଣ୍ଣ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଅନୁଭବ କରୁଛୁଁ । ଇତ୍ୟାବସରରେ ମାତୃମଞ୍ଚର ଉନ୍ନତି ତଥା ଏହାକୁ ମହିଳା ସଶକ୍ତିକରଣର ଏକ ଶକ୍ତିଶାଳୀ ମାଧ୍ୟମରୂପେ ଗଢ଼ିତୋଳିବାକୁ ନିମ୍ନମତେ ଆହୁରି କିଛି କିଛି କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦେବାକୁ ଚାହୁଁଛି ।

ପ୍ରତି ସାଇର ଭଉଣୀମାନେ ମହାସଭାର ଅନୁମୋଦନ କ୍ରମେ ନିଜ ସାଇର ମହିଳାମାନଙ୍କୁ ନେଇ ମାତୃମଞ୍ଚ ଗଠନ କରନ୍ତୁ । ଅନ୍ତତଃ ପ୍ରତିମାସରେ ଥରେ କିମ୍ବା ଦୁଇଥର ତା'ର ବୈଠକ କରନ୍ତୁ । ବୈଠକରେ ପରିବାର ତଥା ବିଶେଷକରି ମହିଳାମାନଙ୍କ ସମସ୍ୟା ଓ ତା'ର ସମାଧାନ ଉପରେ ଚର୍ଚ୍ଚା ଆଲୋଚନା କରନ୍ତୁ ଓ ବୈଠକରେ ଗୃହୀତ ପ୍ରସ୍ତାବଗୁଡ଼ିକ ପ୍ରସ୍ତାବ ବହିରେ ଲେଖିକରି ରଖନ୍ତୁ । ଯଦି କିଛି ସମସ୍ୟା

ଦେଖାଦେଉଛି ଯାହା ତାଙ୍କଦ୍ୱାରା ସମାଧାନ ହୋଇପାରୁନାହିଁ ତାହା ସାଇସଭା ବା ମହାସଭାକୁ ଜଣାନ୍ତୁ । ବର୍ତ୍ତମାନ ଯୁଗରେ ପୁରୁଷ ହେଉ କି ନାରୀ ହେଉ ନିରକ୍ଷର ରହିବା ଅତି ଲାଜର କଥା, ଯେପରି ନିଜ ଭାଇରେ କୌଣସି ମାଆ ଭଉଣୀ ନିରକ୍ଷର ନ ରହନ୍ତି ସେଥିପ୍ରତି ଧ୍ୟାନଦେଇ ଯେଉଁ ଶିକ୍ଷିତା ଭଉଣୀମାନଙ୍କ ସମୟ ଅଛି ବା କିଛି ସମୟ ବାହାର କରି ଏପରି ନିରକ୍ଷର ମହିଳାମାନଙ୍କୁ ଅକ୍ଷର ଶିକ୍ଷା ନେବାର କଷ୍ଟ କରନ୍ତୁ । ଅନ୍ତତଃ ସାଇର ପ୍ରତ୍ୟେକ ମହିଳା ନିଶ୍ଚିତ ଭାବରେ ନିଜର ଦସ୍ତଖତ କରିଜାଣନ୍ତୁ । ନିଜ ନିଜ ପଡାରେ ବା ଗ୍ରାମରେ ବୈଠକକରି ସେଥିରେ ବିଭିନ୍ନ ଘରକରଣା ବିଷୟ ତଥା ରନ୍ଧାବଢ଼ା, ଟୁଟକା ଚିକିତ୍ସା ଆଦି ବିଷୟରେ ପରସ୍ପର ମଧ୍ୟରେ ଆଲୋଚନା କରନ୍ତୁ । କୌଣସି ଜାନିଯାତ୍ରା ସମୟରେ ନିଜନିଜ ମଧ୍ୟରେ ଝୋଟି ରଙ୍ଗୋଲି, ହୁଳହୁଳି, ଆଦିର ପ୍ରତିଯୋଗିତା କରନ୍ତୁ । ନିଜ ନିଜ ପରିବାରର ଛୁଆମାନେ ଯେପରି ନିୟମିତ ସ୍କୁଲଯାଇ ପାଠପଢ଼ନ୍ତି । ସମସ୍ତେ ସଂସ୍କାରିତ ହୋଇ ଜ୍ୟେଷ୍ଠ ଓ କନିଷ୍ଠମାନଙ୍କ ପ୍ରତି ଶିଷ୍ଟ ବ୍ୟବହାର ପ୍ରଦର୍ଶନ କରିବେ, କେହି ଯେପରି ଅଶ୍ଳୀଳ ଭାଷା ବ୍ୟବହାର କରିବେ ନାହିଁ, ନିଜ ସମାଜର ବାଳକବାଳିକା ମାନେ ଯେପରି ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ଗୁଡକରେ ସଫଳତା ଲାଭକରି ଆଦର୍ଶ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ବା ସୈନିକ ସ୍କୁଲ ଆଦିରେ ପଢ଼ିବାର ସୁଯୋଗ ପାଇବେ ସେଥିପାଇ ଆମ ସମାଜର ଉଚ୍ଚଶିକ୍ଷିତ ମାଆ ହୁଅନ୍ତୁ କି ଭଉଣୀ ହୁଅନ୍ତୁ କିମ୍ୱା ଯୁବକ ହୁଅନ୍ତୁ , ନିଜର ବ୍ୟକ୍ତିଗତ ସମୟରୁ ସମାଜପାଇଁ କିଛିଦାନ କରି ଏପରି ବାଳକ ବାଳିକା ମାନଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷଣ ବ୍ୟବସ୍ଥା କରିବାକୁ ଅନୁରୋଧ ।

ଅନେକ ସମୟରେ ବିଭିନ୍ନ ପ୍ରକାର ଭୁଲ ବୁଝାମଣା କାରଣରୁ ପରିବାରର ଶାଶୁ ବୋହୁ, ଜାଆ ଜାଆ, ନଣନ୍ଦ ଭାଉଜମଧ୍ୟରେ ମନୋମାଳିନ୍ୟ ସୃଷ୍ଟିହୋଇ ପରିବାରରେ ଅଶାନ୍ତିର ବାତାବରଣ ଦେଖାଦିଏ, ଯାହିକି ପରିବାରର ଅବନତିର କାରଣ ହୋଇଥାଏ । ଏହା ଯେପରି ନହୁଏ ମାତୃମଞ୍ଚର ସଦସ୍ୟାମାନେ ସେଥିପ୍ରତି ଧ୍ୟାନ ଦେବାକୁ ଅନୁରୋଧ । ଏପରି ଅନେକ ପରିବାର ଅଛନ୍ତି ଯେଉଁମାନେ ତାଙ୍କ ପରିବାରରେ କାହାକୁ ରୋଗବାଗ ହେଲେ ଅର୍ଥାଭାବରୁ ଚିକିତ୍ସା କରିପାରନ୍ତି ନାହିଁ । ଯାହାଫଳରେ ରୋଗ ବଢିଯାଏ ବା ସଂପୃକ୍ତ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ିଥାଏ । ଅନେକ ପରିବାର ଅର୍ଥାଭାବରୁ ନିଜର ପିଲା ଛୁଆଙ୍କୁ ଉଚ୍ଚଶିକ୍ଷା ଦେଇପାରନ୍ତି ନାହିଁ । ଏପରି ସ୍ଥଳେ ମାତୃମଞ୍ଚ ତରଫରୁ ଧାର ଆକାରରେ ହେଉ କିମ୍ୱା ଦାନ ଆକାରରେ ହେଉ କିଛି କିଛି ଆର୍ଥିକ ସାହାଯ୍ୟ ଦେଲେ ସଂପୃକ୍ତ ବ୍ୟକ୍ତିମାନେ ଆବଶ୍ୟକ ସହାୟତା ପାଇଁ ନିଜର ଅସୁବିଧା ଦୂରକରି ପାରିବେ ।

ଆଜିକାଲି ଅବଶ୍ୟ ଦୂରାରୋଗ୍ୟ ରୋଗଗୁଡ଼ିକର ଖର୍ଚ୍ଚବହୁଳ ଚିକିତ୍ସା ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି । ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ଡାକ୍ତରୀ ବା ଇଞ୍ଜିନିୟରିଂ ଆଜି ପାଇଁ ଅଳ୍ପ ସୁଧରେ ଋଣ ମଧ୍ୟ ଯୋଗାଇ ଦେଉଛନ୍ତି । ନିଜନିଜର ଅଜ୍ଞତା କାରଣରୁ ଲୋକେ ଏସବୁ ସୁବିଧା ଉଠାଇ ପାରୁନାହାନ୍ତି । ସେମାନଙ୍କୁ ସମାଜର ଶିକ୍ଷିତ ଲୋକମାନେ ଏ ଦିଗରେ ଉପଯୁକ୍ତ ପରାମର୍ଶ ଦେବା ଆବଶ୍ୟକ ।

ଯଦି ସମ୍ଭବ ହୁଏ ମାତୃମଞ୍ଚର ସଦସ୍ୟାମାନେ ଏସ୍. ଏଚ.ଜି. ଗ୍ରୁପ୍ ଭଳି ପ୍ରତିମାସରେ କିଛି କିଛି ଚନ୍ଦା କରି ଏକ ପାଣ୍ଠି ସୃଷ୍ଟିକରନ୍ତୁ ଓ ଉକ୍ତ ପାଣ୍ଠିକୁ ଠିକ୍ ଭାବରେ ରକ୍ଷଣା ବେକ୍ଷଣ କରି ତା'ର ବୃଦ୍ଧି କରନ୍ତୁ ଓ ଆବଶ୍ୟକବେଳେ ତା'ର ସଦ୍‌ବିନିଯୋଗ କରନ୍ତୁ ।

ଉପର ବର୍ଣ୍ଣିତ ପରମର୍ଶଗୁଡିକ ଯଦିଓ ଛୋଟ ଉପଦେଶ ଭଳି ଲାଗୁଛି ମାତ୍ର ଯଦି ଆମର ମାଆ ଭଉଣୀମାନେ ସେଥିରୁ କିଛି ଗ୍ରହଣ କରି ନିଜ ପରିବାର କ୍ଷେତ୍ରରେ ପ୍ରୟୋଗ କରନ୍ତେ ନିଶ୍ଚିତ ଭାବରେ କିଛି ଉନ୍ନତି ହୁଅନ୍ତା ଓ ମାତୃମଞ୍ଚ ଗଠନର ସାର୍ଥକତା ପ୍ରତିପାଦିତ ହୁଅନ୍ତା । ମାଆ ଭଉଣୀମାନେ ଏଥି ପ୍ରତି ବିଶେଷ ଧ୍ୟାନ ଦେବାକୁ ଅନୁରୋଧ ।

**ସଭାନେତ୍ରୀ, ମାତୃମଞ୍ଚ**
**କୁବେର ସମାଜ, ଟିଟିଲାଗଡ**
**ପଦ୍ମନାଭପୁର, ଟିଟିଲାଗଡ଼**

★★★

ଶୁଭେଚ୍ଛା ସହ

# ଏମ୍.ଏସ୍. ସ୍ନେହା ମେଡ଼ିକାଲ ଷ୍ଟୋର

**କ୍ରାନ୍ତି ଛକ, ମାଣ୍ଡୋସିଲ**



ପ୍ରୋ: **ଶ୍ରୀମତୀ ଜ୍ୟୋତି ସାହୁ**

(C/o. ଡ. ରାକେଶ କୁମାର ସାହୁ

ସଭାପତି, ଯୁବାମଞ୍ଚ ମାଣ୍ଡୋସିଲ)

**ମୋ: ୯୯୩୮୫୦୮୬୭୫**

*ଗଣ୍ଠିବାତ, ଶ୍ୱାସ ଓ କାଶ, ଭଗନ୍ଦର, ଫିସର,*
*ଅର୍ଶ, ମଧୁମେହ ରୋଗର ଚିକିତ୍ସା ସହ ନିଶାମୁକ୍ତ କେନ୍ଦ୍ର*

*ଅଜାଣତରେ ମଦ୍ୟପଙ୍କୁ ମଦ ଛଡ଼ାଇବା ପାଇଁ ପରାମର୍ଶ କରନ୍ତୁ*



# ଓଜସ୍ୱୀନୀ - ଦେବିକା ରୋଟାବେନ୍

ସୁଶ୍ରୀ ବିନିତା ସାହୁ

ତା:୨୬.୧୧.୨୦୧୮ର ସେହି କାଳରାତ୍ରିକୁ ମାୟାନଗରୀ ମୁମ୍ବାଇ କେବେବି ଭୁଲିପାରିବ ନାହିଁ । ସେହି ବିଭୀଷିକାପୂର୍ଣ୍ଣ ରାତ୍ରିରେ ଦଶଜଣିଆ ସୀମାପାର ଆତଙ୍କବାଦୀ ଦଳ ପାକିସ୍ତାନରୁ ସମୁଦ୍ରପଥରେ ଆସି ହଠାତ୍ ପୃଥିବୀ ବିଖ୍ୟାତ ତାଜ ହୋଟେଲରେ ଅତର୍କିତ ବର୍ବର ଆକ୍ରମଣ କରିଦେଲେ । ଆତଙ୍କବାଦୀଙ୍କ ଅତର୍କିତ ଗୁଳିମାଡ଼, ଓ ଗ୍ରେନେଡ୍ ମାଡ଼ରେ ହୋଟେଲ ପରିସରରେ ଶତାଧିକ ଲୋକଙ୍କ ଜୀବନଦୀପ ଲିଭିଗଲା ଓ ଅନେକେ ଆହାତ ହେଲେ । ହୋଟେଲ ମଧ୍ୟରେ ନିଆ ଲାଗି ଜ୍ୱଳନ୍ତ ଆଗ୍ନେୟଗିରିର ରୂପଧାରଣ କଲା । ସୁରକ୍ଷାବଳଙ୍କ ପାଲଟା ଆକ୍ରମଣରେ ନଅଜଣ ଆତଙ୍କବାଦୀ ପ୍ରାଣ ହରାଇଲେ । ହୋଟେଲ ବାହାରେ ରାସ୍ତା ଉପରେ ମଧ୍ୟ ନିରସ୍ତ୍ର ଜନ-ସାଧାରଣଙ୍କ ଉପରେ ଗୁଳିମାଡ଼ ଚାଲିଲା । ଏଥିରେ ମଧ୍ୟ ଅନେକେ ହତାହତ ହେଲେ । ଏହି ଆକ୍ରମଣରେ ମହାରାଷ୍ଟ୍ର ସରକାରଙ୍କ ତିନିଜଣ ତୁଙ୍ଗ ପୁଲିସ ଅଧିକାରୀ ମଧ୍ୟ ଶହୀଦ ହୋଇଗଲେ । ଏହି ବର୍ବର କାଣ୍ଡର ଏକମାତ୍ର ସନ୍ତ୍ରାସବାଦୀ ଆଜମଲ୍ କସାବକୁ ଜୀବନ୍ତ ଧରାଯାଇଥିଲା । ତା' ନାମରେ ଦୀର୍ଘଦିନ ଧରି କେଶ୍ ଚାଲିଲା । ଶୁଣାଯାଏ ତା'ର ରକ୍ଷଣାବେକ୍ଷଣରେ ସରକାରଙ୍କର ଏକୋଇଶ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଯାଇଥିଲା । ୨୦୧୨ ମସିହାରେ କସାବକୁ ଫାଶୀଦଣ୍ଡରେ ଦଣ୍ଡିତ କରାଗଲା । ଯାହାର ବୟାନ ବଳରେ ଏହି ଦୁର୍ଦ୍ଦାନ୍ତ ଆତଙ୍କବାଦୀକୁ ଫାଶୀଦଣ୍ଡ ଦିଆଯାଇଥିଲା ସେ ହେଉଛି ୯ବର୍ଷ ୧୧ ମାସ ବୟସ୍କ ସର୍ବକନିଷ୍ଠ ସାକ୍ଷୀ ଦେବିକା ରୋଟାବେନ । ଏହି ସାକ୍ଷ୍ୟଦାନ ପାଇଁ ସେ ଅସୀମ ନିର୍ଭିକତା ତଥା ସାହସର ପରିଚୟ ଦେଇଛନ୍ତି । ସେ ହିଁ କସାବକୁ ଚିହ୍ନଟ କରିଥିଲା । ଘଟଣା ସମୟରେ ସେ, ତା'ର ପିତା ଓ ଭାଇ ତିନେହେଁ ସିଏସ୍‌ଟି ଷ୍ଟେସନ୍ ପାଖରେ ଥିଲେ । ଦେବିକାର ଗୋଡ଼ରେ ଗୁଳିମାଡ଼ ହେଲା ଓ ସେ ଅଚେତ ହୋଇପଡ଼ିଲେ । ତାଙ୍କୁ କାମା ହସ୍‌ପିଟାଲକୁ ନିଆଗଲା । ସେ ସେଠାରେ ଦୀର୍ଘସମୟ ଚିକିତ୍ସିତ ହେବାପରେ ତାକୁ ଜେ.ଜେ. ହସ୍‌ପିଟାଲକୁ ନିଆଯାଇ ଏକାଧିକ ଅସ୍ତ୍ରୋପଚାର କରାଯିବା ପରେ ସେ ଆରୋଗ୍ୟ ହୋଇ ଘରକୁ ଫେରିଲେ । ମାତ୍ର ଏତିକିରେ ତାଙ୍କ ପରିବାରର ଦୁଃଖ ଅନ୍ତ ହେଲାନାହିଁ । ଆତଙ୍କବାଦୀମାନେ ପାକିସ୍ତାନରୁ ଅର୍ଥଲୋଭ ଦେଖାଇ ବୟାନ ବଦଳାଇବାକୁ ବାଧ୍ୟ କଲେ । ମାତ୍ର ସେଥିରେ ସଫଳ ନ ହେବାରୁ ସମଗ୍ର ପରିବାରକୁ ଜୀବନରେ ମାରିଦେବାକୁ ଫୋନ୍‌ରେ ଧମକ ଦେବାକୁ ଲାଗିଲେ । ତାଙ୍କ ଭୟରେ ଲୋକେ ତାଙ୍କ ପରିବାରକୁ ରହିବାକୁ ମଧ୍ୟ ଜାଗା ଦେଲେ ନାହିଁ । ବନ୍ଧୁବାନ୍ଧବମାନେ ତାଙ୍କଠାରୁ ସମ୍ପର୍କ ଛିନ୍ନ କରି ଦୂରେଇ ଗଲେ । ଲୋକେ ଘୃଣାରେ ତାକୁ କସାବର ଝିଅ ବୋଲି କହିବାକୁ ଲାଗିଲେ । ଏପରିକି ଚାରିବର୍ଷ ପର୍ଯ୍ୟନ୍ତ କୌଣସି ସ୍କୁଲ୍ ମଧ୍ୟ ତାକୁ ନାମ ଲେଖାଇ ପଢ଼ିବାର ସୁଯୋଗ ଦେଲେନାହିଁ । ତାଙ୍କ ପିତାମାତାଙ୍କ ବ୍ୟବସାୟ ମଧ୍ୟ ଲୋକମାନଙ୍କ ସମ୍ପର୍କ ଅଭାବରୁ ବନ୍ଦ ହୋଇଗଲା । ତାଙ୍କର

ଜୀବନଯାତ୍ରା ପୂରାପୂରି ଅଟକିଗଲା କହିଲେ ଚଳେ । ଯେତେ ଅସୁବିଧା ହେଲେ ବି ସେ ଦବି ଯାଇ ନ ଥିଲେ । ଜୀବନକୁ ପାଣି ଛଡ଼େଇ ଆଶାବାଡ଼ି ସହାୟତାରେ କୋର୍ଟକୁ ଯାଇ ସାକ୍ଷ୍ୟଦାନ କଲେ । ଯାହାକୁ ଆଧାର କରି କସାବ ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଥିଲା । ଦେବିକାର ପରିବାରର ଅବସ୍ଥା ଶୋଚନୀୟ ହୋଇପଡ଼ିଲା । ସେ ନିଜେ ଟି.ବି.ରେ ଆକ୍ରାନ୍ତ ହୋଇପଡ଼ିଲା । ତା' ଭାଇ ମଧ୍ୟ ସଂକ୍ରମଣଜନିତ ରୋଗରେ ଆକ୍ରାନ୍ତ ହୋଇ ଶେଷରେ ବହୁମୂଲ୍ୟ ଅସ୍ତ୍ରୋପଚାର ଦ୍ୱାରା ଆରୋଗ୍ୟ ହେଲା ।

ବିଚାର ଶେଷ ହେବାପରେ ଦେବିକାକକୁ ସରକାର ତଥା ବିଭିନ୍ନ ଅନୁଷ୍ଠାନ ତରଫରୁ ଅନେକ ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯାଇଥିଲା ।

ସେହି ୨୬/୧୧ର କାଳରାତ୍ରିକୁ ମନେପକାଇ ଯେତେବେଳେ ମୁମ୍ବାଇ ନଗରୀ ତା'ର ବାର୍ଷିକ ଶ୍ରଦ୍ଧାଞ୍ଜଳୀ ପାଳନ କରୁଛି, ଦେବିକା ଯିଏ ଆଜି ୧୮ବର୍ଷରେ ପଦାର୍ପଣ କରିଛି, ଦୃପ୍ତ କଣ୍ଠରେ ବୀରାଙ୍ଗନା ଝାନ୍‌ସୀ ରାଣୀ ପରି ଘୋଷଣା କରୁଛି, ହେ ଭୀରୁ କାପୁରୁଷ ନରପିଚାଶଗଣ ଦମ୍ଭଧର, ଅପେକ୍ଷା କର, ସେ ସୁସମୟ ଆଗତପ୍ରାୟ । ମୁଁ ନିଶ୍ଚିତ ଭାବରେ ଏହି ବର୍ବୋରଚିତ କାର୍ଯ୍ୟର ଉପଯୁକ୍ତ ପ୍ରତିଶୋଧ ନେବି । ଭାରତୀୟ ପୁଲିସ ସେବାରେ ଜଣେ ଆଇପିଏସ୍ ଅଫିସର ଭାବରେ ଯୋଗଦେଇ ତୁମପରି ଅତ୍ୟାଚାରୀ ସନ୍ତ୍ରାସବାଦୀମାନଙ୍କୁ ଭାରତମାଟିରୁ ସମୂଳେ ବିନାଶ କଲେ ଯାଇ ବିଶ୍ରାମ ନେବି ।

ଭଉଣୀ ଦେବିକା ଚିନ୍ତାକର ନାହିଁ, ଆମ୍ଭେ ମଧ୍ୟ ଭାରତମାତାର ସୁକନ୍ୟାମାନେ ଆଜିକାର ଏହି ଅବିସ୍ମରଣୀୟ ଦିବସରେ ଶପଥ ନେଉଛୁ, ତୁମର ପଛେ ପଛେ ରହି ଏହି ମହାନ କାର୍ଯ୍ୟରେ ସହଯୋଗପୂର୍ବକ ତନ ମନ ଧନ ଓ ଜୀବନ ଦେଇ ଲାଗିପଡ଼ିବୁ ।

**ସରସତୀ ଶିଶୁ ବିଦ୍ୟାମନ୍ଦିର**
**ପଦ୍ମପୁର**

ଶୁଭେଚ୍ଛା ସହ

ପ୍ରୋ. ମୀନକେତନ ଖୁଣ୍ଟିଆ    ସୁରେଶ ଖୁଣ୍ଟିଆ
ମୋ: ୯୯୩୮୩୩୬୧୧୨

**ସୁଶୀଳା ସାଇକେଲ ଷ୍ଟୋର**

**ସୁଶୀଳା ଫେନ୍ସି ଷ୍ଟୋର**

ହାଇସ୍କୁଲ ସାମନା, ମାଣ୍ଡୋସିଲ୍, ବରଗଡ଼, ଓଡ଼ିଶା

ଶୁଭେଚ୍ଛା ସହ

# ମାନସ ମେଡ଼ିକାଲ ଷ୍ଟୋର
# ପାଥୋ ଲ୍ୟାବ୍ ଓ ମୁନ୍‌ମୁନ୍ ଏକ୍ସ-ରେ

# Manas Medical Store, Patho-Lab & Munmun X-Ray

**NEAR RONAK HEALTH CARE, MAIN ROAD**
**CHHINDEIKELA**

Cell. 9937876842 / 7894331936

*All types of Medicines available here*

# ମାମୁନ୍ ପବ୍ଲିକ୍ ସ୍କୁଲ
ଛିନ୍ଦେଇକେଲା

ପ୍ରୋ. ପ୍ରଦୀପ୍ତ କୁମାର ସାହୁ

With best compliments from





# Sahu Traders

## *RAMESH KUMAR SAHU*

**BHUKTA, DIST. BARGARH (ODISHA)**

Cell. 9937629191

Deals in Pesticides &
all types of Stationary Items

କୁବେର ସମାଜର ଅଗଣିତ ସଦସ୍ୟ/ସଦସ୍ୟା, ମହାସଭା
ତଥା ସାଇ ସଭାର ସମସ୍ତ କାର୍ଯ୍ୟକର୍ତ୍ତାମାନଙ୍କ ମଙ୍ଗଳମୟ ଭବିଷ୍ୟତ
କାମନା ସଙ୍ଗେ ସଙ୍ଗେ ଅଭିନନ୍ଦନ ଜଣାଉଛୁ ।



# ନାରୀ ପ୍ରତି ସମାଜର ଆଭିମୁଖ୍ୟ

ଶ୍ରୀମତୀ ସୁଚିତ୍ରା ସାହୁ

ସମାଜ ବ୍ୟକ୍ତିକୁ ନେଇ ଗଠିତ । ଆମେ ପ୍ରତ୍ୟେକ ବ୍ୟକ୍ତି ସମାଜର ଗୋଟିଏ ଗୋଟିଏ ଅବିଚ୍ଛେଦ୍ୟ ଅଙ୍ଗ । ସମାଜରେ ଚଳିବା ପାଇଁ ପ୍ରତ୍ୟେକ ବ୍ୟକ୍ତି କିଛି ନା କିଛି କର୍ତ୍ତବ୍ୟ ପାଳନ କରିଥାଏ । ଯିଏ ସମାଜ ପାଇଁ ଯେତିକି ଉତ୍ସର୍ଗୀକୃତ କର୍ତ୍ତବ୍ୟ ସଂପାଦନ କରେ ସମାଜ ତାକୁ ସେତିକି ସମ୍ମାନ ଦେବାକଥା । ମାତ୍ର ତାହା ସବୁ କ୍ଷେତ୍ରରେ ଦେଖିବାକୁ ମିଳେନାହିଁ । ଅନେକ କ୍ଷେତ୍ରରେ ତାର ବ୍ୟତିକ୍ରମ ଦେଖାଯାଏ । ସେମିତି ଦେଖିବାକୁ ଗଲେ ଝିଅଟି ଯେତେବେଳେ ବୋହୁ ହୋଇ ଶାଶୁ ଘରକୁ ଯାଏ, ସେ ଅହର୍ନିଶ କର୍ତ୍ତବ୍ୟରତ ହୋଇଥାଏ । ଏପରିକି ତାକୁ ଖାଇବା ପାଇବାକୁ କିମ୍ବା ବିଶ୍ରାମ ନେବାକୁ ମଧ୍ୟ ସମୟ ନିଅଣ୍ଟ ହୁଏ । ବୋହୁଟିର ଭଲମନ୍ଦ ପ୍ରତି ପରବାର କେହି ସମ୍ୟକ୍ ଦୃଷ୍ଟି ଦଅନ୍ତି ନାହିଁ ଓଲଟି ସେ କେମିତି କରୁଛି, କ'ଣ କରୁଛି ସେଥିପ୍ରତି ପରିବାର ସମସ୍ତେ ଉତ୍ସୁକତାର ସହିତ ଅନାଇ ରହିଥାନ୍ତି । ବୋହୁଠାରୁ ସବୁବେଳେ ଅଧିକା ଆଶା କରାଯାଇଥାଏ । ସତେ ଯେମିତି ସେ କ୍ରୀତଦାସ ହୋଇ ସେଠାକୁ ଆସିଛି ।

ଝିଅଟିକୁ ବାପାମାଁ ''ଦେଲା ନାରୀ ହେଲା ପାରି'' ନ୍ୟାୟରେ ଏକ ଅଜଣା ଅଶୁଣା ଯୁବକ ହାତରେ ନିଜର ଅଲିଅଳ ଝିଅକୁ ଟେକିଦିଅନ୍ତି । ଝିଅଟି ନିର୍ବିବାଦରେ ପରିବାରର ସମସ୍ତଙ୍କୁ ଖୁସି କରିବା ପାଇଁ କୌଣସି ପ୍ରତିବାଦ ନକରି ସ୍ୱାମୀର ହାତ ଧରି ତା ଘରକୁ ଯାଇ ସେଠାରେ ତାର ନିର୍ଦ୍ଦେଶାନୁଯାୟୀ ପରିଚାଳିତ ହୋଇଥାଏ । ସ୍ୱାମୀ ଟି ଯଦି ସର୍ବଗୁଣସମ୍ପନ୍ନ ବାହାରିଲେ ତ କନ୍ୟାକୁ ଭାଗ୍ୟବତୀ ବୋଲି କୁହାଯିବ । ଆଉ ଯଦି ସ୍ୱାମୀ ଦୁର୍ଗୁଣର ପ୍ରତିମୂର୍ତ୍ତି ହୋଇଥାନ୍ତି, ତେବେ ସେ ଝିଅଟିର ଯେତେ ସ୍ନେହ ଶ୍ରଦ୍ଧା ଶାଶୁ ଘର ଲୋକେ ଦେଲେ ମଧ୍ୟ ବୋହୁଟି ନିଜ ମାଆ ବାପା ଭାଇ ଭଉଣୀଙ୍କ ଠାରୁ ପାଇଥିବା ଅନାବିଳ ପ୍ରେମକୁ ଭୁଲି ପାରେନାହିଁ । ସେ ଧୀରେ ଧୀରେ କର୍ତ୍ତବ୍ୟ ପାଳନରେ ଭୁଲିଯାଇଥାଏ । ତାର ଜୀବନ ବୃଥା ହୋଇଥାଏ । ଚିରଦିନ ତାର ଜୀବନ ହାହୁତାଶରେ ହିଁ କଟିଥାଏ । ଭଗବାନ ଝିଅର ହୃଦୟରେ ସହନଶୀଳତା, ଦୟା, ସ୍ନେହ, ଶ୍ରଦ୍ଧା ଆଦି ମାନବିକ ଗୁଣାବଳି ଭର୍ତ୍ତି କରିଦେଇଥାନ୍ତି । ଯାହାଫଳରେ ସେ ଅଜଣା ଅଶୁଣା ତଥା ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନିଜକୁ ଖାପ୍ ଖୁଆଇ ଚଳାଇ ନିଏ । ଦେଖିବାକୁ ଗଲେ ସେ ଦୁହିତା ଅର୍ଥାତ୍ ଦୁଇ କୁଳର ହିତା- ବାପଘର ତଥା ଶାଶୁଘର ଉଭୟ ପରିବାରକୁ ସେ ହିଁ ଆପଣାର ଶ୍ରଦ୍ଧା ବନ୍ଧନରେ ବାନ୍ଧି ରଖିଥାଏ । ମାତ୍ର ଏଥିପାଇଁ ଯେ ତାକୁ କେତେ ତ୍ୟାଗ ସ୍ୱୀକାର କରବାକୁ ପଡ଼ିଥାଏ, କେତେ ଯାତନା ସହିବାକୁ ପଡ଼େ ତାହା ବାକ୍ୟରେ ପ୍ରକାଶ କରିହେବନାହିଁ କେବଳ ଅନୁଭବୀ ଲୋକ ହିଁ ଜାଣିବ ।

ବୋହୁଟି ଘରେ ପାଦ ଦେବା ପରେ ତାଙ୍କ ପୁଅ ବଦଳି ଗଲା ବୋଲି କୁହାଯାଏ । ମାତ୍ର ପ୍ରକୃତରେ ତାହା ସେତେଟା ସତ ନୁହେଁ । ପୁଅଟି ଯଦି ପରିବାର ପ୍ରତି ବା ସମାଜ ପ୍ରତି ତାର କର୍ତ୍ତବ୍ୟ ଠିକ୍‌ରେ ପାଳନ କରେନି ସମାଜ ତାକୁ କିଛି କହେନି । ପୁଅଟି ନଖାଇଲା ପର୍ଯ୍ୟନ୍ତ ମା'ର ତଣ୍ଟିକୁ ଅନ୍ନ

ଯାଏ ନି କିନ୍ତୁ ମା କ୍ଷେତ୍ରରେ ତାର ଓଲଟା ପୁଅ ଖାଇକି ଶୋଇପଡ଼େ । ମାଆ ଖାଇଲା କି ନଖାଇଲା ସେଥିପ୍ରତି ନିଘା ନଥାଏ । ବାପା ନିଜେ ଭଲ ନ ପିନ୍ଧି ପୁଅକୁ ଭଲଭଲ ପୋଷାକ ପିନ୍ଧାଏ କୁଆଡ଼କୁ ଯାଇଥିଲେ ପୁଅ ପାଇଁ କିଛି ଭଲମନ୍ଦ ଆଣି ଆସେ ନାହିଁ । ପୁଅର କ'ଣ କର୍ତ୍ତବ୍ୟ ନାହିଁ ମାଆବାପାଙ୍କ ପାଇଟି ବୁଝିବା । ତାଙ୍କର ଭଲମନ୍ଦ ବ୍ୟବସ୍ଥା କରିବା । ତାଙ୍କର ସେବା କରିବା ପାଇଁ ସମୟର ଅଭାବ ବୋଲି ଯୁକ୍ତି କରି ଚୁପ ରହିଯାଏ । ବୋହୂ କ'ଣ ବାପା ମାଆଙ୍କ ସେବା କରିବାକୁ ସ୍ୱାମୀକୁ ବାରଣ କରେ । ବାହାରେ ଚାକିରୀ କି ବ୍ୟବସାୟ କରୁଥିବା ପୁଅ ନିଜର ବାପାମାଆଙ୍କୁ ସଙ୍ଗରେ ରଖୁନାହାନ୍ତି । ବୁଢ଼ାବୁଢ଼ୀ ଗ୍ରାମରେ ରହି ଦୁଃଖ କଷ୍ଟରେ କାଳତୀପାତ କରୁଛନ୍ତି ।

ଯେତେ ବେଳେ ପୁଅଟି ଦୂର ଗାଁ ସ୍କୁଲ କିମ୍ୱା କଲେଜରେ ପାଠ ପଢୁଥିଲା, ମାଆ ପଚାରି ପଚାରି ତାର ଦରକାର ପାଇଁ ଆବଶ୍ୟକ ପଇସା ତା'ହାତରେ ଗୁଞ୍ଜି ଦେଉଥିଲା; ମାତ୍ର ଆଜି ପୁଅ ଚାକିରି କରି ମୋଟା ଅଙ୍କର ପଇସା ପାଉଥିଲେ ମଧ୍ୟ ମାଆଙ୍କୁ ଭଲମନ୍ଦ ପାଇଁ ଦି ପଇସା ଦେବାକୁ ଉଚିତ ମଣୁନାହିଁ ।

ଭଉଣୀଟି ଭାଇ ପାଇଁ କେତେ ତ୍ୟାଗ ସ୍ୱୀକାର ନକରିଛି । ସବୁବେଳେ ଭାଇର ସେବାରେ ଲାଗିଛି । ଅଥଚ ଯେତେ ବେଳେ ଭଉଣୀ ଶାଶୁ ଘରକୁ ଚାଲିଯାଏ ଭାଇ ତାକୁ ପୁରା ଭୁଲିଯାଏ । ତାର ଶାଶୁ ଘରକୁ ଯାଇ ଭଉଣୀର ଭଲମନ୍ଦ ଟିକେ ବୁଝି ଆସିବାକୁ କିମ୍ୱା ନିଜ ଗ୍ରାମରେ ରହୁ ଥିବା ନିଜ ବୁଢା ବାପାମାଙ୍କ ଖବର ବୁଝିବାକୁ ତାର ସମୟ ନାହିଁ ବା ମନ ନାହିଁ । ଶାଶୁଘର ପାଇଁ ଦରକାର ହେଲେ ସପ୍ତାହ ସପ୍ତାହ ଛୁଟି ନିଆଯାଉଛି ଅଥଚ ନିଜ ମାଆ ବାପା କି ଭଉଣୀ ରୋଗରେ ପଡିଲେ ତାଙ୍କ ପାଇଁ ଦିନଟିଏ ବି ଛୁଟି ମିଳୁନାହିଁ ବୋଲି ବାହାନା କରାଯାଉଛି ।

କାହା କଥାରେ କିଏ ବଦଳି ଯାଏନି, ବୋହୂ କଥାରେ ପୁଅ ବଦଳିଯାଏ ବୋଲି ଯାହା କୁହାଯାଉଛି ତାହା ଠିକ୍ ନୁହେଁ ଯଦି ଏହା ସତ ତେବେ ଜଣେ ମଦ୍ୟପ ସ୍ୱାମୀକୁ ତାର ସ୍ତ୍ରୀ ବାରମ୍ବାର ବୁଝାଇଲେ ମଧ୍ୟ କାହିଁକି ସେ ମଦ ପିଇବା ଛାଡୁନାହିଁ । ପରିବାରକୁ ଠିକ୍‌ରେ ଚଳାଇବାକୁ ହେଲେ ପତ୍ନୀ ଯେପରି ସମସ୍ତ ଭେଦଭାବ ଭୁଲି ପରିବାରର ସମସ୍ତଙ୍କ ପ୍ରତି ସମାନ ବ୍ୟବହାର କରୁଛି, ପୁଅ ବି ଯଦି ନିଜର କର୍ତ୍ତବ୍ୟ ଠିକ୍ ଭାବରେ ପାଳନ କରେ ବୋହୁଟି ମଧ୍ୟ ପରିବାରରେ ଲକ୍ଷ୍ମୀର ସ୍ଥାନ ଅଧିକାର କରିବ ଏବଂ ପରିବାରରେ ସ୍ଥାୟୀ ଶାନ୍ତି ବିରାଜମାନ କରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

**C/o. ସୁଧୀର କୁମାର ସାହୁ, ଟିଟିଲାଗଡ଼**


ଶୁଭେଚ୍ଛା ସହ



**ଦୁଷ୍ମନ୍ତ କୁମାର ସାହୁ**

**ମୋ: ୯୧୭୮୮୨୩୫୮୧**

**ଗାୟତ୍ରୀ ଗାର୍ମେଣ୍ଟ୍ ଏଣ୍ଡ୍ ଫେନ୍ସି**

**ଛିନ୍ଦେଇକେଲା, ବରଗଡ଼, ଓଡ଼ିଶା**



# ମାତୃ ଦେବୋଭବ

ଶ୍ରୀମତୀ ବନିତା ସାହୁ

ଭାରତୀୟ ସଂସ୍କୃତିରେ ମା' ଶବ୍ଦ ଅତି ଗୁରୁତ୍ୱପୂର୍ଣ୍ଣ । ଏହା ଉଚ୍ଚାରଣ କରିବା ଦ୍ୱାରା ମନ ମଧ୍ୟରେ ଅପୂର୍ବ ଶାନ୍ତି ଓ ସନ୍ତୋଷ ଜାତ ହୁଏ । ଆମ ହିନ୍ଦୁ ସଂସ୍କୃତିରେ ମା' ହେଉଛି ଲକ୍ଷ୍ମୀ । ସେ ହେଉଛି ନ୍ୟାୟ ଓ ଧର୍ମର ପ୍ରତିମୂର୍ତ୍ତି । ସେ ଜଣେ ବ୍ୟକ୍ତି ନୁହେଁ ଏକ ସାମାଜିକ ଅନୁଷ୍ଠାନ ସଦୃଶ । ସମାଜ ପ୍ରତି ମାତାର ଭୂମିକା ସାର୍ବଜନିନ ଓ ସର୍ବକାଳୀନ । ମାଁ ହେଉଛି ଦୟା, କ୍ଷମା, ସହନଶୀଳତା ତ୍ୟାଗ ଓ ସେବାର ଅବତାର । ମାଆ ସନ୍ତାନ ପାଇଁ ଯାହା କରେ ସେଥିରେ ତା'ର ବ୍ୟକ୍ତିଗତ ସ୍ୱାର୍ଥ ଲେଶମାତ୍ର ନ ଥାଏ । ସେ ସନ୍ତାନ ପାଇଁ ନିଷ୍ପକ୍ଷ ତଥା ନିଷ୍କାମ କର୍ମ କରିଥାଏ । ପ୍ରତି ଦାନରେ କୌଣସି ଭୌତିକ ଲାଭ ପାଏନାହିଁ । କେବଳ ଅନାବିଳ ଆନନ୍ଦ ହିଁ ପାଏ । ମାତୃ ହୃଦୟ କିପରି ନିଜକୁ ପର ନ ଭାବି ମାତୃତ୍ୱର ଆଶୀର୍ବାଦ ଯେକୌଣସି ପୁଅର ମୁଣ୍ଡରେ ଢ଼ାଳି ପାରେ । କୌରବ ଜନନୀ ଗାନ୍ଧାରୀ ତା'ର ଜ୍ୱଳନ୍ତ ଉଦାହରଣ । ଯେତେବେଳେ ଦୁର୍ଯ୍ୟୋଧନ ମହାଭାରତ ଯୁଦ୍ଧରେ ନିଜର ବିଜୟକାମନା କରି ମାତା ଗାନ୍ଧାରୀଙ୍କୁ ଆଶୀର୍ବାଦ ପାଇଁ ଅନୁରୋଧ କଲେ ସେତେବେଳେ ଗାନ୍ଧାରୀ ତାଙ୍କ ନିଜର ଜ୍ୟେଷ୍ଠପୁତ୍ର ଦୁର୍ଯ୍ୟୋଧନର ବିଜୟ ହେଉ ବୋଲି ନ କହି, ଅକ୍ଷୟ ହେଉ ପୁଣ୍ୟଜଗତେ ପାପର ହେଉ କ୍ଷୟ ବୋଲି ନିଜର ମହନୀୟ ମାତୃତ୍ୱର ପରିଚୟ ଦେଇଥିଲେ । ସେ ନିଜ ପୁଅ ପାଇଁ ପକ୍ଷପାତିତା ପ୍ରଦର୍ଶନ କରି ନ ଥିଲେ । ମାଆ ସନ୍ତାନକୁ ଦଶମାସ ଗର୍ଭଧାରଣ କରି ଅହର୍ନିଶ ତା'ର ମଙ୍ଗଳ ପାଇଁ ସତର୍କତା ଅବଲମ୍ବନ ପୂର୍ବକ ନିଜକୁ ପରିଚାଳିତ କରିଛି । ଜନ୍ମ ଲାଭ ପରେ ଦିନରାତି ସନ୍ତାନର ପ୍ରତ୍ୟେକ କଥାରେ ତା'ର ମଙ୍ଗଳ ପାଇଁ ଦୃଷ୍ଟି ଦେଇଆସିଛି । ନିଜେ ନ ଖାଇ ନ ପିଇ ତାକୁ ଖୁଆଇ ବଡ଼ କରିଛି । ମାଆ କେଡ଼େ ମହାନ୍ ତାହା ସମସ୍ତେ ଉପଲବ୍ଧି କରୁଛନ୍ତି । ମାତ୍ର ନିଜର ସ୍ୱାର୍ଥପରତା ଯୋଗୁଁ ସେଥିରେ ଅବହେଳା ପ୍ରଦର୍ଶନ କରୁଛନ୍ତି । ମାଁ ଶବ୍ଦ ଏକ ଚମତ୍କାର ଶବ୍ଦ । ଏଥିରେ ଏକ ସ୍ୱତନ୍ତ୍ର ଆକର୍ଷଣ ରହିଛି । ମାଁ ଉଚ୍ଚାରଣ କଲେ ତାହା ନାଭୀ ମଣ୍ଡଳରୁ ଉତ୍ପନ୍ନ ହୋଇ ଏକ କମ୍ପନ ସୃଷ୍ଟି କରି ଉଦର ଓ ଛାତି ଦେଇ ଗତି କରି ମୁଖର ସ୍ୱର ଦେଇ ପ୍ରତିଧ୍ୱନିତ ହୋଇଥାଏ । ମମ୍ମି ବା ମଦର ଶବ୍ଦ କେବଳ ଜିଭ ଆଗରୁ ହିଁ ଉଚ୍ଚାରିତ ହୋଇଥାଏ ।

ଆଜିକାଲି ଅନେକ ପୁଅବୋହୁ ମାଆମାନଙ୍କ ପ୍ରତି ଅନ୍ୟାୟ ଅତ୍ୟାଚାରି କରୁଛନ୍ତି । ବୃଦ୍ଧ ଅବସ୍ଥାରେ ନିଜ ଜନ୍ମିତ ସନ୍ତାନ ଠାରୁ ଯେଉ ସହାନୁଭୂତି ବା ସେବା ଟିକକ ପାଇବାର ଆଶା ରଖିଥିଲେ ପୁଅ ଠାରୁ ତାହା ପାଉ ନ ଥାନ୍ତି । ନିଜ ବୋହୁ ଠାରୁ ମଧ୍ୟ ତାହା ପାଇପାରୁନାହାଁନ୍ତି । ଯାହା ଫଳରେ ତାଙ୍କର ଆଖିରୁ କ୍ଷୋଭଭରା ଲୁହ ଅହର୍ନିଶ ବହିବାରେ ଲାଗିଛି । ତା'ର ପ୍ରତିଫଳ ସ୍ୱରୂପ ଯେଉଁ ମାଆମାନେ ନିଜ ପୁଅ ପ୍ରତି ଅଯାଚିତ ସ୍ନେହ, ଶ୍ରଦ୍ଧା ଅଜାଡ଼ି ଦେଉଥିଲେ ତାଙ୍କର ସେହି ଲୋତକ ଧାର ଆଜି ସେଇ ସନ୍ତାନମାନଙ୍କ ପାଇଁ କୃର ଅଭିଶାପରେ ରୂପାନ୍ତରିତ ହୋଇ ତାଙ୍କର ଅଧୋଗତିର କାରଣ ହେବାକୁ ଯାଉଛି । ଏପରି ସନ୍ତାନମାନଙ୍କୁ ବେଳ ହୁଁ ସାବଧାନ ହେବାକୁ ବିନମ୍ର ନିବେଦନ ।

**ପାଇକମାଳ, ବରଗଡ଼**

ଓଁ ଶ୍ରୀ ଶ୍ରୀ କୁବେରାୟ ନମଃ





# ସାହୁ ଟ୍ରାକ୍ଟର ଗ୍ୟାରେଜ ଏବଂ ଟ୍ରାକ୍ଟର ପାର୍ଟ୍ସ ବିକ୍ରୟ କେନ୍ଦ୍ର

ରାଇସ୍ ମିଲ୍ ସାମନା, ଏନ୍‌ଏଚ୍ ୬, ହଳଦିପାଲି

ପୋ.ଅ. ସୋହେଲା, ଜି. ବରଗଡ଼

*ଏଠାରେ ସମସ୍ତ ପ୍ରକାର ଟ୍ରାକ୍ଟର ମରାମତି ସହିତ*

*ସମସ୍ତ ପ୍ରକାର ଟ୍ରାକ୍ଟର ଯନ୍ତ୍ରାଂଶ ସୁଲଭ ମୂଲ୍ୟରେ ମିଳେ*



I AM
A COACH
for EVERY BODY

*Lose, Gain, Maintain a Healthy Weight*
*Increase You Energy, Vitality & Fitness*

Mr. Binod Kumar Sahu
**Personal Fitness Coach**
binodkumarsahu38@gamail.com
7008828326, 9861273611

We make the world Healthier & Happier

**Arpit 24 Fit Club, Infront of TV Relay Station, Barpali Road, Sohela, Bargarh**



# ନାରୀ କ'ଣ କେବଳ ଏକ ଦେହ

ଶ୍ରୀମତୀ ସଂଗୀତା ସାହୁ

କେରଳରେ ଥିବା ସବରୀମାଳା ମନ୍ଦିରରେ ୧୦ରୁ ୫୦ବର୍ଷ ବୟସ ମଧ୍ୟରେ ଥିବା ମହିଳାମାନେ ପ୍ରବେଶ କରି ପୂଜାର୍ଚ୍ଚନା କରିପାରିବେ ନାହିଁ। କାରଣ ଉପରୋକ୍ତ ବୟସ ବର୍ଷର ମହିଳାମାନେ ମାସିକ ଋତୁସ୍ରାବ କାରଣରୁ ଅପବିତ୍ର। ମନ୍ଦିରର ଅଧିଷ୍ଠାତା ଦେବତା ଆୟାପ୍ପାନ ବ୍ରହ୍ମଚାରୀ ହୋଇଥିବାରୁ ସେମାନଙ୍କ ପାଇଁ ଏହି ନିଷେଧାଦେଶ। କୁହାଯାଏ ଏହା ଆଠଶହ ବର୍ଷର ପରମ୍ପରା। ଏହା ଆଲୋଚନାର ପ୍ରାସଙ୍ଗିକତା ଆଜି ଏଇଥି ପାଇଁ ଯେ ୨୮ ସେପ୍ଟେମ୍ବର ୨୦୧୮ରେ ମାନ୍ୟବର ସୁପ୍ରିମକୋର୍ଟ ଏକ ଐତିହାସିକ ରାୟରେ ଏହି ନିଷେଧାଦେଶକୁ ଉଠାଇ ଦେଲେ। ତଥାପି ପରମ୍ପରା ଓ ଲୋକପ୍ରଥାର ଦ୍ୱାହି ଦେଇ ମନ୍ଦିରର ପୂଜକ ଗୋଷ୍ଠୀ ଓ ସ୍ଥାନୀୟ ରକ୍ଷଣଶୀଳ ଶ୍ରଦ୍ଧାଳୁମାନେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶର ଅବମାନନା ସହ ପୂର୍ବବତ୍ ମହିଳାମାନଙ୍କୁ ମନ୍ଦିର ପ୍ରବେଶରେ କଟକଣା ଜାରି ରଖିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ ଦେଶ ଶାସନ କରୁଥିବା ରାଜନୈତିକ ଦଳର ବରିଷ୍ଠ ମନ୍ତ୍ରୀ, ସାଂସଦ, ବିଧାୟକ ଓ ପ୍ରବକ୍ତା ମଧ୍ୟ ରାଜନୈତିକ ଉଦ୍ଦେଶ୍ୟ ରଖି ଆଇନ୍‌ରେ ଶାସନକୁ ଉଲ୍ଲଙ୍ଘନ କରି, ଏମାନଙ୍କୁ ଶକ୍ତି, ସାମର୍ଥ୍ୟ ଓ ସାହସ ଯୋଗାଉଛନ୍ତି। ଯେଉଁଥିପାଇଁ ଏହା ଏକ ହିଂସାତ୍ମକ ଆନ୍ଦୋଳନର ସୂତ୍ରପାତ କରୁଛନ୍ତି। ଡକ୍ଟର ଗାୟତ୍ରୀବାଳା ପଣ୍ଡାଙ୍କ ପ୍ରଧାନମନ୍ତ୍ରୀଙ୍କୁ ଜଣେ ଅପବିତ୍ର ମହିଳାର ଚିଠି, ଯାହା ସମ୍ବାଦ ସଂସ୍କରଣ ୩୦ ଅକ୍ଟୋବର ୨୦୧୮ରେ ପ୍ରକାଶିତ ହୋଇଛି ଲେଖିବାକୁ ଖୋରାକ ଯୋଗାଇଛି ଆମଭଳି ଜଣେ ପାଠିକାକୁ। ତାଙ୍କର ପତ୍ର ମାଧ୍ୟମରେ ପ୍ରଶ୍ନଟି ହେଲା - ମହିଳା କ'ଣ ମଣିଷ ନୁହେଁ? ସେ କ'ଣ କେବଳ ଗୋଟିଏ ଦେହ? ସେ କ'ଣ ଗୋଟିଏ ଦ୍ରବ୍ୟ ବା ବ୍ୟବହାର ସାମଗ୍ରୀ? ମହିଳାଙ୍କର ନିଜର ମନ, ଇଚ୍ଛା ବା ଅଧିକାର ବୋଲି କ'ଣ କିଛି ନାହିଁ?

ଆମର ସୀମିତ ଜ୍ଞାନ ଭିତରେ ହୁଏତ ଭୁଲ ହୋଇ ପାରେ। କିନ୍ତୁ ଆମେ କିଛି ଆଲୋଚନା କରୁଛୁ। ପ୍ରଥମତଃ ଏକ ଗଣତନ୍ତ୍ର ଦେଶରେ ସାମ୍ବିଧାନିକ ବ୍ୟବସ୍ଥା ଭିତରେ ବାସ କରୁଥିବାରୁ ଆମେ ସମ୍ବିଧାନ ପାଳନ କରିବା ବିଧେୟ ଓ ଆମର କର୍ତ୍ତବ୍ୟ ଅଟେ। ଯେଉଁଠି ଆମର ସମ୍ବିଧାନ ଜାତି, ଧର୍ମ, ସମ୍ପ୍ରଦାୟ ଓ ଲିଙ୍ଗ ଆଧାରରେ ଭେଦଭାବକୁ ନିଷେଧ କରିଛି। ସେଠି ଏ ଭେଦଭାବ ସ୍ପୃହଣୀୟ କି? ଏକ ଧର୍ମନିରପେକ୍ଷ ଦେଶର ସମ୍ବିଧାନର ଧାରା ୨୫(୧)ରେ ପୁରୁଷ ଓ ମହିଳାଙ୍କର ମନ୍ଦିରରେ ପୂଜାର୍ଚ୍ଚନା କରିବାର ସମାନ ଅଧିକାର ପ୍ରଦତ୍ତ ଥିଲାବେଳେ ଏହାର ବିରୁଦ୍ଧାଚରଣ ସମ୍ବିଧାନର ବିରୋଧି କାର୍ଯ୍ୟ ନୁହେଁ କି?

ଦ୍ୱିତୀୟତଃ ଶାସ୍ତ୍ର ଦୃଷ୍ଟିରୁ ବିଚାର କଲେ, ଶାସ୍ତ୍ରପ୍ରଦତ୍ତ 'ରଜସା ଶୁଦ୍ଧ୍ୟତେ ନାରୀ' ଅର୍ଥାତ୍ ରଜସ୍ରାବ ଦ୍ୱାରା ନାରୀର ଶରୀର ଶୁଦ୍ଧ ଓ ପବିତ୍ର ହୁଏ। ତେବେ ଏ ମହିଳାମାନେ ଅପବିତ୍ର ହେଲେ କିପରି? ଶାସ୍ତ୍ରରେ କେଉଁଠି କିଛି ବାରଣ ତ ପରିଲକ୍ଷିତ ହୁଏନାହିଁ। ସାଧାରଣତଃ ଏହା ମହିଳାମାନଙ୍କର

ପ୍ରକୃତିଦତ୍ତ ଏକ ସ୍ୱଭାବିକ ପ୍ରକ୍ରିୟା ଅଟେ, ଯାହା ତା'ର ନିୟନ୍ତ୍ରଣରେ ନ ଥାଏ । ଆମେ ଏକବିଂଶ ଶତାବ୍ଦୀର ଆଧୁନିକ ମଣିଷ ଯେତେବେଳେ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କରିବା କଥା । ବୈଜ୍ଞାନିକ ଅନୁଶୀଳନରେ ମାସିକ ଋତୁସ୍ରାବ ସହ ପବିତ୍ରତା ଅପବିତ୍ରତାର କିଛି ସମ୍ପର୍କ ନାହିଁ ତେବେ କେଉଁ କାରଣରୁ ଏମାନେ ଅପବିତ୍ର ?

ତୃତୀୟତଃ ଆମେ ପୌରାଣିକ ଦୃଷ୍ଟିକୋଣରୁ ବିଚାର କରିବା । ପୌରାଣିକ ଓ ଶାସ୍ତ୍ରୀୟ ଦୃଷ୍ଟିରୁ ଶାସ୍ତ୍ର କହେ ନାରୀ ଓ ପୁରୁଷ ପୃଥକ ଭାବରେ ଅସମ୍ପୂର୍ଣ୍ଣ, ମାତ୍ର ସଂଯୁକ୍ତ ଭାବେ ସମ୍ପୂର୍ଣ୍ଣ ଏବଂ ପୂର୍ଣ୍ଣତା ପ୍ରାପ୍ତି ପାଇଁ ହିଁ ନାରୀ ପୁରୁଷର ବନ୍ଧନ । ଏଣୁ ପୌରାଣିକ ମତରେ କୌଣସି ଧର୍ମ ବା ଶୁଭକାର୍ଯ୍ୟ ନାରୀ ବିନା ପୁରୁଷ କରିବା ବିଧେୟ ନୁହେଁ, ଯାହା ଆଜି ପର୍ଯ୍ୟନ୍ତ ହିନ୍ଦୁ ପରମ୍ପରାରେ ଅନୁକରଣୀୟ ହୋଇ ଆସିଛି ।

ଆମେ ରାମାୟଣକୁ ଅନୁଶୀଳନ କଲେ ଜାଣୁ ଯେତେବେଳେ ପ୍ରଭୁ ଶ୍ରୀରାମଚନ୍ଦ୍ର ସେତୁବନ୍ଧ ପ୍ରତିଷ୍ଠା ପାଇଁ ବ୍ରହ୍ମାଙ୍କୁ ନିମନ୍ତ୍ରଣ କରନ୍ତେ ବ୍ରହ୍ମା ତାହା ସ୍ୱୀକାର ନ କରି ଲଙ୍କା ନରେଶ ରାବଣକୁ ଉପଯୁକ୍ତ ପୌରହିତ ଓ ଶାସ୍ତ୍ରଜ୍ଞ ଓ ସେ ହିଁ ସୁଚାରୁ ରୂପେ ସମ୍ପାଦନ କରିପାରିବେ ବୋଲି ରାମଙ୍କୁ ପରାମର୍ଶ ଦେଲେ । କାହିଁକି ସେ ଜାଣିଥିଲେ ଅନ୍ୟ କେହି ପୌରହିତ୍ୟ କଲେ ଏହା ସୁଚାରୁ ରୂପେ ସମ୍ପାଦନ ହୋଇ ପାରିବ ନାହିଁ । ଯେହେତୁ ମାତା ସୀତା ରାବଣ ଦ୍ୱାରା ଅପହୃତା ହୋଇ ରାବଣ ପାଖରେ ଥିଲେ । ପରମପିତାଙ୍କ ପରାମର୍ଶ ଅନୁସାରେ ରାମ ମଧ୍ୟ ରାବଣକୁ ପୌରହିତ୍ୟ ପାଇଁ ନିମନ୍ତ୍ରଣ ଜଣେଇଲେ ଓ ରାବଣ ମଧ୍ୟ ସ୍ୱୀକାର କଲେ ତତ୍‌ପରେ ତ୍ରିକାଳଦର୍ଶୀ ରାବଣ ଦିବ୍ୟବୁଦ୍ଧିରେ ସବୁ ଜାଣିପାରି ପ୍ରତିଷ୍ଠା ପୂର୍ବରୁ ସୀତାଙ୍କୁ ମାରିଚ ଦ୍ୱାରା ପୁଷ୍ପକ ବିମାନରେ ରାମଙ୍କ ପାଖକୁ ପଠେଇ ନିଜେ ଆସି ପ୍ରତିଷ୍ଠା କାର୍ଯ୍ୟ ସମାପନ କଲେ । ବେଦର ସ୍ରଷ୍ଟା ବ୍ରହ୍ମା ଯଦି ଏହି ବିଧାନକୁ ସମ୍ମାନ ଦେଲେ ଓ ମର୍ଯ୍ୟାଦା ପୁରୁଷୋତ୍ତମ ରାମ ମଧ୍ୟ ପରାମର୍ଶ ମାନି ନିଜ ଶତ୍ରୁ ହସ୍ତରେ ସମସ୍ତ ଭେଦଭାବ ଭୁଲି ଏହାକୁ ପାଳନ କରି ସମ୍ପନ୍ନ କଲେ ତେବେ ମନକୁ ପ୍ରଶ୍ନ ଆସିବାର ସ୍ୱଭାବିକ ଯେ ନାରୀ ଅପବିତ୍ର ହେଲା କିପରି ?

ଅନ୍ୟତ୍ର ସ୍ଥଳପୁରାଣରେ ବର୍ଣ୍ଣିତ କନ୍ୟାକୁମାରୀଙ୍କ କିମ୍ୱଦନ୍ତୀକୁ ପର୍ଯ୍ୟାଲୋଚନା କରିବା । ବାଣାସୁର ରାକ୍ଷାସର ଅତ୍ୟାଚାରରେ ଦେବଗଣ ଅତିଷ୍ଠ ହୋଇ ବିଷ୍ଣୁଙ୍କ ପରାମର୍ଶରେ ଆଦିଶକ୍ତିଙ୍କୁ ଯଜ୍ଞାହୂତି ଦେବାରୁ ଯଜ୍ଞାଗ୍ନିରୁ ଏକ କୁମାରୀ କନ୍ୟା ହୋଇ ଆବିର୍ଭୁତା ହୋଇଥିଲେ । ସେ କୁମାରୀ କନ୍ୟା ହିଁ କେବଳ ବାଣାସୁରକୁ ବଧ କରିପାରିବ । ଆବିର୍ଭୂତା କନ୍ୟା ତପସ୍ୟାରେ ବିଭୋର ହୋଇଗଲେ ସର୍ବଶକ୍ତିର ଆଧାର ଦେବ ଦେବ ମହାଦେବଙ୍କର ଅନେକ ଦିନ ଅତିକ୍ରାନ୍ତ ହେବାପରେ ମହାଦେବଙ୍କ ଧ୍ୟାନ ଭଙ୍ଗ ହେଲା । ସେତେବେଳକୁ ବାଳିକା କନ୍ୟା ଏକ ଷୋଡ଼ଶୀ ତରୁଣୀ, ଛଳ ଛଳ ଯୌବନରେ ଭରପୁର ଦେହ; ବସି ରହିଛି ତାଙ୍କ ସାମନାରେ । ମହାଦେବଙ୍କ ବୈରାଗ ଭଗ୍ନ ହେଲା । ବିବାହର ପ୍ରସ୍ତାବ ଦେଲେ ସେ । ଏପଟେ ଯାହାଙ୍କ ପାଇଁ କଠୋର ତପସ୍ୟାରତ ଆଦିମାତା ତାଙ୍କ ସାମନାରେ ପୃଥିବୀର ସୁଠାମ ପୁରୁଷ, କେମିତି ବା ଅସ୍ୱୀକାର କରିବେ ? ବିବାହର ମୁହୂର୍ତ୍ତ ସ୍ଥିର ହେଲା । ନିର୍ଦ୍ଧାରିତ ମୁହୂର୍ତ୍ତ ପୂର୍ବରୁ ଶିବ ବିବାହ ଲାଗି ଯାତ୍ରା ଆରମ୍ଭ କଲେ ସୁଚିନ୍ଦ୍ରମରୁ । ଦେବଗଣଙ୍କ ପରାମର୍ଶରେ ନାରଦ ମାୟା ଭିଆଣ କଲେ ଓ ଅଧବାଟରେ କୁକୁଡ଼ାଙ୍କ ପରି ରାବିବାକୁ ଲାଗିଲେ । ଆତ୍ମମଗ୍ନ ଭୋଳାନାଥ ଭାବିଲେ ରାତି ପାହି ଯାଉଛି, ବିବାହର ମୁହୂର୍ତ୍ତ ବିତିଗଲା । ଏଣୁ ଆଉ କନ୍ୟାକୁମାରୀ ନ ଯାଇ ଫେରିଲେ ସୁଚିନ୍ଦ୍ରମକୁ ଓ ସେହି ରୂପରେ ଆଜି ବି ସେଠାରେ ପୂଜା ପାଉଛନ୍ତି । ସେପଟେ ହାତରେ ଫୁଲମାଳ ଧରି ଦେବୀ ସେହି ଷୋଡ଼ଶୀ ରୂପରେ ଚରମ କାମନାର ହୃଦୟରେ ଅପେକ୍ଷାରତ ପ୍ରିୟ ପୁରୁଷଙ୍କୁ । କାହିଁ ଏଠି ତ ପୁରୁଷଙ୍କୁ ମନ୍ଦିର ଯିବାର ବାରଣ ନାହିଁ ବରଂ ପରମ୍ପରା ଆଧାରରେ ଏଠି ଅଣ୍ଟାର ଉପରକୁ ଅନାବୃତ ଶରୀରରେ ଯିବାକୁ ହୁଏ ଦର୍ଶନାର୍ଥେ ।

ହିନ୍ଦୁ ପରମ୍ପରାରେ ମାନବଲୀଳା ସମ୍ବରଣ କରୁଥିବା ଓ ମାସିକ ଧର୍ମ ପାଳୁଥିବା ତିନିଦେବୀ ହେଲେ ଆସାମର କାମାକ୍ଷା, କେରଳର କୁରୁମ୍ବା ଓ ଚିଙ୍ଗାନୁରର ପାର୍ବତୀ । ଏମାନଙ୍କ ଋତୁସ୍ରାବ ସମୟକୁ ଉତ୍ସବ ଆକାରରେ ପାଳନ କରାଯାଏ ଏବଂ ତଦ୍‌ଜନୀତ ରକ୍ତଭିଜା ପାଟବସ୍ତ୍ର ଓ

ରକ୍ତମିଶ୍ରିତ ପାଦୁକାକୁ ପ୍ରସାଦ ଆକାରରେ ଆବାଳ ବୃଦ୍ଧବନୀତା ସମସ୍ତଙ୍କୁ ବଣ୍ଟାଯାଏ । ତେବେ ଏଠି ତ ସେମିତି କିଛି ଲିଙ୍ଗଗତ ବିଷମତା ନାହିଁ । ଏହି ପରିପ୍ରେକ୍ଷୀରେ ବିଗ୍ଭର କଲେ ଆୟାପ୍ପାନ ମନ୍ଦିରର ଲିଙ୍ଗଗତ ବିଷମତା କେଉଁ ଏକ ଅନ୍ଧ ପରମ୍ପରାର ବଶବର୍ତ୍ତି ମାନବିକ ଅବବୋଧ ମାତ୍ର । ଏଣୁ ମାନ୍ୟବର ସୁପ୍ରିମକୋର୍ଟଙ୍କ ଆଦେଶରେ ଅନୁପ୍ରାଣିତ ହୋଇ, ହୀନ ରାଜନୈତିକ ଭାବଧାରାରୁ ଉର୍ଦ୍ଧ୍ୱକୁ ଆସି ସମୟକ୍ରମେ ଲୋକାଚାର ଓ ପରମ୍ପରା ପରିବର୍ତ୍ତନ କରି ଏକ ସୁସ୍ଥ ପରମ୍ପରା, ସାମାଜିକ ବ୍ୟବସ୍ଥା ପ୍ରତି ଯତ୍ନବାନ ହେବାକୁ ଅନୁରୋଧ ।

**ଟିକ୍ରାପଡ଼ା, ବଲାଙ୍ଗୀର**





**ଶୁଭେଚ୍ଛା ସହ**



# ମହେନ୍ଦ୍ର କୁମାର ଖୁଣ୍ଟିଆ

**ବି. କ୍ଲାସ୍ କଣ୍ଟ୍ରାକ୍ଟର (ପିଏଚଡ଼ି ସ୍ପେଶାଲିଷ୍ଟ୍)**

**ମାଣ୍ଡୋସିଲ, ବରଗଡ଼**

**ମୋ: ୯୭୭୭୭୦୭୧୧୦**





# कृष्णा फटो फ्रेम & फैंन्सी स्टोर्स

मैन चौक, सरिया, जिला. रायगढ (छ.ग.)

प्रो. फगुलाल साहु

मो: ९४०६०५२५५४ / ९१६५२७५४९१

# ମାଁ ଓ ମମତା

**ଶ୍ରୁତିମୟୀ ସାହୁ**

ମାଆ ହେଉଛି ଆମର ଜନ୍ମଦାତ୍ରୀ ପ୍ରଥମ ଗୁରୁ । ଆମ ଜୀବନର ଶ୍ରେଷ୍ଠ ଦେବତା, ତା'ସହିତ ଦୁନିଆର ଅନ୍ୟ କେହି ତୁଳନୀୟ ହୋଇପାରିବେ ନାହିଁ । ସେଥିପାଇଁ ତ କୁହାଯାଇଛି । ''ଜନମ୍ ମାଏଟ୍ ଆଭର୍ ନିଜର୍ ମାଁ ସରଗ୍ ତାନୁ ଅଏଧିକା ତାହାଁକର୍ ସାଙ୍ଗେ ସମ୍‌ହେବା ଆଭର୍ କିଏ ଅଛେ ଏନ୍‌ତା ।''

ସେ ଜନ୍ମ ଦେଇଥିବା ସନ୍ତାନଟି ପୁଅ ହେଉ ବା ଝିଅ, କଳା ହେଉ କି ଗୋରା, ଢ଼େଙ୍ଗା ହେଉକି ବାଙ୍ଗର, ସୁନ୍ଦର ହେଉକି ଅସୁନ୍ଦର ତା ଠାରେ ସମସ୍ତେ ସମାନ, ଅତି ଆପଣାର ପ୍ରିୟ । ସେ ହେଉଛି ସମସ୍ତଙ୍କ ମଙ୍ଗଳକାରିଣୀ, ମଙ୍ଗଳମୟୀ, ସଦାସର୍ବଦା ତାଙ୍କର ଉନ୍ନତିପାଇଁ ହିଁ ଲାଗିଥାଏ । ନିଜେ ଭୋକ ଉପାସରେ ରହି ନିଜର ସନ୍ତାନ ସନ୍ତତିମାନେ କିପରି ଭଲରେ ଖାଇ ଆରାମରେ ରହିବେ ସେଥିପାଇଁ ତାର ଚିନ୍ତାର ଅନ୍ତ ନାହିଁ । ପୁଅଝିଅଙ୍କ ଦେହ ପା ଖରାପହେଲେ ବା କିଛି ଅଭାବ ଅସୁବିଧା ହେଲେ ତା ଆଖିରୁ ନିଦ ହଜିଯାଏ । ପୁଅଝିଅଙ୍କ ମଙ୍ଗଳପାଇଁ କେତେ ଦିଅଁ ଦେବତା ପୂଜା, କେତେ ବ୍ରତ କେତେ କେତେ ଉପବାସ ସେ ନ କରିଛି, କେତେ ଦେବତାଙ୍କ ପାଖରେ ଅଧିଆ ନପଡ଼ିଛି ସେ । ତା' ପଣତକାନିରେ ମୁହଁ ପୋଛି ନେଲେ ସବୁ ଦୁଃଖକଷ୍ଟ ପାସେରି ହୋଇଯାଏ । ତାର ପଣତକାନିରେ ଲୁଚିଗଲେ ଦୁନିଆଁର କୌଣସି ଶକ୍ତି ତାକୁ ଭୟଭୀତ କରିପାରେ ନାହିଁ । ମାତ୍ର ବଡ ଦୁଃଖ ଲାଗେ । ଆଜି ଏହି ପିତାମାତାତୁଲ୍ୟ ପ୍ରଥମ ଦେବତାଙ୍କ ଉପଯୁକ୍ତ ସେବା ନକରି ପୁଅମାନେ ବୃଦ୍ଧ ପିତାମାତାଙ୍କୁ ଜରାଶ୍ରମମାନଙ୍କରେ ପରିତ୍ୟକ୍ତ ମଇଳା ପରି ଫୋପାଡି ନିଜକୁ କୃତ କୃତ୍ୟ ମଣୁଛନ୍ତି । ଏହାଠୁଁ ବଳି ବଡ଼ ଦୁର୍ଭାଗ୍ୟ କ'ଣ ହୋଇପାରେ ।

ଯେଉଁ ପୁଅବୋହୁ ଶେଷ ଅବସ୍ଥାରେ ବାପାମାଆଙ୍କ ସେବା କରି ପିତୃଋଣ ପରିଶୋଧର ସୌଭାଗ୍ୟରୁ ବଞ୍ଚିତ ହୁଅନ୍ତି ସେମାନେ ନିଶ୍ଚିତ ଭାବରେ ହତଭାଗ୍ୟ ଅଟନ୍ତି । କାରଣ ଯେଉଁ ମାଆ ଆମକୁ ଦଶମାସ ଗର୍ଭରେ ଧରି ସାରା ଜୀବନ ଆମର ମଙ୍ଗଳକାମନା କରିଛି । ଆମ୍ଭର ମଙ୍ଗଳ ପାଇଁ ନିଜ ଜୀବନକୁ ତିଳ ତିଳ କରି ଜାଳି ଦେଇଛି । ଆମେ କ'ଣ ତା'ଋଣ ପରିଶୋଧ କରିବାନାହିଁ କି ?

ମୁଁ ମୋର ଏହି ଟିକି ଲେଖା ମାଧ୍ୟମରେ ଆମ ସମାଜର ପୁଅ ଓ ବୋହୂମାନଙ୍କୁ ନିବେଦନ କରୁଛି ଯେପରି କେହି ନିଜର ପିତାମାତାଙ୍କୁ ହତାଦର କରନ୍ତୁ ନାହିଁ । ଉଭୟ ପତି ପତ୍ନୀ ସେମାନଙ୍କ ସେବା କରନ୍ତୁ ଓ ନିଜ ସମାଜର ଟେକ ରଖନ୍ତୁ ।

**ବରଗଡ**

★★★

*With best compliments from*





मानकः पथप्रदर्शकः
Bureau of Indian Standards

# BHARATI JEWELLERS

**MG Road, Junagarh, Dist, Kalahandi**
**Cell. 9437071736, 9937591553**

All types of Gold & Silver Ornaments available

## BHARATI METAL TRADERS, JUNAGARH

**All types of Utensils available here**



# ସୁସନ୍ତାନର ସୃଷ୍ଟିକାରିଣୀ ନାରୀ

ଶ୍ରୀମତୀ ମିନତୀ ସାହୁ

ସୃଷ୍ଟିକର୍ତ୍ତାଙ୍କ ସୃଷ୍ଟି ବଡ଼ ବିଚିତ୍ର । ସେହି ଲୀଳାମୟଙ୍କ ସୁର୍ଜନାରେ ସମସ୍ତ ଜୀବଜଗତର ନିଖୁଣ ସୃଷ୍ଟି ସମ୍ଭାରି । ଆଉ ସେହି ସୃଷ୍ଟିକୁ ବଞ୍ଚାଇ ରଖିବା ପାଇଁ ମଣିଷ ମଧ୍ୟରେ ନାରୀ ଓ ପୁରୁଷର ବିଧାନ । କିନ୍ତୁ ଆଶ୍ଚର୍ଯ୍ୟ ଲାଗେ ଯେତେବେଳେ ଭାବିବାକୁ ପଡ଼େ ସେହି ସମାନ ପିତାମାତାଙ୍କ ଠାରୁ ସେହି ସମାନ ସମୟରେ ସୃଷ୍ଟି ହୋଇଥିବା ଦୁଇଟି ଜାଆଁଳା ଶିଶୁ ମଧ୍ୟରୁ ଜଣେ ପୁଅ ହେଲା ବେଳେ ଅନ୍ୟ ଜଣେ ଝିଅ ହୋଇଥାଏ । ସେ ଯାହାବି ହେଉନା କାହିଁକି ନାରୀ ହିଁ ସୃଷ୍ଟିକାରିଣୀ ସେ ଯେ ସ୍ନେହମୟୀ, ତ୍ୟାଗମୟୀ, ସର୍ବସଂହା ଧରିତ୍ରୀ ଏଥିରେ ସନ୍ଦେହ ନାହିଁ । ଜୀବନରେ ସେ ଚାରୋଟି ଆସନର ଅଧିକାରିଣୀ । ପ୍ରଥମେ ସେ ଝିଅ, ତାପରେ ଭଉଣୀ, ତାପରେ ପତ୍ନୀ ଓ ସର୍ବଶେଷରେ ମାଆ, ଯେଉଁଥିରେ ତା ଜୀବନର ପରିପୂର୍ଣ୍ଣତା । ସେ ପୁଣି ସରସ୍ୱତୀ, ସେ ଲକ୍ଷ୍ମୀ ସେ ହିଁ ଦୁର୍ଗା ।

ପ୍ରାଚୀନ ପରମ୍ପରାକୁ ଅବଲୋଚନ କଲେ ଆମେ ଜାଣିବା ଯେ ନାରୀର ସ୍ଥାନ ପୁରୁଷ ଠାରୁ ଆଗରେ । ନହେଲେ ଲକ୍ଷ୍ମୀ ନାରାୟଣ, ସୀତାରାମ, ରାଧାକୃଷ୍ଣ, ଗୌରୀ ଶଙ୍କର ବୋଲି ଆମେ ଉଚ୍ଚାରଣ କରୁ ନ ଥାନ୍ତେ । ଆଉ ବର୍ତ୍ତମାନର Mrs. & Mr. ସମ୍ବୋଧନ ।

ପ୍ରକୃତରେ ମାତାର ଅର୍ଥ ହେଉଛି ନିର୍ମାତା । ଅର୍ଥାତ ଯିଏ ଜନ୍ମିତ ପୁତ୍ରକନ୍ୟାଙ୍କୁ ନିର୍ମାଣ କରେ ସେ ମାତା । ଆଉ ଯିଏ କେବଳ ଜନ୍ମ ଦେଇ ନିର୍ମାଣ କରେ କି ସେ ଜନନୀ ବା ଜନ୍ମଦାତ୍ରୀ । ମା ଯେମିତି ଚାହେଁ ସେ ତା ଶିଶୁକୁ ସେମିତି ନିର୍ମାଣ କରେ । ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ମଦାଳସା । ସେ ଥିଲେ ସୁଶାସକ ଋତୁଧ୍ୱଜଙ୍କ ପତ୍ନୀ । ଜଣ ଜଣ କରି ସେ ଛଅ ଜଣ ପୁତ୍ର ସନ୍ତାନଙ୍କୁ ଜନ୍ମଦେଇ ନିର୍ମାଣ କରିଥିଲେ । ଅର୍ଥାତ ସେ ଯେତେବେଳେ ତାଙ୍କ ପୁଅମାନଙ୍କୁ ଗର୍ଭରେ ଧାରଣ କରିଥିଲେ ସେ ଘରର କାନ୍ଥମାନଙ୍କରେ ସାଧୁମହାତ୍ମା ମାନଙ୍କ ଚିତ୍ରପଟ ସବୁ ଟାଙ୍ଗିଥିଲେ । ସାଧୁସନ୍ଥଙ୍କ ଜୀବନୀ ସବୁ ତଥା ଧର୍ମଗ୍ରନ୍ଥ ସବୁ ଅଧ୍ୟୟନ କରି ସାତ୍ତ୍ୱିକ ଭୋଜନ ଗ୍ରହଣ କରି ନିରାଡ଼ମ୍ବର ଜୀବନ ଯାପନ କରୁଥିଲେ । ପିଲାଙ୍କ ଜନ୍ମପରେ ପିଲାମାନେ କାନ୍ଦିଲେ ଗାଉଥିଲେ ... ଶୁଦ୍ଧୋଽସି, ବୁଦ୍ଧୋଽସି, ନିରଜନୋଽସି ସଂସାରମାୟା ପରିବର୍ଜିତୋଽସି । ଅର୍ଥାତ୍ ହେ ପୁତ୍ର, ତୁ ଶୁଦ୍ଧ ଅଟୁ, ତୁ ବୁଦ୍ଧ ଅଟୁ, ସଂସାରର କୌଣସି ମାୟା ତୋତେ ସ୍ପର୍ଶ କରିପାରିବ ନାହିଁ । ପିଲାମାନଙ୍କୁ ପ୍ରାୟ ଆଠ ବର୍ଷ ଲେଖାଏଁ ନିଜ ପାଖରେ ରଖି ସୁଶିକ୍ଷା ଦେଇ ତାଙ୍କୁ ନେଇ ଗୁରୁକୁଳରେ ଛାଡ଼ି ଦେଇ ଆସୁଥିଲେ । ଦେଖାଗଲା ଛଅଜଣ ଯାକ ପୁତ୍ର ଶିକ୍ଷା ସମାପନ କଲା ପରେ ଗୃହତ୍ୟଗୀ ସନ୍ୟାସୀ ହୋଇଗଲେ । ଏଥିରେ ରାଜା ଚିନ୍ତିତ, ବ୍ୟଥିତ ତଥା ବ୍ୟତିବ୍ୟସ୍ତ ହୋଇପଡ଼ିଲେ । ରାଜା ଯାଇ ମନଦୁଃଖରେ ମଦାଳସାଙ୍କୁ କହିଲେ ଏ ରାଜ୍ୟର ଭବିଷ୍ୟତ କ'ଣ ହେବ ରାଣୀ ? କିଏ ହେବ ଏହାର ଉତ୍ତରାଧିକାରୀ ? କିଏ କରିବ ଏହାର ଶାସନ ? ସତରେ ଏ ରାଜ୍ୟ କ'ଣ ଶତ୍ରୁମାନଙ୍କ

ହାତକୁ ଚାଲିଯିବ ? ଉତ୍ତରରେ ରାଣୀ କହିଲେ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ମୁଁ ଏଥର ଆପଣଙ୍କୁ ଏକ ରାଜପୁତ୍ର ଦେବି । ତା'ପରେ ସେ ଯେତେବେଳେ ସପ୍ତମ ପୁତ୍ରକୁ ଗର୍ଭରେ ଧାରଣ କଲେ ତାକୁ ରାଜା ପରି ନିର୍ମାଣ କରିବାକୁ ଲାଗିଲେ । ଅର୍ଥାତ୍ ସେ ଘରର ସବୁ କାନ୍ଥମାନଙ୍କରେ ବୀର ଯୋଦ୍ଧା, ସୁଶାସକମାନଙ୍କ ଫଟୋଚିତ୍ର ସବୁ ଟାଙ୍ଗିଲେ । ବୀର ରାଜା ମହାରାଜାଙ୍କ ଜୀବନ କାହାଣୀ ପଢ଼ିଲେ, ପୁଷ୍ଟିକର ଖାଦ୍ୟ ଖାଇ ରାଜମାତା ପରି ଆଡ଼ମ୍ବରପୂର୍ଣ୍ଣ ଦିନ ଅତିବାହିତ କଲେ । ପିଲା ଜନ୍ମ ପରେ କାନ୍ଦିଲେ ଓ ଗାଇଲେ 'କଥଂ କ୍ରନ୍ଦସି ଭୋ ବାଳ । ତ୍ୱଂ ରାଜନ ଭବିଷ୍ୟସି ।' ଅର୍ଥାତ ତୁ କାହିଁକି କାନ୍ଦୁଛୁ ତୁ ତ ରାଜା ହେବୁ । ଦେଶଦ୍ରୋହୀ, ଦୁରାଚାରୀଙ୍କୁ କନ୍ଦେଇବୁ । ତାଙ୍କୁ ପୁଣି ଆଠବର୍ଷ ପାଖରେ ରଖି ଗୁରୁକୁଳରେ ଛାଡ଼ିଦେଲେ । ଗୁରୁକୁଳ ଶିକ୍ଷା ସମାପନ ପରେ ଆଚାର୍ଯ୍ୟ ଯେତେବେଳେ ସନ୍ୟାସୀ ଦୀକ୍ଷା ଗ୍ରହଣ କରିବାକୁ କହିଲେ ସେ ଦୃଢ଼ତାର ସହିତ ଉତ୍ତର ଦେଲେ ନା ଗୁରୁଦେବ ମୁଁ ରାଜା ହେବି । ବାପାଙ୍କ ରାଜ୍ୟ ଶାସନ ଭାର ସମ୍ଭାଳିବି । ତେଣୁ ଏହା ପ୍ରମାଣିତ ଯେ ମାଁ ହିଁ ସନ୍ତାନର ନିର୍ମାତା । ତା'ରି ଖାଦ୍ୟପେୟ, ଆଚାର ବ୍ୟବହାର ଓ ଦୀନଚର୍ଯ୍ୟାରେ ଶିଶୁ ଗଢ଼ିଉଠେ । ନ ହେଲେ ସୁଭଦ୍ରାଙ୍କ ଗର୍ଭରେ ଥାଇ ଚକ୍ରବ୍ୟୁହ ଭେଦ କରି ପାରି ନ ଥାନ୍ତା । ମାତ୍ର ମାତାଙ୍କ ନିଦ୍ରାବସ୍ଥା ଯୋଗୁଁ ବ୍ୟୁହରୁ ବାହାରିବା ବିଷୟ ଶୁଣି ନ ପାରି ସପ୍ତରଥୀଙ୍କ ଶିକାର ହୋଇ ନ ଥାନ୍ତା । ମାଁଙ୍କର ଶିକ୍ଷା ଦୀକ୍ଷାରେ ହିଁ ସନ୍ତାନ ହୁଏ ସୁସନ୍ତାନ ।

**ସଭାନେତ୍ରୀ**
**ମାତୃମଞ୍ଚ, କୁବେର ସମାଜ, ମହସଭା**


*With best compliments from*

# Chirag Enterprises

**Cement, MS Rod, Asbestos, Chips, Slate Pathar,**
**Colour & All Hardware Items**

**Shantipur (Near K.L. Office), Dhandamunda**



Prop. *Sushanta Kumar Sahu*
C/o. **Bharat Chandra Sahu**
9437637665 / 7750888965

*With best compliments from*





# SAHU
# KIRANA STORE

**Deals in: All types of Kirana Items**

**Sunamudi, Patnagarh, Dist. Balangir**

**Cell. 9777486366**

Prop. Sanjib Kumar Sahu (Jaga)



# ମାତୃ ସମ୍ମିଳନୀ ଉପଲକ୍ଷେ

**ଶ୍ରୀମତୀ ଅନୁପମା ସାହୁ**

ମୁଁ ଜଣେ ସାଧାରଣ ଗୃହିଣୀ । ନା ଭାଷା ସାହିତ୍ୟରେ ମୋର ଜ୍ଞାନ ଅଛି ନା ମୋ ଠି ସୃଜନଶୀଳ ପ୍ରତିଭା ଅଛି । ଟିଟିଲାଗଡ଼ ଠାରେ ଅନୁଷ୍ଠିତ ମାତୃମଞ୍ଚ ସମ୍ମିଳନୀକୁ ଯିବା ଅବସରରେ ଭାବୁଥିଲି ସାମ୍ପ୍ରତିକ ସ୍ଥିତିରେ ମାତୃମଞ୍ଚର ଆବଶ୍ୟକତା, କାର୍ଯ୍ୟକାରିତା ଓ ଉତ୍ତର ଦାୟିତ୍ୱବୋଧ ଏମିତି ଅନେକଗୁଡ଼ିଏ ବିଷୟରେ ସାରଗର୍ଭକ ମାନସମନ୍ଥନ ହେବ । ଅବଶ୍ୟ ସାମାଜିକ ଗଣମାଧମର କିଛି ପ୍ରରୋଚକ ବାର୍ତ୍ତାର ବିଶେଷ ବିଶ୍ଲେଷଣ ହୋଇଛି । ରହିଯାଇଇଥିବା ମନର ଅବଶେଷ ହାତରେ କଲମ ଧରେଇଛି ଅନ୍ତରର ଆବେଗ ଓ ପ୍ରେରଣାକୁ କିଞ୍ଚିତ ମାତ୍ରାରେ ପ୍ରକାଶ କରିବାକୁ ।

ମୁଁ ଜାଣେ ଏଠି ବି ବିଶେଷ ବର୍ଣ୍ଣନା ସୀମାଚିନ ହେବନାହିଁ । କାହିଁକିନା ଆମେ ଗୁଣାତ୍ମକ ମାନ ଅପେକ୍ଷା ସଂଖ୍ୟାତ୍ମକ ମାନକୁ ସମ୍ପାଦନାରେ ପ୍ରାଧାନ୍ୟ ଦେଉଛୁ । ଏଣୁ ସ୍ୱାବଲମ୍ବନ, ସୁରକ୍ଷା ତଥା ନିରାପତ୍ତା, ଶିକ୍ଷା ଏସବୁ ପ୍ରସଙ୍ଗ ଆଲୋଚନା ନ କରି କେବଳ ପରିବର୍ତ୍ତିତ ମାନବିକ ବିଚାରବୋଧ ଓ ତତ୍‌ଜନୀତ ସମସ୍ୟା ଉପରେ ଆଲୋଚନା କରିବା ।

କାହିଁ ଆବାହନ କାଳରୁ ପ୍ରବାଦ ଅଛି ''ନାରୀ ଅବଳା, ଦୁର୍ବଳା'' । ତା'ର ଦୁର୍ବଳତାକୁ ଦୂର କରେ ଏକ ସବଳ ପୁରୁଷର ସହଯୋଗର ହାତ । ଅସୁରକ୍ଷିତ ନାରୀ ସର୍ବଦା ଲୋଡ଼େ ପୁରୁଷର ସୁରକ୍ଷିତ ବଳୟ । ଆଜି କିନ୍ତୁ ପରିସ୍ଥିତି ଭିନ୍ନ । ବାଡ଼ ଫସଲକୁ ଖାଇଗଲା ପରି ଯେଉଁ ପୁରୁଷର ମାନବିକ ଓ ସାମାଜିକ କର୍ତ୍ତବ୍ୟ ଥିଲା ତାକୁ ସୁରକ୍ଷା ଦେବା । ତା' ଦ୍ୱାରା ସେ ନିର୍ଯ୍ୟାତିତା, ଲାଞ୍ଛିତା ଓ ପୀଡ଼ିତା । ଆଉ ସବୁଠୁ ଦୁର୍ବିସହର ବିଷୟ ଏହା ଯେ ଏକ ପରିସଂଖ୍ୟାନରୁ ଆମେ ଯାହା ଜାଣୁ ଅଧିକାଂଶ ନାରୀ ନିର୍ଯ୍ୟାତନା ଓ ଯୌନ ଶୋଷଣ ଇତ୍ୟାଦି ପରିଚିତ ଆତ୍ମୀୟ ସ୍ୱଜନଙ୍କ ଦ୍ୱାରା ହେଉଛି । ପାରିବାରିକ ହିଂସା ତ କହିଲେ ନ ସରେ । ଏସବୁକୁ ଯଦି ଆମେ ସୁକ୍ଷ୍ମ ବିଶ୍ଲେଷଣ କରିବା ତେବେ ସେ ପୁରୁଷ ମଧ୍ୟ ଏକ ପରିବାରରୁ ଆସିଥିବ । କେବଳ ଭିନ୍ନ ଭିନ୍ନ ପାରିବାରିକ ପରିବେଶର ହୋଇପାରେ । ତା' ହେଲେ ପାରିବାରିକ ପରିବେଶ ପାଇଁ ମୂଳତ ଜଣେ ମହିଳା ହିଁ ଦାୟୀ । ଯେହେତୁ ମଣିଷର ଆଦ୍ୟ ସଂସ୍କାର ମାଁ ଠାରୁ ଆରମ୍ଭ ହୁଏ ବା ପାରିବାରିକ ସଂସ୍କାରର ଜନନୀ ମାଁ ଅଟେ ।

ଯୌଥ ପରିବାର କଥା ଆଲୋଚନାକୁ ନେଲେ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଯୌଥ ପରିବାରବାଦ ପ୍ରଚଳିତ ଥିଲା । ପାରିବାରିକ ଭଲମନ୍ଦର ନିଷ୍ପତ୍ତି ପରିବାରର ମୁରବୀଙ୍କ ଦ୍ୱାରା ଯଦିଓ ନିର୍ଣ୍ଣୟ ହେଉଥିଲା ତଥାପି ମହିଳାଙ୍କ ସ୍ନେହ, ଶ୍ରଦ୍ଧା, ସମ୍ମାନ ଓ ଭୂମିକା କିଛି କମ୍ ନ ଥିଲା । ନୀତି, ନୈତିକତା, ସମଭାବାପନ୍ନତା, ସମ୍ବେଦନଶୀଳତା ଓ ଆଦର୍ଶ ବିଚାରବୋଧ ଉପରେ ପରିଚାଳିତ ହେଉଥିଲା ସମଗ୍ର ପରିବାର ।

ସାମ୍ପ୍ରତିକ ସ୍ଥିତିରେ ଯୌଥ ପରିବାର ଆଉ ନାହିଁ କହିଲେ ଚଳେ । ଏହାର ବିଘଟନରେ ସୃଷ୍ଟି ହେଉଛି ଅଣୁ ବା ଏକକ

ପରିବାର । ତ୍ୟାଗ ବଳରେ ଭୋଗବାଦ, ସ୍ୱାର୍ଥଲିପ୍ସା, କୃତ୍ରିମ ସୁଖ ଲାଳସା ଓ ସ୍ୱେଚ୍ଛାଚାରିତ ଜୀବନଶୈଳୀର ଆସକ୍ତି ହିଁ ସୃଷ୍ଟି କରିଛି ଅଣୁ ପରିବାର । ଏହାର ବିଲକ୍ଷଣ ଏହା ଯେ ଏସବୁ ନାମମାତ୍ର ପୁରୁଷକୈନ୍ଦ୍ରିକ, ଅସଲରେ ଏହା ପରିଚାଳିତ ହୁଏ ମହିଳାମାନଙ୍କର ମିଜାଜ୍‌ରେ । ପ୍ରଚ୍ଛଦ ପଟ୍ଟରୁ ଏମାନେ ହିଁ ଏହାର ନିୟନ୍ତ୍ରଣ କରନ୍ତି । ମୋଟାମୋଟି କହିବାକୁ ଗଲେ ଏହାର ଦ୍ରୁତ ସମ୍ପ୍ରସାରଣ ହୋଇଛି ଏମାନଙ୍କ ପାଇଁ । ଏଇଠି ଆମେ ଆଲୋଚନା କରୁନୁ ଏଇ ଅଣୁ ପରିବାରର ବିଲକ୍ଷଣ (ପୂର୍ବ ସଂଖ୍ୟାରେ କ୍ରମବର୍ଦ୍ଧିଷ୍ଣୁ ଆତ୍ମହତ୍ୟା ଓ ଅପରାଧପ୍ରବଣତା ଏକ ବିଶ୍ଲେଷଣରେ ବର୍ଣ୍ଣିତ) ବରଂ ଆମେ ସେଇ ଅଣୁ ପରିବାରର ନିୟନ୍ତ୍ରକ ମହିଳାମାନଙ୍କ ବିଚାରଧାରାକୁ ପରିମାର୍ଜିତ କରିବାକୁ ଅନୁରୋଧ କରୁଛୁ ।

ପଦ୍ମଶ୍ରୀ ତୁଳସୀ ମୁଣ୍ଡା ତାଙ୍କ ବକ୍ତବ୍ୟରେ ଥରେ କହିଥିଲେ ‘ଜଣେ ନାରୀ ହିଁ ନାରୀର ପ୍ରଧାନ ଶତ୍ରୁ’ । ନାରୀ ଯେଉଁଠି ଜନନୀ ଜଠରରେ ସୁରକ୍ଷିତ ନୁହେଁ, ଦୁନିଆର ମୁକ୍ତାଲୋକରେ ପଦାର୍ପଣ କରିବା ପୂର୍ବରୁ ଶତ୍ରୁ ଦ୍ୱାରା କବଳିତ, ସେଇଠି ତାର ନିରାପତ୍ତା ଏକ ପ୍ରଶ୍ନବାଚୀ ନୁହଁକି ? ଏହାକୁ ବିଚାରକୁ ନେଲେ ଏଇଠି ମଧ୍ୟ ଜଣେ ନାରୀ ପାଇଁ ଜଣେ ନାରୀ ଉତ୍ତରଦାୟୀ ରହୁଛି ।

ଆଜି ପ୍ରାୟେକ ଦେଖାଯାଉଥିବା ଦାମ୍ପତ୍ୟ କଳହ ବା ପାରିବାରିକ କଳହ ମଧ୍ୟରେ ମହିଳାଙ୍କ ଭୂମିକା ନିହିତ ଥାଏ । ସ୍ୱାର୍ଥସର୍ବସ୍ୱ ମହିଳାମାନେ ଭିନ୍ନ ଭିନ୍ନ ପରିବେଶରେ ଭିନ୍ନ ଭିନ୍ନ ଆଭିମୁଖ୍ୟ ଗ୍ରହଣ କରିଥାନ୍ତି । ଧରାଯାଉ ଜଣେ ମାଁ ଚାହେଁ ବୋହୁ ସର୍ବଦା ପୁଅର ନିୟନ୍ତ୍ରଣରେ ରହୁ କିନ୍ତୁ ଝିଅ ସବୁବେଳେ ଜ୍ୱାଇଁଙ୍କୁ ନିଜ ନିୟନ୍ତ୍ରଣରେ ରଖୁ । ବୋହୁ ଘରେ ସେବିକା ହୋଇ ରହୁ କିନ୍ତୁ ଝିଅର ଶାଶୁଘରେ ହାକିମ୍‌ଗିରି ଚଳୁ । ସେଦିନ ଆଲୋଚିତ ରାମାୟଣର ଦେବୀ ସୀତାଙ୍କ ନିର୍ବାସନକୁ ବିଚାର କଲେ ଜଣେ ମହିଳା (ଧୋବିଣୀ) ହିଁ ଦାୟୀ ରହୁଛି ଆଉ ଆମ ବିଚାରରେ ମହିଳାମାନଙ୍କ ଦ୍ୱାରା ଅନ୍ୟର ଦୋଷ ଦୁର୍ବଳତା ଏତେ ପ୍ରସାରିତ ହୁଏ ଯେ ଆଜିର ଦ୍ରୁତ ଇଣ୍ଟରନେଟ୍ ସେବା ବି ପଛରେ ପଡ଼ିଯିବ । ସେଦିନ କିଶୋର କିଶୋରୀମାନଙ୍କ ମୋବାଇଲ ବା ଇଣ୍ଟରନେଟ୍ ପ୍ରତି ଅହେତୁକ ଦୁର୍ବଳତାର ଆଲୋଚନା ହେଉଥିଲା । ପ୍ରାୟ ପ୍ରତ୍ୟେକ ଆର୍ଥିକ ସଚ୍ଛଳ ପରିବାରର ମହିଳାମାନେ ମଧ୍ୟ ଏହି ମୋବାଇଲ ଇଣ୍ଟରନେଟ୍ ବ୍ୟାଧିଗ୍ରସ୍ତ । ହ୍ୱାଟ୍‌ସପ୍ ଓ ଫେସ୍‌ବୁକ୍‌ରେ ଯୋଡ଼ି ହୋଇ ଆବଶ୍ୟକତା ଅନୁଯାୟୀ ଏସବୁର ବ୍ୟବହାର ପରିବର୍ତ୍ତେ ସେଲ୍‌ଫି ଓ ଫଟୋ ପ୍ରସାରଣ ତଥା ବିଭିନ୍ନ ଭାବୋଦ୍ଦିପକ ପୋଷ୍ଟ୍ ସବୁର ବିତରଣରେ ହିଁ ଏମାନେ ସୀମିତ । ଆଉ ଏହା ହିଁ ସଞ୍ଚାରିତ ହୋଇଛି ପରବର୍ତ୍ତି ପୀଢ଼ିକୁ ।

ଶୈଶବର ଅମୃତମୟୀ ମାଁର ଅମୃତରୁ ଶିଶୁ ବଞ୍ଚିତ ହେବାର ଆଲୋଚନା ହେଉଥିଲା । ଆଜିର କେତେକ ଆତ୍ମକୈନ୍ଦ୍ରିକ ଶିକ୍ଷିତା ମହିଳା ନିଜ ସୁଢ଼ଳ ବକ୍ଷୋଜର ସୁନ୍ଦରତାକୁ ସାଇତି ରଖିବା ପାଇଁ ଶିଶୁକୁ କୃତ୍ରିମ କ୍ଷୀର ପାନ କରାଉଛନ୍ତି । ଆଉ କିଛି ମାଁଙ୍କ ଠାରେ ଏହା ଶିଶୁର ଆବଶ୍ୟକତା ପାଇଁ ପର୍ଯ୍ୟାପ୍ତ ହୁଏନାହିଁ । ଏଣୁ ଏମାନେ ବିକଳ୍ପ ବ୍ୟବସ୍ଥା କରନ୍ତି । ଅନିୟମିତ ଦିନଚର୍ଯ୍ୟା ଓ ଅସନ୍ତୁଳିତ ଖାଦ୍ୟପେୟରେ ଶୈଶବରୁ ଅଭ୍ୟସ୍ତ ହୋଇଯାନ୍ତି ଏମାନେ । ଫାଷ୍ଟ୍‌ଫୁଡ଼ ଏମାନଙ୍କ ପ୍ରିୟ ଖାଦ୍ୟ । ଗର୍ଭାବସ୍ଥାରେ ବା ପରବର୍ତ୍ତି ସମୟରେ ଏମାନେ ଆମର ପାରମ୍ପରିକ ଖାଦ୍ୟ ପ୍ରତି ବିତିସ୍ପୃହ ହୁଅନ୍ତି ଯାହା ଏମାନଙ୍କୁ ପରବର୍ତ୍ତି କାଳରେ ଦୁଗ୍ଧ ଉତ୍ପାଦନରେ ସାହାଯ୍ୟ କରନ୍ତା । ଏମାନଙ୍କୁ ଅପପୃଷ୍ଟିର ଶିକାର କହିଲେ ଅତ୍ୟୁକ୍ତି ହେବନାହିଁ । ଏଣୁ ଅମୃତର ଅଭାବ ଏମାନଙ୍କ ପାଖରେ ପରିଲକ୍ଷିତ ହୁଏ ।

ଝିଅର ପରବର୍ତ୍ତୀ ଅବସ୍ଥା ବୋହୁ । ଏଣୁ ନିଜ ପରିବାରରୁ ଶିଖିଥିବା ଶିକ୍ଷା, ଶୃଙ୍ଖଳା, ସଂସ୍କାର, ସହନଶୀଳତା, ସଦ୍‌ଭାବ ଉପରେ ନିର୍ଭର କରେ ତାର ପରବର୍ତ୍ତୀ ପାରିବାରିକ ଜୀବନ । ନିଜ ପରିବାରର ସମସ୍ତ ଭଲମନ୍ଦକୁ ଯେ ବହନ କରେ ସେ ‘ବୋହୁ’ । ଠିକ୍ ସେହିପରି ପତି ମାଧ୍ୟମରେ ଯିଏ ପରିବାରକୁ ପତନରୁ ଉଦ୍ଧାର କରେ ସେ ଆଦର୍ଶ ‘ପତ୍ନୀ’ର ମାନ୍ୟତା ପାଏ । ଖଣ୍ଡେ ଲୁହା ବିଭିନ୍ନ ବସ୍ତୁକୁ ଭାଙ୍ଗିବାରେ ସଫଳ ହେଉଥିବା ବେଳେ ସେହି ଲୁହା ଖଣ୍ଡଟିକୁ ଭାଙ୍ଗିଥାଏ ନିଜର କଳଙ୍କି । ନାରୀମାନଙ୍କ କ୍ଷେତ୍ରରେ ଠିକ୍ ସେହିପରି

ଉପରବର୍ଣ୍ଣିତ ଗୁଣାବଳୀର ଅଭାବ ହିଁ କଳଙ୍କ ସଦୃଶ ଅଟେ ।

ତେଣୁ ଏସବୁକୁ ଅର୍ନ୍ତମନରେ ବିଚାର କଲେ ଆଜି ନାରୀମାନଙ୍କ ମଧ୍ୟରେ ତ୍ୟାଗ ଓ ଆଦର୍ଶର ମନୋଭାବ, ଉତ୍ତମ ମାନବିକ ଆବେଗ, ବୌଦ୍ଧିକ ଶିକ୍ଷାର ବିକାଶ ଅତ୍ୟନ୍ତ ଜରୁରୀ । ଆଜି ନାରୀମାନେ ପ୍ରାୟେକ ଶିକ୍ଷାଗତ ପ୍ରମାଣପତ୍ର ହାସଲ କରିଥିବା ଜଣେ ଜଣେ ଶିକ୍ଷିତା । କିନ୍ତୁ ଆମର ଉପାର୍ଜନ ସର୍ବସ୍ୱ ଓ ପ୍ରତିଯୋଗି ଭାବାପନ୍ନ ଶିକ୍ଷାବ୍ୟବସ୍ଥା ଏସବୁ ବିଚାରବୁଦ୍ଧି ପ୍ରଦାନ କରିପାରେନାହିଁ । ନୀତି ନୈତିକତାହୀନ, ଅନୁଶାସନ ବିହୀନ ପରିବାର ବ୍ୟବସ୍ଥା ମଧ୍ୟ ଏହା ଶିଖାଇ ପାରେନାହିଁ ।

ଏଇ ପରିପ୍ରେକ୍ଷୀରେ ଆମର ଏ ମଞ୍ଚ ହିଁ କିଛିଟା ଆଶାର ଆଲୋକ ସଞ୍ଚାର କରୁଛି । ସାମାଜିକ ମିଳାମିଶା, ସୌହାର୍ଦ୍ଦପୂର୍ଣ୍ଣ ଭାବ ବିନିମୟ, ସକାରାତ୍ମକ ଆଲୋଚନା-ପର୍ଯ୍ୟାଲୋଚନା, ଜୀବନ ଓ କର୍ମର ତାତ୍ତ୍ୱିକ ବିଶ୍ଲେଷଣ ଜନ୍ମ ଦେବ ଆଦର୍ଶ ବିଚାରବୋଧ । ସେଇ ଆଦର୍ଶରେ ଅନୁପ୍ରାଣିତ ହେବ ସମଗ୍ର ମାତୃସମାଜ - ପରିବର୍ତ୍ତନର ଧ୍ୱଜା ଧରି । ଜନ୍ମ ନେବ ଏକ ଆଦର୍ଶ ଓ ବିକଶିତ ସମାଜ । ଏପରି ଅନେକ ସମ୍ମିଳନୀ ହୋଇ ସମ୍ମିଳିତ କରୁ ଦେବୀ ସ୍ୱରୁପିଣୀ ମାଁ ମାନଙ୍କୁ ଏହାହିଁ କାମନା ।

**ସଭାନେତ୍ରୀ, ମାତୃମଞ୍ଚ, ବଲାଙ୍ଗୀର ସାହି**

**ଶୁଭେଚ୍ଛା ସହ**



ପ୍ରୋ: **ସୁବାଷ ଚନ୍ଦ୍ର ସାହୁ**

**ମୋ: ୯୯୩୭୯୯୨୭୨୦**

# ଜେ.କେ. ଫେବ୍ରିକେଶନ୍ ଏଣ୍ଡ୍ ରୋଡ଼ ଲାଇନ୍ସ

**ଅମରପାଲି (ପାଇକମାଲ), ବରଗଡ଼, ଓଡ଼ିଶା**

*With best compliments from*

# BASUDEV MEDICALS

***All kind of Medicines Available Here***

**BUS STAND, DHUMABHATA**

Prop: *Basudev Sahoo*, ADVISOR OF LIC

Phone: **9937682526**



Contact for **Postal, RD, TD & KVP**

*Zindegi Ke Saath Bhi Zindegi Ki Baad Bhi*

*With best compliments from*







**Debendra Kumar Sahu**

# GAYATRI
## CYCLE & ELECTRICALS

**Dhandamunda, Balangir - 767028**

**Cell. 9777263494**



# ଅଜା ତବ ସ୍ମରଣେ

ଅକ୍ଷୟ କୁମାର ସାହୁ

ଅଜା ତବ ସ୍ମରଣେ ଶିରୋନାମାରେ ମୁଁ ଯେଉଁ ଅଜାଙ୍କ ବିଷୟରେ ଲେଖୁଛି ସେ କୁବେର ସମାଜର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ **ସ୍ୱର୍ଗତ କାହ୍ନୁ ଚରଣ ପୃଷ୍ଟି ।** ତାଙ୍କୁ ଯେତେବେଳେ ୨୨ବର୍ଷ ବୟସ ସେ ପୂର୍ବ ଓଡ଼ିଶାରୁ ପଶ୍ଚିମ ଓଡ଼ିଶାକୁ ଆସିଥିଲେ ବ୍ୟବସାୟ ଉଦ୍ଦେଶ୍ୟରେ । ଖୁବ ଅଳ୍ପ ଦିନରେ ସଫଳତାର ପାହାଚ ପରେ ପାହାଚ ଚଢ଼ି ଏମିତି ଶୀର୍ଷରେ ପହଞ୍ଚିଥିଲେ ଯେ କେବଳ ବଲାଙ୍ଗୀର ନୁହେଁ, ବରଗଡ଼, କଳାହାଣ୍ଡି, ନୂଆପଡ଼ା ତଥା ସମ୍ବଲପୁର ଜିଲ୍ଲାରେ ସେ ଜଣେ ଜଣାଶୁଣା ପରିଚିତ ମୁହଁ ପାଲଟି ଗଲେ । ଲୋକେ ଆଶ୍ଚର୍ଯ୍ୟ ହୋଇ ପଚାରୁଥିଲେ ହଇହୋ ମହାଜନ, ତୁମେ କି ଜାତିର ହୋ ? ସେ ଉତ୍ତର ଦେଉଥିଲେ ଆମେ କୁବେରଙ୍କ ସନ୍ତାନ, କୁବେର ପୁତ୍ର । ତା'ପରେ ନିଜ ତଥା ନିଜ ଜାତିଭାଇଙ୍କ ପରିଚୟ ସୃଷ୍ଟି ପାଇଁ ସେ ଅଣ୍ଟାଭିଡି ବାହାରି ପଡ଼ି ସମଗ୍ର ପଶ୍ଚିମ ଓଡ଼ିଶା ଓ ସୀମାନ୍ତ ଛତିଶଗଡ଼ ବୁଲି ସ୍ଥାନେ ସ୍ଥାନେ ସଭାସମିତି କରି କୁବେର ସମାଜର ସାଇ ସବୁ ଗଠନ କରିଥିଲେ ।

ନାରୀଶିକ୍ଷା ପ୍ରତି ତାଙ୍କର ଥିଲା ଅହେତୁକ ଦୁର୍ବଳତା । ତେଣୁ ରକ୍ଷଣଶୀଳ ସମାଜରେ ଥାଇ ସୁଦ୍ଧା ଝିଅମାନଙ୍କୁ ପାଠ ପଢ଼ାଇବା ପାଇଁ ସେ ଟ୍ୟୁସନ ମାଷ୍ଟର ନିଯୁକ୍ତ କରି ପଢ଼ିବାର ସୁଯୋଗ ଦେଇଥିଲେ । ଏମିତି କି ସେ ଯେତେବେଳେ ଦେଖିଲେ ତାଙ୍କ ବଡ଼ବୋହୂ ଯଦି ଓ ଘରକାମରେ ନିପୁଣା ଥିଲେ ହେଲେ ପାଠରେ ଥିଲେ ଦୁର୍ବଳ । ତେଣୁ ସେ ତାଙ୍କୁ ପଢ଼ିବାକୁ ସୁଯୋଗ ଓ ନିର୍ଦ୍ଦେଶ ଦେଇଥିଲେ । ପରବର୍ତ୍ତୀ ସମୟରେ ନିଜ ବୋହୂ ମୁହଁରୁ ଭାଗବତ ରାମାୟଣ ଆଦି ଶୁଣି ଆନନ୍ଦିତ ହେଉଥିଲେ ।

ପରିବେଶ ପ୍ରତି ସେ ଖୁବ୍ ସଚେତନ ଥିଲେ । ତେଣୁ ସେ ଘର ତଥା ଜମିର ଚତୁଃପାର୍ଶ୍ୱରେ ବାଉଁଶ ବଣଠୁଁ ଆରମ୍ଭ କରି ସାଗୁଆନ,ତାଳ ତଥା ଅନେକ ଫଳମୂଳ ବଗିଚା କରି ସବୁଜ ବଳୟ ସୃଷ୍ଟି କରାଉଥିଲେ । ବେଳେବେଳେ ମୋ ଆଈ ମାଁ ବିରକ୍ତ ହେଲେ ବୁଝାଉଥିଲେ ଏମାନେ ଆମକୁ ବର୍ଷା ତଥା ଟିକିଏ ସ୍ୱଚ୍ଛ ଓ ଶୁଦ୍ଧ ପବନ ଦେବେ ।

ସେ ଥିଲେ ନିର୍ଭୀକ ଓ ସାହସୀ ତଥା ସ୍ପଷ୍ଟବାଦୀ । ଅଳ୍ପ ଦିନରେ ତାଙ୍କର ଉତ୍ଥାନ ଦେଖି ଈର୍ଷାପରାୟଣ ହୋଇ ପୋଲିସ୍ ପାଖରେ ଅଭିଯୋଗ କଲେ । ପୋଲିସ ତାଙ୍କୁ ଥାନାକୁ ଡକାଇଲା । କ'ଣ ପାଇଁ ଡକାଯାଇଛି ବୋଲି ଅଜା ପଚାରିବାରୁ ଥାନାବାବୁ କହିଲେ ବାରଣ୍ଡାରେ ଥିବା ବେଞ୍ଚରେ ବସ ପରେ ଜାଣିବ । ଅଜା ବିରକ୍ତ ହୋଇ ଖଣ୍ଡେ ବିଡ଼ି କାଢ଼ି ଟାଣିବାକୁ ବସିବାରୁ ଥାନାବାବୁ ଦୌଡ଼ିଆସି ହାତରୁ ବିଡ଼ି ଛଡ଼ାଇ ନେଇ ଫୋପାଡ଼ି ଦେଇ କହିଲେ ଏଇଟା ପୋଲିସ୍ ଷ୍ଟେସନ କ'ଣ ଜଣାନାହିଁ । ଅଜା ଚୁପ୍ ରହିଲେ । ତା'ପରେ ପ୍ରାୟ ଅଧଘଣ୍ଟା ପରେ ନିଜେ ଥାନାବାବୁ ଖଣ୍ଡେ ସିଗାରେଟ ଟାଣିବା ଆରମ୍ଭ କଲେ । ମୋ ଅଜା ଦୌଡ଼ି ଯାଇ ହାତରୁ ସିଗାରେଟକୁ ଫୋପାଡ଼ି ଦେଇ କହିଲେ ଏଇଟା ଥାନାଟି ? ଅନେକ କର୍ମଚାରୀ ଓ ଲୋକ ଅଛନ୍ତି । ତୁମକୁ କ'ଣ ଜଣା ନାହିଁ । ପ୍ରାୟ ଏମିତି ହେଉ ହେଉ ଦେଖିଲେ ସମୟ ପ୍ରାୟ ୩ଘଣ୍ଟା ନଷ୍ଟ ହେଲାଣି । ସେ ନିର୍ଭିକ ଭାବରେ ଅଫିସକୁ

ଯାଇ କହିଲେ କ'ଣ ପାଇଁ ମୋତେ ଏଠି ବସାଯାଇଛି ଶୀଘ୍ର କୁହନ୍ତୁ ନଚେତ୍ ମୁଁ ଏଠୁ ଉଠି ସିଧା ବଲାଙ୍ଗୀର ଯିବି ଓ ମୋ ତିନି ଘଣ୍ଟା ବଦଳରେ ତୁମକୁ ୩ବର୍ଷ ଘରେ ବେକାର ବସେଇ ଦେବି । ଥାନାବାବୁ ଦେଖିଲେ ଏହା ସାଙ୍ଗରେ ଖେଳ ଖେଳିବା ଅର୍ଥ ବିପଦକୁ ବରଣ କରିବା ସଙ୍ଗେ ସମାନ । ସେ କହିଲେ ନାଇଁ ପୃଷ୍ଟି ! କ'ଣ କେମିତି ବ୍ୟବସାୟ କରୁଛ ଟିକିଏ ଜାଣିବା ପାଇଁ ଡାକିଥିଲି । ଏବେ ତୁମେ ଘରକୁ ଯାଇପାର ।

ସେ ଥିଲେ ଅତ୍ୟନ୍ତ ସ୍ନେହୀ । ମୋର ଏମ୍.କମ୍. ସରିଲା ପରେ ମୁଁ ଯେତେବେଳେ ବ୍ୟାଙ୍କ୍‌ରେ ଜଏନ୍ କଲି ମୋ ବାପା ମାଁ ଙ୍କ ମନରେ ଭାରି କଷ୍ଟ । ସେମାନଙ୍କ ଇଚ୍ଛା ମୁଁ ବ୍ୟବସାୟ କରନ୍ତି । ଅଜା ମୋର ପରୋକ୍ଷରେ ଅନେକ କଥା ପଚାରି ଜାଣିପାରିଲେ ଯେ ମୋ ଦ୍ୱାରା ବ୍ୟବସାୟ ହେବନାହିଁ । ସେ ମୋ ମାଁକୁ ବୁଝେଇ କହିଲେ ନାତି ମୋର ଚାକିରୀ କରୁ । ଚାକିରୀ କଲାପରେ କିଛି ନ ହେଲେ ମାଟ୍ରିକ ବୋହୂଟେ ତ ପାଇବୁ । ହେଲେ ଯେତେବେଳେ ମୋ ବାହାଘର ମାଟ୍ରିକ ନୁହେଁ ବରଂ ଜଣେ ଉଚ୍ଚ ଶିକ୍ଷିତା ଝିଅ ମିନି ସଙ୍ଗେ ଠିକ୍ ହେଲା ମୁଁ ମନେ ମନେ ଭାବୁଥିଲି ଆଜି ଯଦି ମୋ ଅଜା ଥାଆନ୍ତେ କେତେ ଖୁସି ହେଉ ନ ଥାନ୍ତେ । ଏବେ ମୁଁ ଭାବେ ମୋ ଅଜା ଯେଉଁ କ୍ଷୁଦ୍ରବୀଜଟିଏ ଲଗାଇଥିଲେ କୁବେର ସମାଜ ନାମରେ ତାହା ଆଜି ବଟବୃକ୍ଷର ରୂପ ଧାରଣ କରିଛି । ଯାହାର ଗୋଟିଏ ଶାଖା 'ମାତୃମଞ୍ଚ'ର ଦାୟିତ୍ୱ ମୋ ସ୍ତ୍ରୀ ମୀନତିଙ୍କ ଉପରେ ନ୍ୟସ୍ତ ହୋଇଛି । ସେ ଥିଲେ କେତେ ଖୁସି ନ ହୁଅନ୍ତେ ।

ସବୁବେଳେ ମୋ ଅଜା କହୁଥିଲେ ତୁ ମୋ ବଡ଼ ନାତି । ତୋ ହାତରୁ ପରା ପାଣି ପାଇ ମରିବି । ସତକୁ ସତ ତା:୧୮/୧୦/୧୯୮୬ମସିହା । କୁମାର ପୂର୍ଣ୍ଣିମା ପର ଦିନ । ଘରେ ଯଦିଓ ଅତିଥି ଅନେକ ଥିଲେ, ସମସ୍ତେ ଅନୁପସ୍ଥିତ । ଏପରିକି ମୋ ମାମୁଁ ମାନେ ମଧ୍ୟ ନ ଥିଲେ । ହଠାତ୍ ରାତି ୧୦ଟାରେ ମୋ ସାନ ମାଇଁ ଦୌଡ଼ି ଆସି ଡ଼ାକ ଛାଡ଼ିଲେ, ଦେଖିବ ଆସ, ବୁଢ଼ାଙ୍କ କ'ଣ ହୋଇଛି । ମୁଁ ଦୌଡ଼ି ଆସି ମୋ ଗୋଡ଼ ଉପରେ ବୁଢ଼ାଙ୍କ ମୁଣ୍ଡ ରଖି ମୁହଁରେ ପାଣି ଛାଟି ପାଟିରେ ପାଣି ଦେଲି । ମୋତେ ଅନେଇ ସବୁ ଦିନ ପାଇଁ ଆଖି ବୁଜିଦେଲେ । ଦୁଃଖରେ ଭାଙ୍ଗି ପଡ଼ିଲି ସିନା ମନେ ମନେ ଭାବିଲି ଧନ୍ୟ ହେ ଅଜା, ଧନ୍ୟ ତୁମ ଦୂରଦୃଷ୍ଟି ।

**କାନୁଟ, ବଲାଙ୍ଗିର**


***ଶୁଭେଚ୍ଛା ସହ***

# ସାଇ ଫେନ୍ସି ଷ୍ଟୋର

## ନିଲେଶ କୁମାର ସାହୁ

**ମୋ: ୯୧୭୮୦୦୮୧୦୮**

**ସଡ଼କ ପଡ଼ା, ଝାରବନ୍ଧ ରୋଡ଼, ପାଇକମାଲ, ବରଗଡ଼**

*With best compliments from*





Prop. Prasanta Kumar Sahu

# SHERAWALI
## *Jewellers*

**Deals in: All kind of Gold, Silver Jewellers**

**Sunamudi Chowk, Sarmuhan, Patnagarh**
**Cell. 9937485623**

# ଗାଈ ବଞ୍ଚିଲେ ଦେଶ ବଞ୍ଚିବ

ଶ୍ରୀମତୀ ହିମାଦ୍ରି ତନୟା ସାହୁ

ଆଜିକାଲି ଆମ୍ଭେମାନେ ଗାଈକୁ କେବଳ ଦୁଧ ଦେଉଥିବା ପ୍ରାଣୀ ବୋଲି ଭାବୁଛୁ । ଏଇଥିପାଇଁ ଦୁଧ ଦେଉନଥିବା ଗାଈକୁ ଆମେ ଘରୁ ବାହାର କରି ଦେଉଛୁ କିମ୍ବା ବିକ୍ରିକରି ଦେଉଛୁଁ କାରଣ ଆମେ ତାକୁ ଅଦରକାରୀ ଜୀବ ବୋଲି ଭାବୁଛୁଁ । କିନ୍ତୁ ପ୍ରକୃତ କଥା ସେପରି ନୁହେଁ । ଦୁଧ ତ କେବଳମାତ୍ର ଏକ ଜିନିଷ ଅଟେ । ଅସଲ ଜିନିଷ ହେଉଛି ଗୋବର ଓ ଗୋମୂତ୍ର । ପ୍ରତ୍ୟେକ ଗାଈ ଜୀଇଁଥିବା ପର୍ଯ୍ୟନ୍ତ ଗୋବର ଓ ଗୋମୂତ୍ର ଦେଇଥାନ୍ତି । ଏଥିପାଇଁ ଆମର ପୂର୍ବପୁରୁଷମାନେ କହିଛନ୍ତି ଗୋବରରେ ଲକ୍ଷ୍ମୀ ବାସକରନ୍ତି ବୋଲି । ଦେଶକୁ ସ୍ୱାବଲମ୍ବୀ କରିବାକୁ ଗାଈ ଅତ୍ୟନ୍ତ ଆବଶ୍ୟକ ଅଟେ । ଆଜିକାଲି ରାସାୟନିକ ସାର ପ୍ରୟୋଗ ଦ୍ୱାରା ଜମି ବିଷାକ୍ତ ଓ ଅନୁର୍ବର ହୋଇଯାଉଛି । ଏହାକୁ ଠିକ୍ କରିବାର ଏକମାତ୍ର ସାଧନ ହେଉଛି ଗୋବର ଓ ଗୋମୂତ୍ର । ରାସାୟନିକ ସାର ଓ କୀଟନାଶକ ଔଷଧ ପାଇଁ ଭାରତ ସରକାର ଯେତିକି ସବ୍‌ସିଡ଼ି ଦେଉଛନ୍ତି ତାର ଚାରିଭାଗରୁ ଏକ ଭାଗ ଯଦି ଗୋମାତାରେ ସାହାଯ୍ୟ ପାଇଁ ଦିଅନ୍ତେ ତେବେ ଆଗାମୀ ପାଞ୍ଚବର୍ଷ ମଧ୍ୟରେ ଦେଶ ଖାଦ୍ୟାନ୍ନ, ପରିବାପତ୍ର ଓ ଫଳ, ଦୁଧରେ ଆତ୍ମନିର୍ଭରଶୀଳ ହୋଇଯାଆନ୍ତା । ପରିବେଶ ସୁରକ୍ଷା ଓ ପରିବେଶକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଗୋବର ଓ ଗୋମୂତ୍ରର ଗୁରୁତ୍ୱପୂର୍ଣ୍ଣ ଉପଯୋଗିତା ରହିଛି । ଦଶଗ୍ରାମ ଘିଅ ପୋଡ଼ାଇ ଯଜ୍ଞ କରିବା ଦ୍ୱାରା ଏକଟନ ଅମ୍ଳଜାନ ତିଆରି ହୁଏ । ଏହା ବୈଜ୍ଞାନିକ ପରୀକ୍ଷା ଦ୍ୱାରା ପ୍ରମାଣିତ ହୋଇ ସାରିଛି ଯାହାକି ପୃଥିବୀକୁ ସୂର୍ଯ୍ୟର ପ୍ରଚଣ୍ଡ କିରଣରୁ ରକ୍ଷା କରିବାରେ ସହାୟକ ହେବ । କୀଟନାଶକ ଓ ରାସାୟନିକ ସାରର ବହୁଳ ପ୍ରୟୋଗ ଦ୍ୱାରା ଓଜନସ୍ତର କ୍ଷୟପ୍ରାପ୍ତ ହେଇ ପୃଥିବୀକୁ ଛତା ଭଳି ଘୋଡାଇ ରଖିଥିବା ଓଜନସ୍ତରରେ ଛିଦ୍ର ହୋଇ ଉତ୍ତପ୍ତ ସୂର୍ଯ୍ୟକିରଣ ପୃଥିବୀ ଉପରେ ପଡିବା ଦ୍ୱାରା ପୃଥିବୀ ପୃଷ୍ଠର ତାପମାତ୍ରା ବୃଦ୍ଧିପାଉଛି । ଏପରି ତାପମାତ୍ରା ବୃଦ୍ଧି ପାଇଲେ ପୃଥିବୀରେ ଗଛଲତା ଓ ପ୍ରାଣୀଜଗତ ବହୁତ କଷ୍ଟ ପାଇବେ । ଅତିଶୟ ତାପମାତ୍ରା ବୃଦ୍ଧିଯୋଗୁଁ ପୃଥିବୀପୃଷ୍ଠର ବରଫ ସବୁ ତରଳି ସମୁଦ୍ରର ଜଳସ୍ତରର ଉଚ୍ଚତା ବଢିଯିବ ଓ ପୃଥିବୀ ପୃଷ୍ଠଜଳମଗ୍ନ ହୋଇ ପ୍ରାଣୀଜଗତ ଧ୍ୱଂସପ୍ରାପ୍ତ ହେବ । ଏହାର ପ୍ରତିକାର ପାଇଁ ଅନେକ ଦେଶରେ ଅଗ୍ନିହୋତ୍ର ଯଜ୍ଞସବୁ କରିବା ଆରମ୍ଭ କରିଦେଲେଣି । ଯଦ୍ଦ୍ୱାରା ପରିବେଶ ଶୁଦ୍ଧି ହେବ ଓ ଓଜନସ୍ତର ଶକ୍ତଶାଳୀ ହୋଇ ପୃଥିବୀକୁ ଉତ୍ତପ୍ତ ସୂର୍ଯ୍ୟକିରଣରୁ ରକ୍ଷା କରିପାରିବ । ଏହି ଅଗ୍ନିହୋତ୍ର ଯଜ୍ଞ ପାଇଁ ଶୁଦ୍ଧ ଗାଈ ଘିଅ ନିହାତି ଦରକାର । ଗାଈଘିଅ ଗୋମୂତ୍ର ଓ ଗୋବର ପାଇଁ ଆମକୁ ଗୋପାଳନ କରିବାକୁ ପଡ଼ିବ । ଏବେ ପରୀକ୍ଷା ଦ୍ୱାରା ଜଣା ପଡ଼ିଲାଣି ଯେ ଗାଈଗୋରୁମାନେ ନିଶ୍ୱାସରେ କିଛି ପରିମାଣରେ ଅମ୍ଳଜାନ ଛାଡୁଛନ୍ତି । ଗୋବଂଶ ଲୋପ ହେବା ଦ୍ୱାରା ପୃଥିବୀ ଅମ୍ଳଜାନ ପାଇବାରୁ ବଞ୍ଚିତ ହୋଇ ଜୀବଜଗତ ଲୋପ ପାଇଯିବ ।

**ପାଇକମାଳ, ବରଗଡ଼**

With best compliments from



# Mangalam

## METAL STORE

**Near Weekly Market**

**KANTABANJI**

Tel. 9437125067

*Prop:* ***Dillip Kumar Sahu***



# ଅକୁହା ବ୍ୟଥା

ଯଜ୍ଞମଣି ସାହୁ

ଗାଁ ପାଖରେ ବହି ଯାଇଛି ଛୋଟିଆ ନଳ ଟିଏ । ସନ୍ଧ୍ୟା ଆସନ୍ନ ପ୍ରାୟ ଦୂର ଦିଗ୍‌ବଳୟରେ ସୂର୍ଯ୍ୟଙ୍କର ରକ୍ତିମ ଆଭା ସୁନେଲୀ ରଙ୍ଗରେ ରଙ୍ଗୀନ କରିଛି ନଭୋମଣ୍ଡଳକୁ ସୁଲୁ ସୁଲୁ ହୋଇ ବହୁଛି ନବଗୀତ ପବନ । ନିତ୍ୟକର୍ମ ସାରିବାକୁ ଯାଇଥିବା ବୃଦ୍ଧ ସନାତନ ନଦୀ ତୁଠରେ ଥକ୍କା ମାରି ବିଶ୍ରାମ ନେଉଛନ୍ତି । ଅନ୍ଧାର ହେବାକୁ ଆହୁରି ବାକି ଅଛି । ତାଙ୍କ ମନଭିତରେ ଉଙ୍କି ମାରୁଛି ଅତୀତର ସ୍ମୃତିର କେତୋଟି ପୃଷ୍ଠା । ବର୍ତ୍ତମାନ ସେ ଏକା ସମ୍ପୂର୍ଣ୍ଣ ଏକା ଓ ଅତ୍ୟନ୍ତ ଦୁର୍ବଳ । ମନେ ତାଙ୍କ ଉଙ୍କି ମାରୁଛି ଯୁବକ ବେଳର କଥା । ପାଠ ପଢିଥିଲେ ଅଳ୍ପ ଏକ ଖୁଚୁରା ଦୋକାନରେ କାମକରି ସ୍ୱଳ୍ପ ରୋଜଗାର, ଚାଷ ଜମି ଅଳ୍ପ, ତଥାପି ସୁରୁଖୁରୁ ରେ ତାଙ୍କର ସମୟ ଅତି ବାହିତ ହୋଇ ଯାଉଥାଏ । ବାହା ହୋଇ କିଛିଦିନ ପରେ ଜନ୍ମ ହେଲା ତାଙ୍କର ଗୋଟିଏ ସୁନ୍ଦର ପୁଅ । ସ୍ୱାମୀ ସ୍ତ୍ରୀ ଦୁହେଁ ଅତ୍ୟନ୍ତ ଖୁସି । ପୁଅଟିର ଲାଳନପାଳନ ଅତି ଯତ୍ନରେ ସମାପନ କଲେ । ପରେ ପୁଣି ଏକ ଝିଅ ହୋଇଥିଲା । ସନାତନ ତାଙ୍କ ପରିବାରକୁ ଆଉ ଆଗକୁ ବଢାଇ ନଥିଲେ । କାରଣ ଆଗକୁ ହୁଏତ ତାଙ୍କ ସ୍ୱଳ୍ପ ଆୟରେ ପୁଅଝିଅଙ୍କ ଯତ୍ନ ନେବା ସମ୍ଭବ ହୋଇ ନ ପାରେ ।

ତାଙ୍କ ସାମର୍ଥ୍ୟ ଅନୁସାରେ ପୁଅଝିଅଙ୍କୁ ପାଠ ମଧ୍ୟ ପଢାଇଲେ । ସେତେବେଳେ ସରକାରୀ ବିଦ୍ୟାଳୟରେ କେବଳ ପାଠପଢ଼ା ହେଉଥିଲା । ଘରୋଇ ବିଦ୍ୟାଳୟ ନ ଥିଲା । ତେଣୁ ପୁଅକୁ ଉଚ୍ଚଶିକ୍ଷା ଦେଇ ପାରି ନ ଥିଲେ । ପୁଅଟି ଭଲ ପଢୁଥିଲା । ସ୍ୱାମୀ ସ୍ତ୍ରୀ ଖୁସି ଥିଲେ । ତାଙ୍କର ପାରିବାରିକ ଅସୁବିଧା ହେଉଥିଲେ ମଧ୍ୟ ପୁଅର ପାଠ ପଢାରେ କିଛି ଅସୁବିଧା କରି ନଥିଲେ । ଝିଅଟି ବେଶୀ ପଢାପଢି ନଥିଲା । ତାଙ୍କୁ ଯୋଗ୍ୟ ବର ଦେଖି ହାତକୁ ଦି'ହାତ କରିଦେଲେ । ଏଥିପାଇଁ ତାଙ୍କୁ ସେଇ ଅଳ୍ପ ଜମିରୁ କିଛି ବିକ୍ରି କରିବାକୁ ପଡ଼ିଥିଲା ।

ଏମିତି କିଛିଦିନ ବିତିଯିବା ପରେ ପାଖ ସହରରେ ପୁଅଟି ଏକ ସରକାରୀ ଚାକିରୀ ପାଇଲା ମାଆ ବାପାଙ୍କ ମନ କୁଣ୍ଢେମୋଟ । ଭଗବାନଙ୍କୁ ହାତ ଯୋଡି ଜଣାଇଲେ ଯାହେଉ ପ୍ରଭୁ ଏତେ ଦିନକେ ଆମ ଦୁଃଖ ଶୁଣିଲେ । ୟାରି ଭିତରେ ତାଙ୍କ ଆଉ କିଛି ବାକି ଥିବା ଜମି ମଧ୍ୟ ବିକ୍ରି ହୋଇ ଯାଇଥିଲା । ପୁଅ ସୁରେଶ ଚାକିରୀ ପାଇଲା ପରେ ଜଣେ ବଡ ଧନୀ ପରିବାରର ଝିଅ ସହିତ ତା'ରର ବାହାଘର ହେଲା । ଯଦିଓ ବାପା ମାଁ ଙ୍କର ଇଚ୍ଛା ନଥିଲା ହେଲେ ପୁଅ ମନରେ କଷ୍ଟ ହେବ ଭାବି ସେମାନେ ବାରଣ କରି ନଥିଲେ । ଚାକିରୀ ପାଇଁ ପୁଅ ସହରରେ ରହିଲା ବୋହୂକୁ ମଧ୍ୟ ନେଇ ସେଠାରେ ରଖିଲା । କେବଳ ସନାତନ ଓ ସ୍ତ୍ରୀ ଦୁହେଁ ଗାଁରେ ରହିଲେ । କିଛିଦିନ ପରେ ସନାତନର ସ୍ତ୍ରୀ ରୋଗଗ୍ରସ୍ତ ହୋଇ ସଂସାର ତ୍ୟାଗ କଲେ । ସୁରେଶ ତା'ର ବାପାଙ୍କୁ ସଙ୍ଗରେ ନେଇ ରଖିଲା । ସ୍ତ୍ରୀ କଥାରେ ପଡ଼ି ଗାଁ'ର ଘର ଡିହ ବିକ୍ରି କରି ସହରରେ ଏକ ଘର କରି ରହିଲେ ।

ତା'ପରେ ସନାତନ ଉପରେ ଆରମ୍ଭ ହେଲା ବୋହୂର ଅତ୍ୟାଚାର । କେତେବେଳେ ମୁଠିଏ ଖାଇବାକୁ ଦେଲା ତ

କେତେ ବେଳେ ନାହିଁ । ଏମିତି କିଛି ଦିନ ଗଲା । ହେଲେ ସନାତନ ଏସବୁ କଥା କେବେ ବି ପୁଅ ଆଗରେ କହି ନଥିଲେ । ଭାବିଲେ ଏସବୁ ଶୁଣିଲେ ପୁଅ ମନରେ କଷ୍ଟ ହେବ । ଦିନେ ରାତିରେ ଶୋଇବା ସମୟରେ ଶୁଣିବାକୁ ପାଇଲେ, ''ବୋହୂ କହୁଛି, ଏ ବୁଢ଼ାକୁ ନେଇ କୁଆଡେ ଛାଡି ଦିଅ ନ ହେଲେ ମୁଁ ଘରେ ରହିବିନାହିଁ ।'' ସବୁ ଶୁଣିଲା ପରେ ସନାତନ ଭୋରରୁ ଶଯ୍ୟା ତ୍ୟାଗକରି ଘରଛାଡ଼ି ବାହାରି ଆସିଲେ । କୁଆଡ଼େ ଯିବେ ? ଗାଁ ଘର ତ ବିକ୍ରି ହୋଇଯାଇଛି । ତଥାପି ଗାଁର ମୋହ ଗାଁକୁ ନେଇଆସିଲା ।

ଚାଲିଚାଲି ଯେତେବେଳେ ଗାଁ ରେ ଆସି ପହଞ୍ଚିଲେ ତାଙ୍କ ପଡ଼ୋଶୀ ଆସି ତାଙ୍କୁ ଘେରିଗଲେ । କୁଆଡ଼େ ଏକା ଆସିଲେ ? କିଏ କେତେ ପ୍ରଶ୍ନ ପଚାରି ଚାଲିଥିଲେ । କିନ୍ତୁ କୌଣସି ପଦଟିଏ ବି ସନାତନ ପାଟିରୁ ବାହାରି ନଥିଲା କେବଳ ଆଖିରୁ ଝରି ଆସୁଥାଏ ଦି ଧାର ଲୁହ ।

ଏଥିରୁ ତାଙ୍କ ପଡ଼ୋଶୀ ଜାଣିପାରିଲେ ନିଶ୍ଚୟ ସନାତନ ବିତାଡ଼ିତ । ତାଙ୍କର ଆଶ୍ରା କେହିନାହିଁ । ସନାତନ ଥିଲେ ଜଣେ ସରଳ ପରୋପକାରୀ ବ୍ୟକ୍ତି । ସେ କେବେ କାହାର କ୍ଷତି କରି ନଥିଲେ ଅନେକ ସମୟରେ ଲୋକଙ୍କୁ ସାହାଯ୍ୟ ମଧ୍ୟ କରିଥିଲେ । ତେଣୁ ଗାଁ ଲୋକେ ନେଇ ତାଙ୍କୁ ଭାଗବତ ଟୁଙ୍ଗିରେ ରଖେଇ ଦେଲେ । ସେମାନେ ଲାଗି ତାଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା ଓ ଚାଉଳ ବ୍ୟବସ୍ଥା କରିଦେଲେ । ତା'ରି ଆଶ୍ରାରେ ସେ ବର୍ତ୍ତମାନ ଦୁଖେ କଷ୍ଟେ ଚଳି ଯାଉଛନ୍ତି ।

ବର୍ତ୍ତମାନ ସେ ବୃଦ୍ଧ ଓ ଦୁର୍ବଳ । ଦିନକୁ ଦିନ ଜରା ଗ୍ରାସ କରୁଛି । କେତେବେଳେ ସେ କାହାକୁ ଦୋଷ ନଦେଇ ନିଜ ଭାଗ୍ୟକୁ ଆଦରି ରହନ୍ତି । ଭାଗବାତ ଟୁଙ୍ଗିରେ ତାଙ୍କୁ ଆଶ୍ରା ଟିକେ ମିଳିଥିବାରୁ ଭଗବାନଙ୍କ ପାଖରେ ଅନେକ ମୁଣ୍ଡିଆ ମାରନ୍ତି । କାହିଁକି ନା ପ୍ରତିଦିନ ଶ୍ରୀମଦ୍ ଭାଗବତ ଶୁଣିବାର ସୁଯୋଗ ପାଆନ୍ତି । ଆଉ ମନକୁ ସାନ୍ତ୍ୱନା ଦିଅନ୍ତି । ଏହି ସମୟରେ ଏକ ଦଳ ପକ୍ଷୀ କଳରବ କରି ପାଖ ଦେଇ ଉଡ଼ିଗଲେ । ସେହି ଶବ୍ଦରେ ସନାତନ ପ୍ରକୃତିସ୍ଥ ହେଲେ । ଆ ରେ ଅନ୍ଧାର ଆସିଗଲାଣି । ତାପରେ ସେ ଧୀରେ ଧୀରେ ଗାଁ ଆଡକୁ ଅଗ୍ରସର ହୋଇଥିଲେ । ତାଙ୍କ କାନ ପାଖରେ ଶୁଭି ଯାଉଥିଲା ଭଜନ ''ଆସିଛୁ ଏକା ଯିବୁ ରେ ଏକା ଏକା ହୋଇ'' ।

**ସୁନାମୁଦି, ବଲାଙ୍ଗିର**

**ଶୁଭେଚ୍ଛା ସହ**

# ସାହୁ ଟ୍ରେଡ଼ର୍ସ
# ସାହୁ ଇଲେକ୍ଟ୍ରିକାଲ୍ସ
# ସାହୁ ହାର୍ଡ଼ୱେର

**କବିରାଜ ସାହୁ - ୯୫୫୬୦୦୭୬୧୫**
C-Class Contractor
**ତାପସ ରଞ୍ଜନ ସାହୁ - ୯୧୭୮୬୮୫୫୫୮**
B-Class Contractor
**ମାଣ୍ଡୋସିଲ, ବରଗଡ଼, ଓଡ଼ିଶା**

*With best compliments from*

**Cell. 9861559151**
**9438132651**

# MAA BILASINI AGENCY

DEALS IN CEMENT, ROD, ASBESTOS
& ALL TYPES OF BUILDING MATERIALS

## Ashok Sahu (Bunu)

Near Reliance JIO Tower, Saipali Road, Bijepur
Dist. Bargarh - 768 032 (Odisha)
E-mail: maabilasiniagency@gmail.com

CHARMINAR On top of the world FIBRE CEMENT SHEETS
BANGUR CEMENT सस्ता नहीं, सबसे अच्छा
emami DOUBLE BULL CEMENT
Dalmia Bharat Limited
VISAKA
BIRLA GOLD PREMIUM CEMENT BUILD WITH GOLD
ACC TRUSTED QUALITY OVER 75 YEARS
ACC cement Cementing Relationships

# କୁବେର ସମାଜର ଇତିକଥା

**ମିଳନ ସାହୁ**

ଆମର ସମାଜ କୁବେର ସମାଜ
କିଏ ହେବ ତା ସମାନ ?
ଏହି ସମାଜରେ ଜନମ ଲଭିଣ
ଜୀବନ ଆମର ଧନ୍ୟ ।
ଆମ ସମାଜର ପୂରୁବ ଦାୟାଦ
ଅର୍ଜିଲେ ଅକ୍ଷୟ କୀର୍ତ୍ତି
ବୋଇତ ଆରୋହି ଦୂର ପ୍ରାଚ୍ୟେ ଯାଇ
ଆଣିଲେ ବହୁ ସମ୍ପତ୍ତି,
ବୋଇତ ବନ୍ଦାଣ କରାଏ ସ୍ମରଣ
ତାପୂର୍ବ ଇତିହାସର
କୁବେର ସନ୍ତାନ ଥିଲେ କି ମହାନ
ଦିଏ ସୂଚନା ତହିଁର
ଦେଶ ବିଦେଶରେ କରିଲେ ପ୍ରଚାର
ଜଗନ୍ନାଥ ସଂସ୍କୃତିର
ସନାତନ ଧର୍ମ ଧ୍ୱଜା ଉଡ଼ାଇଲେ
ଆବର ଚଉଦିଗର ।
ରାଜ ଦରବାରେ କୁବେର ସନ୍ତାନ
ସାଧବ ନାମକୁ ବହି
ଦେଉଥିଲେ ରାଜାଙ୍କୁ ସେ ପରାମର୍ଶ
ମନ୍ତ୍ରୀଙ୍କ ମେଳରେ ରହି
ଧର୍ମ ରକ୍ଷା କର୍ମେ ମନ୍ଦିର ନିର୍ମାଣେ
କରୁଥିଲେ ଧନଦାନ

ଦୈବୀ ଦୁର୍ବିପାକ ସମୟେ ପ୍ରଜାଙ୍କ
ବଞ୍ଚାଇଥିଲେ ଜୀବନ
କାଳର ଅତଳ ଗର୍ଭରେ ତାହା ଯେ
ହୋଇଯାଇ ଅଛି ଲୀନ
ଜାଗ୍ରତ ହୋଇଲେ କୁବେର ସନ୍ତାନ
ହେବତା ପୁନରୁତ୍‌ଥାନ
ଅଶିକ୍ଷା କୁଶିକ୍ଷା ଦୂର କରିଯେବେ
ହୋଇବେ ସର୍ବେ ଶିକ୍ଷିତ
ଜ୍ଞାନ ବିଜ୍ଞାନରେ ହୋଇଣ ସମ୍ପନ୍ନ

ଏଜାତି ହେବ ଉନ୍ନତ
ଶିଳ୍ପ ବାଣିଜ୍ୟରେ ଆଗୁଆ ହୋଇଲେ
ହେବ ସ୍ୱାବଲମ୍ବୀ ଜାଣ
ସମାଜର ନବ ନିର୍ମାଣ ହୋଇଣ
ରାଷ୍ଟ୍ରର ପୁନଃ ନିର୍ମାଣ
ସମାଜ ମଧ୍ୟରୁ କୁସଂସ୍କାର ରୂପୀ
ଅନ୍ଧାର ହୋଇବ ଦୂର
ନଶୁଭିବ ଆଉ ଯୌତୁକ ଗଞ୍ଜଣା
ନାରୀ ନିର୍ଯାତନା ସ୍ୱର
ଏକଜୁଟ ହୋଇ ସବୁ ଜାତି ଭାଇ
କଲେଯାଇ ଅଭିଯାନ,
ସବୁ ବଧା ବିଘ୍ନ ଅପସରି ଯାଇ
ସମାଜ ହେବ ମହାନ ।।

ଯନ୍ତ୍ରୀ
ଜି ଓ ୪, ରିଲାଏନ୍ସ କମ୍ପାନୀ
ନଭି ମୁମ୍ବାଇ, ମହାରାଷ୍ଟ୍ର

*With best compliments from*





Prop: *Rupak Kumar Sahu*

**Cell. 8455859088**

# BIJAY TRADERS

*Deals with: All Tractor Parts, Mahindra Spares, Lubricant*

*Dealer: **Excide Battery, MRF & Apollo Tyres***

**Main Road, Barampura Main Road, Patnagarh**

# ଜାଗରେ କୁବେର ଜାଗରେ

**ଯୋଗେଶ୍ୱର ସାହୁ**

କଳିଙ୍ଗ ମାଟିର ଆମେ ତୈଳିକ ସାଧବ ବୀର
କୁବେର ସମାଜ ଟେକ ରଖିବାକୁ ଆଗେଇବୁ ନିରନ୍ତର ।୧ ।

ନାରୀ ଓ ପୁରୁଷ ଦୁଇଗୋଟି ଧାର ଅଟନ୍ତି ଏକ ନଈର
ନାରୀ ଓ ପୁରୁଷ ଦୁଇଗୋଟି ଫୁଲ ଅଟନ୍ତି ଏକ ବୃନ୍ତର
ନାରୀ ଶକ୍ତିବିନା ଜାତି ନନ୍ଦିଘୋଷ ହେବ ନାହିଁ ଅଗ୍ରସର ।୨ ।

ଜାଗିଉଠ ମାଆ ଜାଗ ହେ ଭଉଣୀ ବେଳ ନୁହେଁ ଶୋଇବାର
ଜାତି ଗଙ୍ଗା ଗର୍ଭେ ଲମ୍ଫ ଦେଇ
ଆମେ ଆଣିବା କେତେ ସଂସ୍କାର
ତୁମେ ପରା ସର୍ବେ ଶକ୍ତିର ଆଧାର ଅନିତୀକୁ କିମ୍ପା ଡର ।୩ ।

ଓଡିଆ ସାଧବ ସିଂହଳ ବୋର୍ଣ୍ଣିଓ ବାଲିଜାଭା ଯାଉଥିଲେ
ହୀରା ନୀଳା ମୋତି ଧନରତ୍ନ ରାଜି ଉତ୍କଳକୁ ଆଣୁଥିଲେ
ପୂର୍ବ ଗାଥା ସବୁ ମନେ ପଡିଗଲେ ହୃଦୟ ହୁଏ ଅସ୍ଥିର ।୪ ।

କର୍ପୁର ସିନା ଉଡି ଯାଇଅଛି କନାତ ପଡି ରହିଛି
ବାଣିଜ୍ୟ ସିନା ଉଜୁଡି ଯାଇଛି ସ୍ମୃତି ସବୁ ବଞ୍ଚିଅଛି
କାର୍ତ୍ତିକ ପୂର୍ଣ୍ଣିମା ବୋଇତ ବନ୍ଦାଣ ରହିଛି ହୋଇ ଅମର ।୫ ।

ତୁ ପରା ବୋଲାଉ କୁବେର ସନ୍ତାନ ଶ୍ରେଷ୍ଠ ମଧ୍ୟେ ତୁହି ଗଣା
ନିରାଶ ହୋଇତୁ ଜୀବନ ଜଞ୍ଜାଳେ କରିବସୁ ମନ ଊଣା
ଏବେ ବି ତୋ ଦେହେ
ପୂର୍ବ ସୌର୍ଯ୍ୟ ବଳ ରହିଛିରେ କର୍ମବୀର ।୬ ।

ଆଗାମୀ ଯୁଗର ବାର୍ତ୍ତା ଆମେରେ କର୍ମ ଆମର ଧର୍ମ
ଦେହରେ ଆମର ଶକ୍ତି ଅନେକ ମନେ ସାହସ ଅସୀମ
ଲଂଘି ଯିବୁ ଆମେ ସାଗର ଆକାଶ ଟେକ ରଖିବୁ ଜାତିର ।୭ ।

ବୀରର ଜାତକେ ନାହିଁ ପଛଘୁଞ୍ଚା, ନାହିଁ କେବେ ପରାଜୟ
ଶପଥ ନେଉଛୁଁ ଆସୁ ଝଡଝଞ୍ଜା କରିବୁନି କେବେ ଭୟ
ନୂତନ ସୂର୍ଯ୍ୟ ଆକାଶେ ଉଆଇଁ ହଟାଇ ଦେବୁ ଅନ୍ଧାର ।୮ ।

ରୋଷଣି ଜଳିବ ପ୍ରାତଃ କାଳ ହେବ ଅନ୍ଧାର ଯିବ ଚାଲି
ହୃତ ଗୌରବକୁ ଫେରାଇ ଆଣିବୁ ଦେଇ ଆମ ପ୍ରାଣବଳୀ
ଏ ଜାତିକୁ ଆମେ ସରଗ କରିବୁ ଦୃଢ ଶପଥ ଆମର ।୯ ।

କୁବେର ସମାଜ ଦାୟାଦ ଆମେରେ ପୂର୍ବ କଥାକି ଭୁଲିବା
ସ୍ୱାର୍ଥ ସଂକୀର୍ଣ୍ଣତା ମନରୁ ଦୂରେଇ ନିଜ ଜାତିକୁ ଗଢିବା
ସବୁଠାରୁ ଉଚ୍ଚ କୁବେର ସମାଜ ସତଃ ନଇଁଯାଏ ଶିର ।୧୦ ।

ମୁ/ପୋ - ପରୁଆଭାଡି, ଜି. ବଲାଙ୍ଗିର

*With best compliments from*





Prop: **Sanjay Kumar Sahoo**

**Cell. 9437639187**

# Maa Tarini Medical Store

# ମାଁ ତାରିଣୀ ମେଡ଼ିକାଲ୍ ଷ୍ଟୋର୍

ସରକାରୀ ଡାକ୍ତରଖାନା ସାମନାରେ, ସିନ୍ଧେକେଲା

ଏଠାରେ ସମସ୍ତ ପ୍ରକାରର ଔଷଧ ଉଚିତ ମୂଲ୍ୟରେ ମିଳେ

# କୁବେରଙ୍କ ସୃଷ୍ଟି କଥା

୰ ଗୋପୀନାଥ ସାହୁ



ଜୟ ପ୍ରଭୁ ଧନୀ ଶ୍ରେଷ୍ଠ ଆରାଧ୍ୟ କୁବେର
ଆର୍ଯ୍ୟ ତୁମେ ଧନପତି ବିଶ୍ରବା କୁମର ।୧ ।
ମାତା ସୁଲକ୍ଷଣୀ ବେଦ ବର୍ଣ୍ଣିନୀ ଶୋଭିନୀ
ସୁଶୀଳା ସୁମତି ଧନ କୁବେର ଜନନୀ ।୨ ।
ଜଗତ ବରେଣ୍ୟ ତୁମ୍ଭେ ବିଶ୍ୱ ଶ୍ରେଷ୍ଠ ଧନୀ
ତୁମ୍ଭେ ଆମ୍ଭର ଆରାଧ୍ୟ ପୂଜ୍ୟ ଜ୍ଞାନୀମାନୀ ।୩ ।
ତବ ନାମ ଧ୍ୟାୟୀ ଆମ୍ଭେ ହେଲୁଁ ସୌଦାଗର
ସମୁଦ୍ର ମଧ୍ୟରେ ଯାଉଁ ଦେଶ ଦେଶାନ୍ତର ।୪ ।
ବହୁ ତପ ଫଳେ ତୁମ୍ଭେ ଲଭିଛ ବିଭବ
ବଂଶ ପରମ୍ପରା ଯୋଗୁଁ ହେଲାତା ସମ୍ଭବ ।୫ ।
ଦେବ ମାନବ ମଧ୍ୟରେ ତୁମ୍ଭେ ପାଅ ପୂଜା
ଦୁଃଖୀ ରଙ୍କି ତୃପ୍ତି ହୋଇ ଉଡେ ଯଶଧ୍ୱଜା ।୬ ।
ମହା ତପସ୍ୱୀ ବିଶ୍ରବା ଋଷିଙ୍କ ନନ୍ଦନ
ତୁମ୍ଭଙ୍କୁ ଦେଲେଟି ବ୍ରହ୍ମା ଭୂବନ ।୭ ।
ତହିଁ ସଙ୍ଗେ ଥିଲା ତବ ପୁଷ୍ପକ ବିମାନ
ଲଙ୍କା ସହିତ ପୁଷ୍ପକ ନେଲାଟି ରାବଣ ।୮ ।
ତ୍ରିପୁର ବିଜୟୀ ବୋଲି ନକରିଣ ଭୟ
ଲୋଭ ବଶେ ନେଉଥାଏ ହୋଇଣ ନିର୍ଦ୍ଦୟ ।୯ ।
ଆପତ୍ତି କଲେ କୁବେର ପିତାଙ୍କ ନିକଟେ
ଶାନ୍ତିରେ ରହରେ ପୁତ୍ର ଅଳକା ନିକଟେ ।୧୦ ।
ବ୍ରହ୍ମାଙ୍କ ଆଜ୍ଞାରେ କଲେ ଅଳକା ନିର୍ମାଣ
ପୂର୍ଣ୍ଣ ହେଲା ଧନ ଧାନ୍ୟ ଅଳକା ପୁରେଣ ।୧୧ ।
ଏବେବି ଅଳକାନନ୍ଦା ସୌନ୍ଦର୍ଯ୍ୟ ସମ୍ଭାର
ଶୋଭାପାଏ କୃଷି କ୍ଷେତ୍ର ଝରଇ ତୁଷାର ।୧୨ ।
ହିମାଳୟ ମଧ୍ୟେ ଏହା ଅତି ଶୋଭାବନ
ବଦ୍ରୀ ବିଶାଳ କୈଳାସ ପତିଙ୍କ ଆସ୍ଥାନ ।୧୩ ।
ଜୟ ହରଗୌରୀ ଜୟ ବଦ୍ରୀ ନାରାୟଣ
ତବ ପାଦପଦ୍ମେ ଆମ୍ଭେ ପଶୁଛୁ ଶରଣ ।୧୪ ।

**ଧଣ୍ଡାମୁଣ୍ଡା, ପାଟଣାଗଡ**

# ତିନୋଟି ରହସ୍ୟ ତିନୋଟି ସତ୍ୟ

ଅମ୍ରିତା ସାହୁ

ମଣିଷ,
ପୃଥବୀର ସର୍ବଶ୍ରେଷ୍ଠ ଜୀବ,
(ଜୀବ ମଧ୍ୟେ ସର୍ବଶ୍ରେଷ୍ଠ)
ବୁଦ୍ଧି ଓ ବିଚାରରେ ଯିଏ ପରିପକ୍ୱ
ସେଇଥିପାଇଁ ତ ସେ ଲାଞ୍ଜ ରହିତ,
ଡ଼େଣା ବିଚ୍ୟୁତ ।

ସଂପର୍କ,
ସଂପର୍କ ଏକ କାଚଘର,
ଇର୍ଷା ଓ ଅବିଶ୍ୱାସର ସ୍ପର୍ଶରେ,
ଭାଙ୍ଗିଯାଏ ଚରମାର ହୋଇ ।
ସେଇଥିପାଇଁ ତ ସତର୍କ ରହିବା
ମଣିଷର କର୍ତ୍ତବ୍ୟ ।

ଲୁହ,
ଲୁହ ଝରିପଡ଼େ ନୟନର ନିଭୃତ କୋଣରୁ
ଜଣାଥିବା ଅଜଣାରେ,
କେତେବେଳେ ଦୁଃଖରେ ତ,
କେତେବେଳେ ଅତି ଆନନ୍ଦରେ ।

ହେଲେ ଦୁନିଆଁଟା କେଡ଼େ ସ୍ୱାର୍ଥପର,
ସୁଖରେ ତ ଅନେକ ସାଥୀ,
ହେଲେ ଦୁଃଖରେ ତୁ ଏକା ନିଜର ।

**ଛାତ୍ରୀ, କାନୁଟ**

**(ଓଡ଼ିଆ ଲେଖକ ଲେଖିକା ପରିଷଦ, ଭୁବନେଶ୍ୱରର ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ପୁରସ୍କାର ପ୍ରାପ୍ତ କୁନି ସାହିତ୍ୟିକା)**

# ଏ ଜାତି ମହାନ୍

**ବିଜୟ କୁମାର ସାହୁ**



କେଉଁ ଆଦିମ କାଳରୁ
ଆର୍ଯ୍ୟ ସଭ୍ୟତାର ହୁଏ ଅଭ୍ୟୁଦୟ
ଋକ୍ ଶାମ୍ ଯଯୁ ଅବା ଅଥର୍ବ ବେଦ ଆଧାରରେ
କିମ୍ବା ମୁନି ଋଷି ମାନଙ୍କର ଦିବ୍ୟ ଚିନ୍ତାଧାରେ
ଯାହାକି ବିଭକ୍ତି କଲା ମାନବ ଜାତିକୁ
ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଶୁଦ୍ରର ପ୍ରକାରେ ।୧ ।

କ୍ରମଶଃ ବାଣିଜ୍ୟ ବେପାର
ସମୃଦ୍ଧ ହୁଅଇ ବୈଶ୍ୟର ଶ୍ରମରେ
ସାଧବ ନାମରେ ନାମିତ ହୋଇ ଏ ଉତ୍କଳେ
ବିଦେଶରୁ ଧନ ରତ୍ନ ବୋହି ଆଣେ
ଲଂଘି ପାରାବାରେ
ଧନୀ ସୌଦାଗର ରୂପେ
ସମ୍ମାନୀତ ହୁଏ ରାଜ ଦରବାରେ ।୨ ।

ଦେଶେ ବିଦେଶରେ ଥିଲା ଉଚ୍ଚାସନ ସାଧବ ପୁଅର
ତୈଳିକ ବୃତ୍ତିରୁ ତେଲି ନାମେ ହୁଏ ସେ ପ୍ରଚାର
କୁବେର ପରି ଅମାପ ଧନରେ ଭୂଷିତ
ଦାନ ଧର୍ମରେ ଜଗତେ ହୋଇଲା ବିଖ୍ୟାତ ।୩ ।

ଆହା: ଆଜି ନାହିଁ ସେ ସାଧବ ନାହିଁ ତା ବୋଇତ
ତଥାପି କୁବେର ପୁତ୍ର ହୁଅଇ ଗର୍ବିତ
ସ୍ମରି ପୂର୍ବସୂରୀଙ୍କର ଗୌରବର ଗାଥା
ଆନନ୍ଦ ଢେଉରେ ମନ ହୁଏ ଉଲ୍ଲସିତା ।୪ ।

ବୈଭବ ପୂର୍ଣ୍ଣ ଅମ୍ଳାନ ଯଶକିର୍ତ୍ତୀର
କେବଳ ମୂକ ସାକ୍ଷୀ ଏ ଜାତି ଇତିହାସ
ସାଧବ ଜାତି ଆଜି ନିର୍ବାକ୍ ଓ ନିର୍ଲିପ୍ତ
ସତେକି ଉତ୍କଳର ଅସ୍ତାଚଳେ
ଅସ୍ତଗାମୀ ବାଣିଜ୍ୟର ସୂର୍ଯ୍ୟ ।୫ ।

ହେ ଉତ୍କଳର ଅଗ୍ରଗାମୀ ତୈଳିକ ବୈଶ୍ୟ କର୍ମବୀର
ଅତୀତ ଯାଇଛି ସିନା ରହିଛି ଆମ କୁବେର ଭଣ୍ଡାର
ଜାଗ୍ରତ ହୁଅ ଧରି ବାଣିଜ୍ୟ ବୈଜୟନ୍ତୀ
ଅକ୍ଷୂର୍ଣ୍ଣ ରଖିବାକୁ ଆମ ଜାତିର କୀରତି ।୬ ।

**ପାଟଣାଗଡ଼, ବଲାଙ୍ଗୀର**

*With best compliments from*



Ananta Kumar Sahu

# ANANTA TENT HOUSE

**At. Chhotanki, Po. Dava, Dist. Bargarh**
**Mobile: 9556730125 / 8018455805**

*With best compliments from*





# ADITYA COMPUTERS

**Jagannath Mandir Complex, Stall No. 6**
**Main Road, Titilagarh, Dist. Balangir**

Prop. **Suresh Kumar Sahu**

Deals in all types of Computer & Accessories

# ମନେ ପଡ଼େ ସେହି କୁବେର ବଣିକ



ଶ୍ୟାମ ସୁନ୍ଦର ସାହୁ

ଜେଜେମା ମୋହର କହୁଥିଲେ ବସି
କୁବେର ବଣିକ ଗାଥା,
ସରାଗ ମନରେ ଶୁଣୁଥିଲି ମୁହିଁ
କାନ ଡେରି ସବୁ କଥା ॥
କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ସେମାନେ
ଶୁଭ ଲଗନ ବେଳାରେ
ପଣ୍ୟ ଦ୍ରବ୍ୟ ଧରି ନାବ ପୂର୍ଣ୍ଣ କରି
ଯାଆନ୍ତି ଖୁସି ମନରେ ॥
ବଣିଜ ବେପାର ବେଉସା ତାଙ୍କର
ଜୀବନର ମୁଖ୍ୟ କର୍ମ,
ଯାଉଥିଲେ ଚାଲି ସବୁ କଥା ଭୁଲି
ମନରେ ସୁମରି ଧର୍ମ ॥
ଜଆଭା, ସୁମାତ୍ରା, ବାର୍ଲି ଓ ବର୍ଣ୍ଣିଓ
ଦେଶ ବିଦେଶ କୁ ଯାଇ,
ଧନ ରନ୍ ଧରି ଫେରନ୍ତି ଘରକୁ
ଚତୁର୍ମାସ୍ୟା ହେଲେ ଯାଇ ॥
ଜଳ ପଥ ଥିଲା ମୂଖ୍ୟ ପଥ ଏକା
ବଣିଜ ବେପାର ପାଇଁ,
ଜଳ ଦସ୍ୟୁ କଥା ଶୁଣିଲେ ମନରେ
ମୁଣ୍ଡ ଘୁରିଯିବ ଭାଇ ॥
ବାଣିଜ୍ୟ କରିଲେ ଲକ୍ଷ୍ମୀଙ୍କର ବାସ
ହୋଇଥାଏ ତା ପାଖରେ,
କେତେ ମୁନି ଋଷି ଲେଖି ଯାଇଛନ୍ତି,
ବହୁ ପୁରାଣ ଶାସ୍ତ୍ରରେ ॥
ଆମର ପୂରୁବ ପୁରୁଷ ବହୁତ
ବାଣିଜ୍ୟେ ସୁଦୃଢ ଥିଲେ,
ବାଣିଜ୍ୟ କରିଣ ବହୁ ଧନ ରନ୍
ସ୍ୱଦେଶେ ସେ ଆଣୁ ଥିଲେ ॥
ସ୍ନେହ ପ୍ରୀତି ଭାବ ପରସ୍ପର ମଧ୍ୟେ
ଶରଧା ସୁମନ ପରି,
ହସି ଉଠୁଥିଲା ପ୍ରତି ପରିବାରେ
ଖୁସି ଯାଉଥିଲା ଭରି ॥

ସମୟ ସାଥୀରେ ତାଳ ଦେଇ ସର୍ବେ
ପୁରୁଣାକୁ ପାଶୋରିଲେ ॥
କୌଳିକ କର୍ମକୁ ଭୁଲି ଗଲେ ସବୁ
ନୂତନକୁ ଆବୋରିଲେ,
ଯାଇଛି ସେ କାଳ ଇତିହାସ କହେ
ତାଙ୍କର ବାଣିଜ୍ୟ କଥା,
ବଦଳି ଯାଇଛି ସମ୍ପୁର୍ଣ୍ଣ ରୂପରେ
ଏବେ ସବୁ ନୂଆଁ ପ୍ରଥା ॥
ପାଠ ପଢ଼ିବାର ସୁଯୋଗ ନଥିଲା
ବ୍ୟବସାୟ କରୁଥିଲେ,
ପାଠ ପଢ଼ି ଏବେ ସୁଯୋଗ୍ୟ ହୋଇଣ
ବାଣିଜ୍ୟେ ମୁହଁ ମୋଡିଲେ ॥
ଚାକିରୀ କରିଲେ ସରକାରୀ ଅବା
ଅଣସରକାରୀ ହେଉ
କେତେଯେ ଆସିବ ବିବାହ ପ୍ରସ୍ତାବ
ଯଉତୁକ କିବା କହୁ ॥
ଚାକିରୀ ନକରି କରେ ଯେ ବାଣିଜ୍ୟ
ପାଏନି ଆଜି ଆଦର,
ମାତା ପିତା ଚିନ୍ତା ରହିଥାଏ ବଢ଼ି
ଘାରଇ ବାଡୁଅ ଡର ॥
ପାଠ ପଢେ ଯିଏ ବୁଦ୍ଧିମାନ ସିଏ
ସଂସାରେ ଆଦୃତ ହୁଏ,
ଅପାଠୁଆ ଭାଇ ସଦା ହୀନିମାନ
ସବୁଠି ଠୁକର ଖାଏ ॥
ବାଣିଜ୍ୟ ବି ଅଟେ ସୁଖର ପସରା
କର୍ମଠ ହୁଏ ଜୀବନ,
ଅର୍ଜନ କରିବା ସୁଶିକ୍ଷିତ ହୋଇ
ରହିବ ସଂସାରେ ମାନ୍ୟ ॥
କୁବେର ସମାଜ ଉନ୍ନତି ହୋଇବ
ସଭିଏଁ ପାଠ ପଢିଲେ,
ଆଦର ସମ୍ମାନ ଆପେ ବଢିଯିବ
ସମସ୍ତେ ପାଠୁଆ ହେଲେ ॥

*With best compliments from*

# M/S. SAHU ENTERPRISES



**Infront of DAV College, Titilagarh, Balangir**

## ଜିତୁ ସାର ଓ ବିହନ ଦୋକାନ

**ଏଠାରେ ସମସ୍ତ ପ୍ରକାର ସାର ବିହନ ଓ କୀଟନାଶକ ଔଷଧ,**

**କୃଷି ଯନ୍ତ୍ରପାତି ଉଚିତ ମୂଲ୍ୟରେ ମିଳେ**

**Mob: 9438404455 / 9777191035**

*With best compliments from*



ଷୋଡ଼ଶ କୁବେର ମହାସଭାରେ ସମସ୍ତ ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ ଭାଇ ଭଉଣୀଙ୍କୁ ମୋର ହାର୍ଦ୍ଦିକ ଶୁଭକାମନା । ଉଲ୍ଲାସର ସହିତ ଶୁଭେଚ୍ଛା ଜଣାଉଛି

# GUNU FANCY

ଏଠାରେ ସମସ୍ତ ପ୍ରକାରର ଚୁଡ଼ି ଓ ଫେନ୍ସି ସାମାନ ମିଳେ

**C/o. Somanath Sahu, Padmanavpur, Titilagarh**

Cell. 9853782959

# ADITYA JEWELLERS

**C/o. Biswanath Sahu, Padmanavpur, Titilagarh**

Cell. 9437240385

# ବାଧାବିଘ୍ନ ପାଦତଳେ ..

ଅନୁବାଦିକା: **ସୁନାରାଣୀ ସାହୁ**

ବାଧାବିଘ୍ନ ପାତଦଳେ ଚାପିଦେବା ଶିଖ
ଦବୁନି ଯା ମାଡ଼ି ଚାଲିବା ଶିଖ ॥୧॥
ଯଦି ଚାହଁ ପାଦଚିହ୍ନ ଛାଡ଼ିଯିବା ପାଇଁ
କିଛି ଭଲ କାମ କରି ନାଆ ରଖ ଭାଇ
ଅତୀତ କହୁଛି ଯଦି ଫେରିଯିବା ପାଇଁ
ସେଇ ଅତୀତକୁ ମାଡ଼ି ଚାଲିଯିବା ଶିଖ
ବାଧାବିଘ୍ନ ପାଦତଳେ ଚାପିଦେବା ଶିଖ
ନିଜେ ନ ଅଟକି ଆଗେ ବଢ଼ିଯିବା ଶିଖ ॥୨॥
ବାଲିଘର ନୁହେଁ ତାଜମହଲ ଗଢ଼ିବା
କୁତବମୀନାର ଜଳ ମଧ୍ୟେ ଭସାଇବା
ଯଦି ଚାହଁ ବଡ଼ କିଛି କରି ଚାଲିଯିବା
ପଥରକୁ ପଥରରେ ସାଇତିବା ଶିଖ
ନିଜେ ନ ଦବିକି ଆଗେ ବଢ଼ିଯିବା ଶିଖ ॥୩॥
ଲଙ୍କାଗଡ଼ ଜିତିବାଟା ଥିଲା ଅସମ୍ଭବ
କପି ସମୁଦ୍ର ଲଙ୍ଘିବା ନ ଥିଲା ସମ୍ଭବ
ଶୁଣିଛ କି ଶିଳା କେବେ ପାଣିରେ ଭାସିବ
ଭସାଇବ ତ ବିଶ୍ୱାସେ ରାମ ନାମ ଲେଖ
ବାଧାବିଘ୍ନ ପାଦତଳେ ଚାପିଦେବା ଶିଖ
ବିଶ୍ୱାସରେ ଦୃଢ଼ ହୋଇ ଆଗେଇବା ଶିଖ ॥୪॥
ଚାବି ନ ଥିବାର ତାଲା ଗଢ଼ିଥାଏ କିଏ ?
ସାହସ ବାନ୍ଧିବା ଲୋକ ସିନା ଜିତିଥାଏ
ଅନ୍ୟର ସାହାଯ୍ୟ ଯଦି ଥାଏ ସନ୍ଦେହରେ
ତା'ହେଲେ ଏକାକି ଲଢ଼ି ବଢ଼ିଯିବା ଶିଖ
ବାଧାବିଘ୍ନ ପାଦତଳେ ଚାପିଦେବା ଶିଖ
ଦବୁନି ଯା ତାକୁ ମାଡ଼ି ଚାଲିଯିବା ଶିଖ ॥୫॥

# ଜଟିଳ ପ୍ରଶ୍ନ

**ଶୁଶିଲ କୁମାର ସାହୁ**



ସତ ତ ସତ
ମିଛ ତ ମିଛ
ହେଲେ କି ବିଚିତ୍ର  ଜଗତ
ସତକୁ ମିଛ ମିଛକୁ ସତ
କରିବା ପାଇଁ ବି ଲୋକେ
ହୋଇଥାନ୍ତି ନିଯୁକ୍ତ ।
କାଉ ବସାରେ
ଅଣ୍ଡାଟିଏ ଛାଡ଼ିଦେଇ
କୋଇଲି କହିଲା
କାଉ ନିର୍ବୋଧ ।
କାଉ କିନ୍ତୁ ଖୁବ ଚତୁର
କୋଇଲି ଛୁଆକୁ ଆଲୋକ ଦେଖାଇ
ପ୍ରାୟଶ୍ଚିତ କରୁଛି
ପ୍ରତିଦିନ ଅର୍ଜୁଥିବା ପାପର
ପାପପୁଣ୍ୟକୁ ଭଲଭାବରେ
ଚିହ୍ନିଛି ମଣିଷ
ନ ହେଲେ କାମ ନ କରି
ଦରମା ନେଉଥିବା ଲୋକ
ପ୍ରତିଦିନ ସଂଧ୍ୟାରେ ଶୁଣୁଛି କିଆଁ
ବ୍ରଜଶଙ୍କରୀ ଦେବୀଙ୍କ ପ୍ରବଚନ ।

*With best compliments from*



Prop. *Mukesh Sahu*
**9938595626, 9668164472**
**7804013595, 9938645312**



# Lift Mixture Machine

**Contact for RCC**
**Mahulpali, RBS, Bargarh**

*With best compliments from*





# Sahu Repairing Shop

Station Road, Near Mangala Mandir
TITILAGARH, DIST. BALANGIR (ODISHA)

Prop. **Sadananda Sahu (Kuna)**
Mobile: 9668110681
Deals with all types of Fabrication Works

## ଗୋଟିଏ ଗୋଟିଏ

ସ୍ମରଣୀକା ସାହୁ (ଝୁମି)



ଗୋଟିଏ ଗୋଟିଏ ଫୁଲକୁ ଗୁନ୍ଥିଲେ
ହୋଇଯାଏ ଫୁଲମାଳ
ଟୋପାଏ ଟୋପାଏ ବରଷା ପାଣିରେ
ନଈ ଛୁଏଁ ଦୁଇ କୂଳ ।
ଗୋଟିଏ ଗୋଟିଏ ପଥର ଯୋଡ଼ିକି
ଗଢ଼ା ହେଲା କୋଣାରକ
ଗୋଟିଏ ଗୋଟିଏ ଶବଦ ଯୋଡ଼ିକି
ଲେଖିହେବ ଗୀତ ଗପ ।
ଟିକିଏ ଟିକିଏ ମହୁକୁ ସାଇତି
କେତେ ମହୁଫେଣା ହୁଏ
ଯାହା ଦୁନିଆର ମାନବ ଜାତିକୁ
ଅମୃତ ଯୋଗାଇ ଦିଏ ।
ଟିକିଏ ଟିକିଏ ମାଟିରେ କେମିତି
ଉଇହୁଙ୍କା ହୋଇଯାଏ
ଉଇହୁଙ୍କା ତଳେ ରତ୍ନାକର ଦସ୍ୟୁ
ବାଲମିକି ବନିଯାଏ ।
ଗୋଟି ଗୋଟି କରି ପଇସା ସଞ୍ଚିଲେ
ହେବ ଦିନେ ବଡ଼ ଧନୀ
ଟିକିଏ ଟିକିଏ ନିଇତି ପଢ଼ିଲେ
ହେବ ସିନା ମହାଜ୍ଞାନୀ ।
ଆମେ ଜାତିଭାଇ ଏକ ହେଲେ ଜାଣ
ଗଢ଼ା ହୋଇବ ସମାଜ
ସମାଜ ଜାଗିଲେ ଦୁନିଆ ଜାଗିବ
ହେବ ଚତୁର୍ବର୍ଗ ଲାଭ ।

**ବରିକେଲ, ପଦ୍ମପୁର**

## କହିଲ ଦେଖି ମୁଁ କିଏ?

ସନ୍ତୋଷିନୀ ସାହୁ, ଗୃହିଣୀ

ଛଅଟି ଅକ୍ଷରେ ନାମଟି ମୋର
ଜାତି ସଂଗଠନ ମଧ୍ୟରେ ସାର ।
ଚତୁର୍ଥ ତୃତୀୟ ଅକ୍ଷର ମିଶି
ସିଝା ଗୋରସର ଉପରେ ଭାସି ।
ଚତୁର୍ଥ ସଙ୍ଗେ ଷଷ୍ଠକୁ ମିଶାଇ
ବାସିର ବିପରୀତକୁ ବୁଝାଇ ।
ପ୍ରଥମ ସଙ୍ଗରେ ଷଷ୍ଠକୁ ଯୋଡ଼ି
ଓଟର ପିଠିରେ ଥାଏ ସେ ବଢ଼ି ।
ଚତୁର୍ଥ ପଞ୍ଚମ ଓ ଷଷ୍ଠାକ୍ଷର
ଅଟେ ନାମ ଖବର କାଗଜର ।
ଷଷ୍ଠକୁ ରଖି ତୃତୀୟ ଆଗରେ
ରୋଗ ଗୋଟିକୁ ତା ବୁଝାଇ ପାରେ ।
ପ୍ରଥମ ଦ୍ୱିତୀୟ ତୃତୀୟ ମିଶି
ଧନର ଦେବତାଙ୍କୁ ବୁଝାଏଟି ।
ତୃତୀୟ ଚତୁର୍ଥ ଦେଲେ ମିଶାଇ
ଫଳର ତରଳ ଅଂଶଟି ସେହି ।
ପଞ୍ଚମ ସହ ଚତୁର୍ଥ ମିଶିବ
ତିରିଶ ଦିନକୁ ତା ବୁଝାଇବ ।
ତୃତୀୟକୁ ଆଗେ ଷଷ୍ଠକୁ ପରେ
ରଖିଲେ ପର୍ବକୁ ବୁଝାଏ ଧୀରେ ।
ଷଷ୍ଠ ଅକ୍ଷର ସଙ୍ଗେ ପଞ୍ଚମକୁ
ଲେଖିଲେ ଯାହା ହେବ ଶୁଣ ତାକୁ ।
ଆୟରୁ ବ୍ୟୟକୁ ଯଦି ଫେଡ଼ିବ
ତେବେ ସେହି ଅର୍ଥକୁ ବୁଝାଇବ ।
ଉତ୍ତରକୁ ଯଦି ଦେଇପାରିବ
ଜ୍ଞାନୀଙ୍କ ମଧ୍ୟରେ ଗଣା ହୋଇବ ।

**ଟିଟିଲାଗଡ଼**

*With best compliments from*



# SURABHI BOOKS & FOOTWEAR

Prop: *Neeraj Kumar Sahu*

**Ramjee Mandir Complex, Chhindeikela, Dist. Bargarh**

**Cell. 9937997751**

ଶୁଭେଚ୍ଛା ସହ

# ସଁଚିତା ଫେନ୍ସି ଷ୍ଟୋର

ଦିଲ୍ଲିପ କୁମାର ସାହୁ-୯୬୬୮୩୩୩୭୩୪

ଦିଗନ୍ତ କୁମାର ସାହୁ-୯୬୬୮୪୧୪୧୪୯

ମେନ୍ ଛକ, ପାଇକମାଲ, ବରଗଡ଼ (ଓଡ଼ିଶା)

Kuber Samaja book 2018 - 500 book - Page No. 90

## ଇଟା ତ ମୋର୍ ଜନମ୍

**ଜଗନ ସାହୁ**



ଇଟା ତ ମୋର୍ ଜନମ୍ ମାଏଟ୍ ଇଟାତ ମୋର୍ ଗାଁ
ସବୁଠାନୁ ମଧୁର ଲାଗ୍‌ସି ମୋତେ ତାର୍ ନାଁ ରେ
ଯେନ୍ ମାଏଟ୍ ଥି ମୁଇଁ ଜନମ୍ ହେଲିଁ
ଖେଲିବୁଲି କରି ବଢ଼ଲିଁ
ଯାହାର ପାଏନ୍ ପବନ୍ ପାଇ ଏଡ଼କି ବଡ଼ ମୁଇଁ ହେଲି
ସେଟାତ ମୋର୍ ଗାଆଁରେ,
ଗାଆଁ ନୁହେଁସେ ମାଆଁ । ୧
ଯାହିଁ ଥିଲେ ବି ଯେନ୍‌ନେ ଥିଲେ ବି
ସବୁବେଲେଁ ଆଖିଁ ଝୁଲ୍‌ସି
ତାହାର୍ ମାୟାର୍ ବନ୍ଧନ୍ ମୋତେ
ସବୁବେଲେଁ ଘିଚ୍‌ସି ।
କେଭେଁ ବି ମୁଇଁ ନାଇଁ ଭୁଲିପାରେଁ
ତାର୍ ଅଭୁଲା ମାୟାରେ । ୨
ଜନମ୍ ମାଏଟ୍ ଆଉର୍ ନିଜର୍ ମାଆଁ
ସରଗ୍ ଠାନୁ ବି ଅଏଧିକା
ତାହାଁକର ସାଙ୍ଗେ ସମାନ ହେବା ଆଉର୍
କିଏ ଅଛେ ଏନ୍ତା ।
ପୁର୍‌ଷା ପୁର୍‌ଷୀନୁ ଧରି ରଖିଛେ
ସୁଖେଁ ଦୁଖେଁ ସାହାରେ ୩
ଗାଆଁର୍ ସେବା ଆଉର୍ ମାଆର୍ ସେବା
କରିପାର୍‌ଲେ ମୁଇଁ
ଜୀବନ୍‌ଟା ମୋର ସାଫୁଲ ହେବା
ତାହାହେଲେ ଯାଇ
ପିତାଧରମ୍ ମାତା ସରଗ୍
ଘୁଷୁଛେଁରେ ଦୁନିଆଁରେ । ୪

**ସରସତୀ ଶିଶୁ ମନ୍ଦିର, ପଦ୍ମପୁର**

## ପରିବାର



**ଶ୍ରୀମତୀ ପିଙ୍କି ସାହୁ**

ବୃଥା ଚେଷ୍ଟା କରନାରେ ଭାଇ
ନିଜ ହାତେ ଭାଙ୍ଗିଦେବା ପାଇଁ
ବାମନର ଚନ୍ଦ୍ରଧରାପ୍ରାୟ
ନ ହେଉରେ ତୋର ଅଭିପ୍ରାୟ
ମିଥ୍ୟା ଛନ୍ଦ କପଟରେ ରହି
ନିଜ ସ୍ୱାର୍ଥ ଚରିତାର୍ଥ ପାଇଁ
ବହୁଦିନୁ ଗଢ଼ା ବନ୍ଧନକୁ
ତୀକ୍ଷ୍ଣଧାରେ ନ ଦିଅ ଛିଣ୍ଡାଇ
ବିନ୍ଦୁ ବିନ୍ଦୁ ତ୍ୟାଗେ ମୂଳଦୁଆ
ଅଚଳ ଅସ୍ଥିରେ ହୋଇ ଠିଆ
ତୋଠାରୁ ସେ ନ ଯାଇ ଦୂରେଇ
ଆଜିଯାଏଁ ଅଛି ଉଭା ହୋଇ ।
ଦୁବ ଠାରୁ କଲା ତୋତେ ଦ୍ରୁମ
ତା ଦାନେ ତୁ ହୋଇଛୁ ମହାନ
ତା ଠୁଁ ଶିକ୍ଷା କର ସତ୍ୟ ଶାନ୍ତି
ମନରେ ନ ରଖି ଅନ୍ୟଭ୍ରାନ୍ତି ।
ସଂଜ୍ଞା ତାର ବହୁତ ବ୍ୟାପକ
ସ୍ୱାର୍ଥ ତ୍ୟାଗେ ରହେ ତା'ର ଟେକ
ସ୍ୱାର୍ଥେବନ୍ଧା ହେଲେ ହେବ ଚୂନା
ଭାଙ୍ଗିବାକୁ ଚେଷ୍ଟା ତୁ କରନା ।
ମହତ୍ ସେ ମହାନ୍ ହୋଇ ରହୁ
ତା ଗୌରବ ନିତି ବୃଦ୍ଧି ପାଉ ।
ପରସ୍ପର ସ୍ନେହେ ନିରନ୍ତର
ସରଗ ସଦୃଶ ପରିବାର ।
ସରଗ ସଦୃଶ ପରିବାର ।

**ପାଇକମାଲ**

## ମା' ପାଇଁ

**ସୌରେନ୍ଦ୍ର ସାହୁ (ହେପି)**



ତୋ କୋଳ ଛାଡ଼ିବା ପରେ ହିଁ ଦେଖିଛି
ସତ ମିଛର ଏ ଦୁନିଆଁକୁ
ତୋ ହାତ ଛାଡ଼ିବା ପରେ ହିଁ ଜାଣିଛି
ହସ ଲୁହର ଏ ସଂସାରକୁ ।
ତୋ ଡାକ ଶୁଣିବା ପରେ ହିଁ ବୁଝିଛି
ତା'ଠାରୁ ମଧୁର ନାହିଁ କିଛି
ତୋ ଛୁଆଁ ପାଇବା ପରେ ହିଁ ଭାବିଛି
ସେଇ ଅନୁଭବ ସବୁକିଛି ।
ତୋ କାନି ଧରିବା ପରେ ହିଁ ଜାଣିଛି
କେତେ ମହତ୍ତ୍ୱ ସେ ପଣତର
ତୋ ପାଦ ଛୁଇଁବା ପରେର ହିଁ ଲାଗିଛି
ଚଳନ୍ତି ଠାକୁର ତୁ ଯେ ମୋର ।
ତୋ ବିନା ଜୀଇଁ କି ମରିବା ସମାନ
ମାନେ ନାହିଁ କିଛି ଜୀବନର
ତୋ କଥା ଲେଖିବା ପରେ ହିଁ ଭାବୁଛି
ଶବ୍ଦ ସରିଗଲା ଦୁନିଆଁର
ମାଆ ତୁ ମହାନ ଏହି ଦୁନିଆଁରେ
ତୋର ସରି ଆଉ କେହି ନାହିଁ
ତୋର ସେ ପବିତ୍ର ପାଦେ ନମସ୍କାର
କରୁଛି ତୋ ଟିକି ଛୁଆ ମୁହିଁ ।

## ସୁନ୍ଦର

**ଚକ୍ରଧର ସୁବୁଦ୍ଧି**

ପୃଥିବୀ ସୁନ୍ଦର ଗଛ ପତର
ସୁରୁଜ ସୁନ୍ଦର ଖରା
ନଈକୁ ସୁନ୍ଦର ଡଙ୍ଗା ଚାଲିଲେ
ଆକାଶେ ସୁନ୍ଦର ତାରା ॥୧॥
ମନ୍ଦିର ସୁନ୍ଦର ଦେବତା ଥିଲେ
ଗୁହାଳ ସୁନ୍ଦର ଗାଈ
ଅଗଣା ସୁନ୍ଦର ପିଲା ଖେଳିଲେ
ନାତି କି ସୁନ୍ଦର ଆଈ ॥୨॥
କବି କି ସୁନ୍ଦର ଖାତା କଲମ
ବଗିଚା ସୁନ୍ଦର ଫୁଲ
ଦୋକାନ ସୁନ୍ଦର ଗରାଖ ଥିଲେ
ମୂଲିଆ ସୁନ୍ଦର ମୂଲ ॥୩॥
ଘରକୁ ସୁନ୍ଦର ଜିନିଷ ଥିଲେ
ବାଟେ ସୁନ୍ଦର ବାଟୋଇ
ଦେଶକୁ ସୁନ୍ଦର ସଚ୍ଚା ଶାସକ
ନାରୀ ହୋଇଲେ ପାଟୋଇ ॥୪॥
ସକାଳ ସୁନ୍ଦର କା' କା' ରାବ
ମଧ୍ୟାହ୍ନ ସୁନ୍ଦର କାମ
ସନ୍ଧ୍ୟାକୁ ସୁନ୍ଦର ସନ୍ଧ୍ୟା ଆରତୀ
ରାତିକି ସୁନ୍ଦର ଜହ୍ନ
ପିଲାଙ୍କୁ ସୁନ୍ଦର ବହି ବସ୍ତାନି
କୃଷକ ଥିଲେ କିଆରୀ
ଖେତକୁ ସୁନ୍ଦର ସୁନା ଫସଲ
ସମୁଦ୍ର ସୁନ୍ଦର ଲହରୀ ।

**ଅବସରପ୍ରାପ୍ତ ଶିକ୍ଷକ**
**ସଭାପତି, ନୂଆପଡ଼ା ସାହି**

I A S एकादमी डिस्कशन प्वांईट

# डिस्कशन प्वांईट

## IAS एकादमी



Director
Pragya Sahu

(हिन्दी माध्यम का सर्वश्रेष्ठ संस्थान)

CGPSC PRE | CGPSC MAINS | VYAPAM

एवं अन्य सभी प्रतियोगी परीक्षाओं हेतु

पता-पुराना हाईकोर्ट रोड पेट्रोल पंप के सामने बिलासपुर (छ.ग.)
Mo.8358059613, 9685373734

I A S एकादमी डिस्कशन प्वांईट



*With best compliments from*



# SAHU KIRANA STORE

At. Jhakarpada, Shivamandir Road, Titilagarh
Dist. Balangir, Cell. 9437429374

Prop. **Kedarnath Sahu**

# ଘୋଡ଼ଣୀ

**ଚକ୍ରଧର ସୁବୁଦ୍ଧି**

ମାଠିଆ ଉପରେ ଘୋଡ଼ଣୀଟି ଦିନେ
କହିଲା ମାଠିଆ ଭାଇ
ଗିଲାସ, ତାଟିଆ, କଂସା ତୋ ପାଖେ
ମାଗନ୍ତି ମୁଣ୍ଡ ନୁଆଁଇ ।
କାହାରିକୁ କେବେ କରି ନାହୁଁ ମନା
ସରାଗେ ଦେଉଛୁ ତୁ ଭରି
ତୋର ମହାନତା ସଭିଏଁ କହନ୍ତି
କିଏ ହେବ ତୋର ସରି ।
ମୁଣ୍ଡ ଉପରେ ତୋ ବସିଅଛି ମୁହିଁ
ସେବିକା ତୋହର ସାଜି
ଦେଇନାହୁଁ କେବେ ପାଣି ଟୋପେ ମୋତେ
କେଉଁ କଥା ମନେ ଭାବି ।
ସ୍ମିତ ହସ ଟିଏ ଫୁଟାଇ ମାଠିଆ
କହିଲା ଘୋଡ଼ଣୀ ଶୁଣ
ଛୋଟ ବଡ଼ ବୋଲି ଭାବେନି କାହାକୁ
ମୋଠାରେ ସବୁ ସମାନ
ମୋ ପାଖରେ ଯେବେ ମୁଣ୍ଡକୁ ନୁଆଁଇ
ନମ୍ରତା ସଭାବ ଧରି ।
ପାଣି ଟୋପେ ଯିଏ ମାଗିଅଛି ମୋତେ
ଖାଲି କେ ଯାଇନି ଫେରି ।
ଗର୍ବ ଅହଙ୍କାର ପାଥେୟ କରି ତୁ
ବସିଅଛୁ ମୁଣ୍ଡେ ମୋର
କେମିତି ଦେବି ମୁଁ ପାଣି ଟୋପେ ତୋତେ
ସ୍ନେହ ଅଟେ ମୋର ଘର ।
ତଳକୁ ଓହ୍ଲାଇ ମାଗିବୁ ଯେବେ ତୁ
ମୁଣ୍ଡକୁ ନୂଆଇଁ ମୋତେ
ଅଜାଡ଼ି ଦେବି ମୁଁ ସେନେହ ଶରଧା
ସାଇତି ରଖିଛି ଯେତେ ।

**ନୂଆପଡ଼ା**

# ବାପା

**ସୁଶ୍ରୀ ରୁକ୍ମଣୀ ସାହୁ**

କରିନାହାଁନ୍ତି ସେ ହେଳା କେବେହେଲେ
ଲାଳନେ ପାଳନେ ଆମ
ଦୁନିଆଁରେ କେହି ହୋଇ ପାରିବେନି
କେବେହେଲେ ତାଙ୍କ ସମ ।
ଜନମ ଦେଇଛି ସିନା ଆମ ମାଆ
ପୋଷୁଛନ୍ତି ଆମ ବାପା
ସଫଳ ହୋଇବ ଆମ ସବୁ କାମ
ସେ ଯେବେ କରିବେ କୃପା
କହିବା ଆଗରୁ ଯୋଗାଇ ଦିଅନ୍ତି
ଥାଏ ଯାହା ଦରକାର
ସେନେହ ଶ୍ରଦ୍ଧାରେ ରଖିଛନ୍ତି ବାନ୍ଧି
ଆମ ସାରା ପରିବାର
ନିଜ ପେଟରେ ସେ ଦେଇ ଓଦାକନା
ଆମକୁ ଖୁଆଇଥାନ୍ତି
ନିଜ ଆଶା ପୂର୍ଣ୍ଣ କରିବା ଆଗରୁ
ଆମକଥା ବୁଝିଥାନ୍ତି ।
ମୋ ଆଖିରେ ଲୁହ ଦେଖିଲେ ତାଙ୍କର
ମନରେ ଉଠଇ କୋହ
ମୋତେ ନ ଦେଖିଲେ କ୍ଷଣେ ସିଏ ତାଙ୍କ
ମନ ହୁଅଇ ଅଥୟ ।
ତାଙ୍କ ହୃଦୟରେ ଭରି ରହିଅଛି
ଦୟା, କ୍ଷମା, କୃପା ଗୁଣ
କେବେ ତୁମେ ମୋତେ ପର କରିବନି
ତୁମକୁ ମୋର ଏ ରାଣ
ଜଗତର ସବୁ ସୁଖ ପାଇଅଛି
ଆଉ କିଛି ଲୋଡ଼ା ନାହିଁ
ମନ ମୁତାବକ ବାପାଟିଏ ପାଇ
ଧନ୍ୟ ହୋଇଗଲି ମୁହିଁ ।
ବାପାଙ୍କ ଆଶୀଷ ଭରା ହାତ ଯଦି
ମୋ ମୁଣ୍ଡ ଉପରେ ଥାଏ
ଦୁନିଆର ସବୁ ଦୁଃଖ ଦୂର ହୋଇ
ସୁଖ ପ୍ରାପ୍ତି ହୋଇଥାଏ ।

**ଛାତ୍ରୀ, ଗନିଆଁପାଲି**

# ଅତୀତର ଗାଥା

ବିଜୟ କୁମାର ସାହୁ

ଜାତି ଇତିହାସ ଜାତିର ନିର୍ଝର
ସଦା ବହେ ତହୁଁ ଜାତି ପ୍ରାଣ ଧାର
ସେ ଧାରରୁ ନୀର ପିଉଛି ଯେ ନର
ହେବ ନିଶ୍ଚେ ଦିନେ ଜାତିକର୍ମବୀର
ଜାତିର ଦୁର୍ଗତି କାଳେ କର୍ମବୀର
ମଧୁବାବୁ ବାର୍ତ୍ତା କରିଲେ ପ୍ରଚ୍ଚର
ସୁପ୍ତ ରହିଥିଲା ଦିନେ ଯେଉଁ ଜାତି
ଆହ୍ୱାନେ ଡାକ ହୁଁ ଉଠିଲାକ ତାତି
ତେଜି ସ୍ୱାର୍ଥ ମୋହ ସ୍ୱାଧୀନତା ପାଇଁ
ଜାତି ଉନ୍ନତିରେ ଆସିଲେ ଆଗେଇ
ବ୍ରାହ୍ମଣ କ୍ଷତ୍ରୀୟ ବୈଶ୍ୟ ଶୁଦ୍ର ଚ୍ଚରି
ମାନବ ସମାଜେ ଅଛନ୍ତି ବିସ୍ତାରି
ବୈଶ୍ୟ ଜାତି ମଧ୍ୟେ ସ୍ୱତନ୍ତ୍ର ବିରାଜ
ନାଁଟି ତାହାର କୁବେର ସମାଜ
କୁବେର ସମାଜ ପୂରୁବ ପୁରୁଷ
ମାନବ ସମାଜେ ରଖିଥିଲେ ଯଶ
କୁଳ ଦେଶ ଯଶ ମାନ ରକ୍ଷା ପାଇଁ
କରିଲେ ବାଣିଜ୍ୟ ସପ୍ତସିନ୍ଧୁ ଡେଇଁ
ଯାଭା ବୋରୋନିଓଁ ସିଂହଳ ସୁମାତ୍ରା
ବାଲିଦ୍ୱିପେ ଦିନେ କରୁଥିଲେ ଯାତ୍ରା
କାର୍ତ୍ତିକ ପୂର୍ଣ୍ଣିମା ଶୁଭ ଅବସରେ
ବୋଇତ ମେଲାଇ ଯାଉଥିଲେ ଦୂରେ
ବାଣିଜ୍ୟେ ସେ ଦେଶୁ ଧନରତ୍ନ ସୁଖେ
ନେଇ ଫେରୁଥିଲେ ସ୍ୱଦେଶାଭିମୁଖେ
କାହିଁ ସେ ଗରବ ହଜିଲା ଅତୀତ
କଳ୍ପନାରେ ମନେ ନ ହୁଏ ପ୍ରତୀତ
ଉତ୍ତରଦାୟାଦ ରୂପେ ଆମେ ଆଜି
କଦଳି ବାହୁଙ୍ଗା ବୋଇତକୁ ସାଜି
କର୍ପୁର ଯାଇଛି କନା ରହିଅଛି
ତଥାପି କୁବେର ସମାଜ ବଞ୍ଚିଛି ।
ତଥାପି ମନରେ ନ ହୋଇ ନିରାଶ
ବଢ଼ାଇବା ଆମେ ସମାଜର ଯଶ
ଲୋଭ ମୋହ ମାୟା କପଟକୁ ତେଜି
କରିବା ଶପଥ ସ୍ୱାର୍ଥକୁ ବରଜି
ବୃଦ୍ଧଙ୍କ ଆଦେଶ ଯୁବକଙ୍କ କର୍ମ
ମହିଳା ପ୍ରେରଣା ଅଟେ ଆମ ଧର୍ମ
ଏସବୁ ହୋଇବ ପାଥେୟ ପଥର
ଜାତି ନନ୍ଦିଘୋଷ ହେବ ଅଗ୍ରସର
ଅଚିରେ ସଂକଳ୍ପ ହୋଇବ ପୂରଣ
ଶୁଭେ ବିଭୁବର କରିବେ ପ୍ରଦାନ
କାୟମନୋବାକ୍ୟ ଧନ ମାନ ଜନ
କୁବେର ସମାଜେ କରିବା ଅର୍ପଣ
ଅତୀତ ଐତିହ୍ୟ ଆସିବଟି ଫେରି
ଜାତି ସେବା କାର୍ଯ୍ୟେ ଦୃଢ଼ ମନ ଧରି
ବିନ୍ଦୁ ବିନ୍ଦୁ ଜଳେ ଗଢ଼ା ମହାସିନ୍ଧୁ
କୁବେର ସାଗରେ ଆମେ ଜଳବିନ୍ଦୁ
ପ୍ରତି ଜଳବିନ୍ଦୁ ଗଢ଼େ ମହାବର୍ତ୍ତ
କୁବେର ସମାଜ ଉନ୍ନତି ସମ୍ଭବ
ତେଜି ଅଭିମାନ ତେଜି ହିଂସା ଲଜ୍ଜା
ଉଡ଼ିବ ସମାଜେ ବିଜୟର ଧ୍ୱଜା

**କୁଡ଼ାସିଂହା, ବଲାଙ୍ଗୀର**
**ମୋ: ୯୫୫୬୬୬୭୭୩୦**

# ଭକ୍ତିଯୋଗ

**ପୂର୍ଣ୍ଣଚନ୍ଦ୍ର ସାହୁ**

ଦୁର୍ଲଭ ମାନବ ଜନମ,
ତାର ସଫଳାର୍ଥେ କରଯତନ
ସତ୍ୟଶାନ୍ତି ଦୟା କ୍ଷମା ଅସ୍ତ୍ରଘେନି
ବିଷୟକୁ କର ଛେଦନ
ଧର୍ମ ନଉକା ଆଶ୍ରେ କରି
ଭବସାଗରୁ ହୁଅ ପାରି,
କର୍ମ ଯୋଗାଭ୍ୟାସି ଜ୍ଞାନରେ ବିହରି,
ମହାତ୍ମା ଶ୍ରୀକୃଷ୍ଣ ବଚନ ।।
ପ୍ରତିମା ପୂଜାରେ ଭୋଳ ନ ହୋଇଣ
ପ୍ରତିଭାକୁ ଦିଅ ସମ୍ମାନ,
ଇନ୍ଦ୍ରିୟ ସଂଯମ ଆତ୍ମ ନିରୀକ୍ଷଣ
ଗୀତା ତ୍ତ୍ୱର ଏ ବିଧାନ,
ବିଷୟ ରସେ ନୁହମଗ୍ନ
ଧର୍ମ ନୀତି କର ଧାରଣ ।।
ଇନ୍ଦ୍ରିୟ ସଂଯମ ବଡ଼ହିଁ କଠିନ
କଲେ ପାଇବୁ ସଦ ଜ୍ଞାନ ।।
ବେଦ ତ୍ତ୍ୱ ଏବିଚାର
ତାମସ ତେଜିଣ ସତ୍ତ୍ୱକୁ ଧର ।
ବ୍ରହ୍ମା ନନ୍ଦେ ବ୍ରହ୍ମ ପଦପ୍ରାପ୍ତ ହେବ,
ଭକ୍ତି ଯୋଗର ଏ ଲକ୍ଷଣ,
କର୍ମ କରିଣ ଯାଆ ତୁହିଁ
ସାତ୍ତ୍ୱିକ ଭାବେ ନିତ୍ୟ ରହି ।
ଭକ୍ତି ଜ୍ଞାନ କର୍ମ ସମନ୍ୱୟକରି ।
ହୃଦପଦ୍ମେ କର ଧାରଣ ।
ନିତ୍ୟ ପ୍ରଣବ ଜପ କର
ଓଁ କାର ତତ୍ତ୍ୱରେ ବିହର ।।
ଅନ୍ତ କାଳେ ତୁହି ଲଭିବୁ ମୁକତି
ସତ୍‌ପଥରେ କର ଗମନ ।।

**ଶ୍ରୀ ସତୀଭଟା, ପୂରେନା, ବରଗଡ**

# ମମତାମୟୀ ମାଁ

**ଶୁଭମ୍ ସାହୁ**

ଜନମ ହେଲାଠୁଁ ମୁଖରେ ବାହାରେ
ପ୍ରଥମ ଅକ୍ଷର ମାଁ
ଜୀବନଯାତ୍ରାର ସବୁ ସୁଖେ ଦୁଃଖେ
ସିଏ ଅଟେ ଏକା ସାହା
ମାଁର ମମତା ଯିଏ ପାଇଅଛି
ପାଇଛି ସେ ସବୁ ସୁଖ
ମାଁର ଆଖିରେ ଲୁହ ଦେବ ଯିଏ
ବରଣ କରିବ ଦୁଃଖ ।
ମାଆ ସିନା ସିଏ ଭୋକରେ ରହିକି
ଆମକୁ ଖୁଆଇ ଥାଏ
ସ୍ନେହ ଶ୍ରଦ୍ଧା ସବୁ ସମାନ ଭାବରେ
ସନ୍ତାନକୁ ବାଣ୍ଟିଦିଏ
ନିଜ ସବୁ ଦୁଃଖ ଭୁଲିଯାଇ ସିଏ
ପୋଛିଦିଏ ଆମ ଲୁହ
ଖୁସିରେ ଆମର ଖୁସି ହୁଏ ସେ ତ
ଛାତିରେ ଚାପିଣ କୋହ
ଜନମ ହେଲାଠୁଁ ବଡ଼ ହେବା ଯାଏ
ପାଳିପୋଷି ବଡ଼ କରେ
ଅଳି ଅରଦଳି ସହିକରି ଆମ
ଦୋଷା ଦୋଷ କ୍ଷମା କରେ ।
ହାତ ଧରି ଆମ ଶିଖାଇଛି ଚାଲି
ମୁଖରେ ଦେଇଛି ଭାଷା
ଆମେ ନ ବୁଝିଲେ ବୁଝିବ ବା କିଏ
ତା'ମନ ଅନ୍ତର ବ୍ୟଥା ।
ତା'ମନ ଜାଣିକି ସେବା କଲେ ଯାଇଁ
ଶୁଝିହେବ ମାତୃଋଣ
ମାତୃ ଆଶୀର୍ବାଦ ଲାଭ କରେ ଯିଏ
ହୋଇଥାଏ ତାର ପୁଣ୍ୟ ।

**ଗଣିଆପାଲି, ବରଗଡ଼**






## ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

# ୰ ବସନ୍ତ କୁମାର ସାହୁ

ଗ୍ରାମ: ସିରତୋଲ, ଜିଲ୍ଲା: ନୂଆପଡ଼ା
ଆବିର୍ଭାବ: ୦୩/୦୨/୧୯୬୧, ତିରୋଧାନ: ୦୪/୧୨/୨୦୧୭
ରାତ୍ର ୯ଘ:୧୫ ଘଟିକା ମାର୍ଗଶୀର ମାସ ପୂର୍ଣ୍ଣିମା ଗତ ପ୍ରତିପଦା ତିଥି

**ସ୍ତ୍ରୀ - ସଂଯୁକ୍ତା ସାହୁ**



**ତୁମର ଆଦର୍ଶ, ଧର୍ମପରାୟଣ ଓ ପର ଉପକାରିତା, ସରଳଳ ଆମାୟିକ ଜୀବନ, ତ୍ୟାଗ, ସ୍ନେହ, ଶ୍ରଦ୍ଧା ଆମର ପଥ ପ୍ରଦର୍ଶକ ହେଉ । ତୁମର ଆରାଧ ଦେବତା ପ୍ରଭୁ ଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛୁ ତୁମର ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ।**

ସ୍ତ୍ରୀ - ସଂଯୁକ୍ତା ସାହୁ, ପୁତ୍ର - ସୁଜିତ କୁମାର ସାହୁ, ବିଶ୍ୱଜିତ ସାହୁ, ଝିଅ - ଶ୍ରଦ୍ଧାଞ୍ଜଳୀ ସାହୁ

# ନବାନ୍ନ

ଫକୀର ସାହୁ



ସୁନ୍ଦର ଆମର ଏଇ ତ ସଂସାର
ସୁନ୍ଦର ତାହାରି କୋଳ
ତାହାରି ଭିତରେ ଜୀବନ ଆମର
ସୁଖରେ କାଟଇ କାଳ ॥
ଋତୁ ନେଇ କେତେ ପରବ ଆଣଇ
ଦେବାକୁ ମନେ ସରାଗ
ନୂଆଁଖାଇ ପର୍ବ ଆସଇ ଭାଦ୍ରବେ
ଦେବାପାଇଁ ସୁଖଭୋଗ ।
ଠାକୁରାଣୀ ପାଖେ ନୈବେଦ୍ୟ ପାଇଁକି
ପିଠାପଣା, ଫୁଲ, ଫଳ
ଅଗୁରୁ, ଚନ୍ଦନ, ସିନ୍ଦୁର, କଙ୍କଣ
ଅର୍ପିତ ହୁଏ କଜ୍ଜ୍ୱଳ ॥
ଠାକୁରାଣୀ ଭୋଗ ଖାଇବା ପାଇଁକି
ଉତ୍‌ଫୁଲ୍ଲ ସଭିଙ୍କ ମନ
ଏକସଙ୍ଗେ ବସି ପରିବାର ମିଶି
ସୁଖେ ଭୁଞ୍ଜନ୍ତି ନବାନ୍ନ
ମନ ମତାଣିଆ ହସ ଖୁସି ଭରି
ସଭିଏଁ ହୋଇ ଏକତ୍ର
ନୂଆଁଖାଇ ପର୍ବ ପାଳନ କରନ୍ତି
ଖାଇକି ଯେ ଭୋଜିଭାତ ॥
ବରଷକେ ଥରେ ଏକବାର ଆସେ
ଭାଇଚାରା ବୁଣିବାକୁ
ଯେତେଦୂରେ ଥିଲେ ଆସି ମିଳି ସର୍ବେ
ପାଳନ୍ତି ଏହି ପର୍ବକୁ ॥
କ୍ଷୀଣ ଜୀବନରେ ଖୁସିର ଜୁଆର
ମନକୁ କରେ ହରଷ
ମିଳିକି ରହିଲେ ପରିବାର ଲୋକେ
ଆତ୍ମାରେ ଆଣେ ସନ୍ତୋଷ ॥
ପ୍ରକୃତି ଅଣାଏ ଜୀବନ ସଂଚାର
ବୁଣିବାକୁ ଭାଇଚାରା
ନବାନ୍ନ ଆମର ନୂଆଁ ରୂପ ଧରି
ଶିଖାଏ ଶାନ୍ତିର ଧାରା ॥

**ଗଙ୍ଗାନଗର, ପାଟଣାଗଡ଼**
**୯୬୬୮୮୦୬୯୦୮୩**

# ସାଧବ ପୁଅ

ଅଶୋକ କୁମାର ସାହୁ

ସାଧବ ପୁଅ ଆମ ଯାଉଥିଲେ ଦୂର ଦେଶ ପାରେ
ବଣିଜ କରିବା ପାଇଁ
ବୋଇତ ବନ୍ଦାଇ ଆଣୁଥିଲେ ସାଧବାଣୀ ଆମ
ନାରିକେଳ ଜଳ ଦେଇ ।
ତାରକସି କାମେ ହୋଇ ଧୁରନ୍ଧର ରଖିଯାଇଥିଲେ ଖ୍ୟାତି
ଜାଭା ସୁମାତ୍ରାକୁ ଭେଟିଦେଇଥିଲେ ଜଗନ୍ନାଥଙ୍କ ସଂସ୍କୃତି
ମା ମଙ୍ଗଳାକୁ ସାକ୍ଷୀ ରଖି ସେ ତ ଯାଉଥିଲା ଦୂର ଦେଶେ,
ନୀଳ ସାଗରରେ ବୋଇତ ମେଲାଇ ବହୁ ହରଷେ ।
ସାଧବ ପୁଅରୁ ଅପଭ୍ରଂଶ ହୋଇ ହୋଇଗଲା ସିଏ ସାଧୁ,
ସାଧୁ ଠାରୁ ଧୀରେ ଧୀରେ ସେତ
ସାହୁ ବୋଲି ଶୁଭେ ମୁଖୁଁ ।
ଏଇ ଜାତି ବୀରଗାଥା ଗାଇଲେ କି କହିଲେ ସରିବ ନାହିଁ
ଜାଣିବି ଅଜଣା ଆଜି ଏଇ ଜାତି ଏତେ ନିରାଶ କିମ୍ପାଇଁ ।
ବେପାର ବଣିଜ କରି ଭରି ଥିଲା ଧନରତ୍ନର ଭଣ୍ଡାର
ସାଇ ପଡ଼ିଶାଙ୍କ ମନେ ଭରୁଥିଲା ବହୁ ଖୁସିର ସମ୍ଭାର ।
କୁବେର ପୁତ୍ର ବୋଲିଣ ସଭିଏଁ ଡାକନ୍ତି ମନ ଆନନ୍ଦେ,
ବଣିକ ପୁଅ ମୁଁ ସଭିଙ୍କୁ ମୋହିବି ମନରଖି ମୋ ବେପାରେ
ରାଜା ମହାରାଜା ସେତ ରହିଥିଲାଟି ଆସନ
ଯୁଗେ ଯୁଗେ ସେତ ରହିଛି ରହିବ ଏ ଆମ ଜାତି ସମ୍ମାନ
ଏକତାର ବାର୍ତ୍ତା ଆଜି ବି ରହିଛି ଏଇ ଜାତି ଅନ୍ତରରେ
ସେଦିନ ଆସିଛି ଆଜିପରା ଏବେ ପୁଲକ ଜାଗୁ ମନରେ ।
ବଣିକ ପୁଅ ମୁଁ ବଣିଜ ମୋ ସାଥୀ ବଣିଜ ଭରସା ଆମ
ସତ୍ୟ ଶାନ୍ତି ମାର୍ଗେ ଚାଲୁଥିବ ରଥ ଜିଇଁଥିବୁ ଯେତେ ଦିନ ।
ବାଣିଜ୍ୟେ ବସତି ଲକ୍ଷ୍ମୀ ବୋଲି କରି ରହିଅଛି ପ୍ରବାଦରେ
ଏଣୁକରି ଆଜି ସମୟ ଆସିଛି ଆଣ ତାକୁ ସ୍ମରଣରେ
ସାଧବ ପୁଅ ବି ସାଜିପାରେ ଆଜି ସବୁ କ୍ଷେତ୍ରରେ ନାୟକ
ମଙ୍ଗଳା ମା'ଙ୍କୁ ସୁମରି ମନରେ ରଖୁଥିବ ନିଜ ଟେକ ।
ସଭା ହେଉ କିବା ମହାସଭା ହେଉ ସବୁଠି ତାହାକୁ ଖୋଜା,
ତୈଳିକ ବୈଶ୍ୟ ସମାଜ ନାମରେ ସବୁଠି ବାଜୁଛି ବଜା
ଜୟ ଜଗନ୍ନାଥ ... ଜୟ କୁବେର

**ପ୍ରଧାନଶିକ୍ଷକ**
**ସରକାରୀ ପ୍ରାଥମିକ ବିଦ୍ୟାଳୟ, ପୁତୁଲାତଲାଇ**

ଶୁଭେଚ୍ଛା ସହ



# ସାହୁ ବର୍ତ୍ତନ ଭଣ୍ଡାର

ପ୍ରୋ: ବ୍ରଜକିଶୋର ସାହୁ

**ଛିନ୍ଦେକେଲା, ବରଗଡ଼, ଓଡ଼ିଶା**

**ମୋ: ୯୯୩୮୫୫୫୫୮୭**

ଶୁଭେଚ୍ଛା ସହ



# ଓଁ ସାଇ ମୋଟର୍ସ

**ଅଞ୍ଚଳ କଲେଜ ରୋଡ଼, ପଦ୍ମପୁର**

ପ୍ରୋ: ଦେବେନ୍ଦ୍ର କୁମାର ସାହୁ (ପିଣ୍ଟୁ) (ବରିକେଲ)

*ଏଠାରେ ସମସ୍ତ ପ୍ରକାରର ଟ୍ରାକ୍ଟର, ଚାରିଚକିଆ ଯାନର ପାର୍ଟ୍ସ୍ ମିଳେ ଓ ଡ୍ରାଇଭିଂ ଲାଇସେନ୍ସ କରାହୁଏ*

# ଟପ୍ ଚିହ୍ନା ତୁଇ ଦେବୁ

**ଶ୍ରୀମତୀ ଲକ୍ଷ୍ମୀ ସାହୁ**



ଆ-ରେ ଗେଲେହି ବାବୁ
ତୁଇଁ ପରେ ପାଠ୍ ପଢ଼୍‌ବୁ ।୦ ।
ଯା ଆଏବୁ ଗାଧି଼୍ , ପେଁଟ କୁର୍ତ୍ତା ପିନ୍ଧି
ରାଁ ପି କୁରି ହେଇ ଭାତ୍ ମୁଠେଖାଇ
ଜଲଦି ଇସ୍କୁଲକେ ଯିବୁ ।୧ ।
ଧର୍ ବହିସିଲେଟ ଯାଆଝଟ ଝଟ
ଇସ୍କୁଲକେଯାଇ ପଢ଼ବୁ ମନ୍‌ଦେଇ
ତୋର ଆଜ୍ଞାକେ ଜୁହାର କର୍ବୁ ।୨ ।
ପାଠେଁ ଦେଲେଁ ମନ୍ ହେବା ବୁଧି଼୍ ଜ୍ଞାନ
ଜାନ୍‌ବୁ କେତେ କଥା - ପାଠ ପଢ଼ିଲେଁ ପୁତା ।
ବଡ୍ ଲୋକଟେ ତୁଇଁ ହେବୁ ।୩ ।
ପାଠ୍ ନାଇଁ ପଢଲେଁ ତୁଇଁ
ଯିବୁ ମୂରୁଖ୍ ହେଇ ।
